RNI No.ODIODI/2010/33031
୧୬ ବର୍ଷ Volume-16
ISSUE -188 ସଂଖ୍ୟା-୧୮୮
ଭୁବନେଶ୍ୱର, ଶୁକ୍ରବାର ୧୦ ଅକ୍ଟୋବର ୨୦୨୫
Bhubaneswar, Friday 10 October, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ୧୧ରେ ପାଣ୍ଡରା ଫିସ ମାର୍କେଟର ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୯।୧୦(ନି.ପ୍ର.): ଆସନ୍ତା ୧୧ରେ ଭୁବନେଶ୍ୱର ପାଣ୍ଡରାରେ ଫିସ ମାର୍କେଟର ଶିଳାନ୍ୟାସ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଶିଳାନ୍ୟାସ କରିବେ। ଭର୍ଚୁଆଲ୍ ଜରିଆରେ ଫିସ୍ ମାର୍କେଟ୍‌ର ଶିଳାନ୍ୟାସ କରିବେ ମୋଦି। ପ୍ରାୟ ୬୦ କୋଟି ବ୍ୟୟରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ଯୋଜନାରେ ନିର୍ମାଣ ହେବ ଏହି ଫିସ ମାର୍କେଟ। ଏନେଇ ଭୁବନେଶ୍ୱର ମେୟର ସୂଚନା ସୁଲୋଚନା ଦାସ ସୂଚନା ଦେଇଛନ୍ତି।

ତେବେ ଉତ୍ତର ଭୁବନେଶ୍ୱରର ପାଣ୍ଡରା ଅଂଚଳରେ ଏହି ଆଧୁନିକ ମାଛ ମାର୍କେଟ ପାଇଁ ଦୀର୍ଘ ସମୟରୁ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରି ଆସୁଥିଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ୨୦୨୪ ସେପ୍ଟେମ୍ବର ମାସରେ ଭୁବନେଶ୍ୱର ସାଂସଦ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ସାକ୍ଷାତ କରି ସବିଶେଷ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ସହମତି ପରେ ଏହି ପ୍ରକଳ୍ପ କେନ୍ଦ୍ରକୁ ଯାଇଥିଲା। ଏହାପରେ ପ୍ରକଳ୍ପକୁ ମଞ୍ଜୁରି ମିଳିଛି। ୫.୮୦ ଏକର ଜମିରେ ହେବାକୁ ଥିବା ଏହି ପ୍ରକଳ୍ପକୁ କେନ୍ଦ୍ର ମତ୍ସ୍ୟ ଓ ପଶୁ ପାଳନ ଏବଂ ଡାଏରୀ ଗମେଣ୍ଟ ଅଫ୍ ଇଣ୍ଡିଆ ପକ୍ଷରୁ ମଞ୍ଜୁରି ମିଳିବ ପରେ ଏବେ ପ୍ରଧାନମନ୍ତ୍ରୀ ଏହାର



ଶିଳାନ୍ୟାସ କରିବେ। ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ନିର୍ମାଣ କାର୍ଯ୍ୟ ତଦାରଖ କରିବ, ଯେଉଁଥିରେ ବିଭିନ୍ନ କାର୍ଯ୍ୟ ପାଇଁ ଛଅଟି କୋଠା ଅନ୍ତର୍ଭୁକ୍ତ। ହୋଲସେଲ୍ ସେକ୍ସନରେ ଓଜନ, ପ୍ରକ୍ରିୟାକରଣ, ପ୍ୟାକିଂ ଏବଂ ପରୀକ୍ଷଣ ସୁବିଧା ସହିତ ସଜ୍ଜିତ ୪୪ଟି ଏ+୩ ୟୁନିଟ୍ ରହିବ। ଏକ ସମର୍ପିତ ନିଲାମ କ୍ଷେତ୍ର, ପ୍ରଶାସନିକ ବ୍ଲକ ଏବଂ ଶୀତଳ ଭଣ୍ଡାର ୟୁନିଟ୍ ସୁଗମ କାର୍ଯ୍ୟକୁ ସମର୍ଥନ କରିବ। ଖୁଚୁରା ଅଞ୍ଚଳରେ ବିଭିନ୍ନ ଆକାରର ୧୦୦ଟି କିଓସ୍କ ରହିବ। ଅତିରିକ୍ତ ସୁବିଧା ମଧ୍ୟରେ ଏକ କ୍ୟାଣ୍ଟିନ୍, ଡେକେୟାର ରୁମ୍, ଛାତ୍ରାବାସ ଏବଂ କର୍ମଚାରୀ ଏବଂ ଡ୍ରାଇଭରମାନଙ୍କ ପାଇଁ ବିଶ୍ରାମ କ୍ଷେତ୍ର ଅନ୍ତର୍ଭୁକ୍ତ। ବଜାରରେ ସୌରଚାଳିତ ସିଷ୍ଟମ, ବ୍ୟାଟେରୀ ଯାନ ଚାର୍ଜିଂ ଷ୍ଟେସନ ଏବଂ ପ୍ରକୃତ-ସମୟ ମୂଲ୍ୟ ପ୍ରଦର୍ଶନ ବୋର୍ଡ ମଧ୍ୟ ରହିବ।ବର୍ଜ୍ୟବସ୍ତୁ ପରିଚାଳନାକୁ ପ୍ରାଥମିକତା ଦିଆଯିବ, ନିର୍ଗତ ପ୍ରକ୍ରିୟାକରଣ ଏବଂ ହାଇଡ୍ରୋଲାଇଜେଟ୍ ପ୍ଲାଣ୍ଟ ଦ୍ୱାରା ମାଛର ବର୍ଜ୍ୟବସ୍ତୁକୁ ଜୈବିକ ସାରରେ ପରିଣତ କରାଯିବ। ଅଧିକାରୀମାନେ ଆଶା କରୁଛନ୍ତି ଯେ ଏହି ବଜାର ଦୈନିକ ୪୫୦ ଟନ୍ ପର୍ଯ୍ୟନ୍ତ ମାଛ ପ୍ରକ୍ରିୟାକରଣ କରିବ, ଯାହା ପରିଷ୍କାର ପରିଚ୍ଛନ୍ନତା ମାନଦଣ୍ଡ ଏବଂ ଆର୍ଥିକ କାର୍ଯ୍ୟକଳାପକୁ ବୃଦ୍ଧି କରିବ।

# ମା' ସମଲେଶ୍ୱରୀ ପୀଠ ବିକାଶ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୯।୧୦(ନି.ପ୍ର.): ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ମା' ସମଲେଶ୍ୱରୀ ପୀଠର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସମୀକ୍ଷା ବୈଠକରୁ ଜଣାଯାଇଛି ଯେ ମା' ସମଲେଶ୍ୱରୀ ମନ୍ଦିର ବିକାଶ କାମ ୩୧୬ କୋଟି ଟଙ୍କା ବିନିଯୋଗରେ ୮୨ ଏକର ପରିମିତ ଅଞ୍ଚଳରେ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଛି । ପ୍ରଥମ ପର୍ଯ୍ୟାୟରେ ମନ୍ଦିର ଚତୁର୍ପାର୍ଶ୍ୱର କରିଡର ନିର୍ମାଣ, ଗୋପାଳଜିଉ ମଠର ବିକାଶ, ଦୀପ ଘର, ପାର୍କିଂ ସୁବିଧା, ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ସହିତ ଅନ୍ୟାନ୍ୟ ଯାତ୍ରୀ ଓ ଦର୍ଶନାର୍ଥୀ ସୁବିଧା ଉପଲବ୍ଧ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଭକ୍ତ ନିବାସ, ଲେକ୍ ଜୋନ୍, ଦୋକାନ ଗୃହ, ଫୁଡ ପାର୍କ, ପାର୍କିଂ ଏବଂ ପ୍ରବେଶ ପଥ ବିକଶିତ କରାଯିବ। ଓଡିଶାର ପ୍ରସିଦ୍ଧ ଶକ୍ତିପୀଠ ମା' ସମଲେଶ୍ୱରୀଙ୍କ ପୀଠରେ ବର୍ଷ ତମାମ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମାନଙ୍କ ଭିଡ ଲାଗିରହିଥାଏ । ଏଥିସହିତ ସମ୍ବଲପୁର ଜିଲ୍ଲାର ମଧ୍ୟ ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ପ୍ରସିଦ୍ଧି ରହିଛି । ସେଥିପାଇଁ ଦେଶବିଦେଶରୁ ପର୍ଯ୍ୟଟକମାନେ ବହୁ ସଂଖ୍ୟାରେ ଆସିଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସମସ୍ତ କାର୍ଯ୍ୟକୁ ବିଶ୍ୱସ୍ତରୀୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଏଥିସହିତ ନିର୍ମାଣ ହେବାକୁ ଥିବା ଭକ୍ତ ନିବାସରେ ଅଧିକ ସଂଖ୍ୟକ ଭକ୍ତଙ୍କ ରହଣି ସୁବିଧା ପାଇଁ, ଆବଶ୍ୟକସ୍ଥଳେ ବହୁତଳ ବିଶିଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।ମନ୍ଦିର ବିକାଶ କାର୍ଯ୍ୟ ପାଇଁ ବିସ୍ଥାପିତ ହେଉଥିବା ବାସିନ୍ଦାଙ୍କ ଉପଯୁକ୍ତ ଥଇଥାନ ପ୍ରତି ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ପୂର୍ତ୍ତ ଓ ଆଇନମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।



ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ବିଧାନସଭା ପ୍ରାଙ୍ଗଣରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଭିନ୍ନ ମାନ୍ୟଗଣ୍ୟ ଅତିଥି ଶ୍ରଦ୍ଧା ସୁମନ ଅର୍ପଣ କରୁଛନ୍ତି।

# ମମତାଙ୍କୁ ଜବାବ

## ପଶ୍ଚିମବଙ୍ଗରେ ଦଙ୍ଗା କରନ୍ତି ଦିଦି : ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୯।୧୦(ନି.ପ୍ର.): କଟକରେ ମା ଦୁର୍ଗାଙ୍କ ଭସାଣି ସମୟରେ ହୋଇଥିବା ଗଣ୍ଡଗୋଳ ଏବଂ ତା ପରବର୍ତ୍ତୀ ସ୍ଥିତିକୁ ନେଇ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓଡିଶାର ବିଜେପି ସରକାରଙ୍କ ସମାଲୋଚନା କରିଛନ୍ତି । ଏବେ ମମତାଙ୍କୁ କାଉଣ୍ଟର କରିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ସେ କହିଛନ୍ତି, ପଶ୍ଚିମବଙ୍ଗରେ ଦଙ୍ଗା କରନ୍ତି ମମତା ବାନାର୍ଜୀ।

କୃଷ୍ଣ ପାତ୍ର କହିଛନ୍ତି, ମମତା କୁହାଳିଆ, କେତେବେଳେ କଣ କହନ୍ତି ନିଜେ ଜାଣନ୍ତି ନାହିଁ । ସେ ନିଜେ ପଶ୍ଚିମବଙ୍ଗରେ ଦଙ୍ଗା କରାଉଛନ୍ତି। ଆମ ସରକାର ଅନୀତି, ବେନିୟମକୁ କେବେବି ପ୍ରଶ୍ରୟ ଦିଅନ୍ତି ନାହିଁ । ମୁଖ୍ୟମନ୍ତ୍ରୀ କହି ସାରିଛନ୍ତି, ଯିଏ ଦୋଷୀ ସେମାନଙ୍କୁ ଛଡା ଯିବ ନାହିଁ । ତେଣୁ ମମତା ଆମ କଥା ଛାଡି ନିଜ ରାଜ୍ୟ ଉପରେ ନଜର ରଖନ୍ତୁ । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଥିଲେ ଯେ, ବିଜେପି କଟକରେ ହିଂସା କରାଇଛି । ଏଥିପାଇଁ ରାଜ୍ୟ ସରକାର ଦାୟୀ ବୋଲି ସେ କହିଥିଲେ। ଆଉ ଏହାର ପାଲଟା ଜବାବ ଦେଇଛନ୍ତି ମନ୍ତ୍ରୀ କୃଷ୍ଣ ପାତ୍ର । କଟକରେ ଅକ୍ଟୋବର ୩ ତାରିଖରେ ମା ଦୁର୍ଗାଙ୍କ ଭସାଣି ସମୟରେ ଦରଘା ବଜାରରେ ମା ଦୁର୍ଗାଙ୍କ ମେଢ ଓ ଶୋଭାଯାତ୍ରାରେ ସାମିଲ୍ ଲୋକଙ୍କ ଉପରେ ପଥରମାଡ ହୋଇଥିଲା । ଏହାକୁ ନେଇ କଟକରେ ହିଂସା ଦେଖିବାକୁ ମିଳିଥିଲା । ସଂଖ୍ୟାଲଘୁର ସମୁଦାୟଙ୍କ ଏମିତି କାର୍ଯ୍ୟକୁ ନିନ୍ଦା କରାଯାଇଥିଲା । ଏହାର ପ୍ରତିବାଦରେ ବିଶ୍ୱ ହିନ୍ଦୁ ପରିଷଦ କଟକ ବନ୍ଦ ଡାକରା ଦେବା ସହ ରାଲି ବାହାର କରିଥିଲା ।

# ଭସାଣି ଗଣ୍ଡଗୋଳ : ଆଉ ୩ ଜଣ ଗିରଫ, ଘରେ ଘରେ ଯାଞ୍ଚ

କଟକ,୯।୧୦(ନି.ପ୍ର.): କଟକ ଦଶହରା ଭସାଣୀରେ ୨ ଗୋଷ୍ଠୀ ଗଣ୍ଡଗୋଳ ଘଟଣା। ଆଉ ୩ ଜଣଙ୍କୁ ଗିରଫ କରିଛି କମିଶନରେଟ ପୋଲିସ। ପୂର୍ବରୁ ୬ ଜଣ ଗିରଫ ହୋଇଥିବାବେଳେ ଆଜିର ଗିରଫ ସଂଖ୍ୟାକୁ ମିଶାଇ ଏହି ସଂଖ୍ୟା ୯ରେ ପହଞ୍ଚିଥିବା କହିଛନ୍ତି ଏସିପି ଗିରିଜା ଚକ୍ରବର୍ତ୍ତୀ। ଆଗକୁ ଗିରଫଦାରୀ ସଂଖ୍ୟା ବଢିପାରେ ବୋଲି କୁହାଯାଇଛି।



ସେପଟେ, କଟକ ଡିସିପିଙ୍କ ତରଫରୁ ସହରବାସୀଙ୍କ ପାଇଁ ୨ଟି ମୋବାଇଲ୍ ନଂ ଜାରି କରାଯାଇଛି । ମୋବାଇଲ୍ ନଂ ୭୩୨୮୦୭୭୩୨୪/୮୪୮୦୫୧୩୦୦୭ ଜାରି ହୋଇଛି। ଗୁଜବ କିମ୍ବା ମିଥ୍ୟା ସୂଚନାରେ ବିଶ୍ୱାସ ନ କରିବାକୁ ପରାମର୍ଶ ଦିଆଯାଇଛି। କୌଣସି ସନ୍ଦେହଜନକ ବାର୍ତ୍ତା ପାଇଲେ ଦୁଇ ମୋବାଇଲ ନଂରେ ଜଣାଇବାକୁ କୁହାଯାଇଛି। ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ହାତୀପୋଖରୀ ଅଞ୍ଚଳରେ ପୋଲିସ ଘରେ ଘରେ ପଶି ଯାଞ୍ଚ କରୁଛି। କିଛି ମସଜିଦ ପାଖ ଅଞ୍ଚଳ ମଧ୍ୟ ଯାଞ୍ଚ ହୋଇଛି।

ଓଡିଶା ପୋଲିସ ସହ ମିଶି କେନ୍ଦ୍ରୀୟ ଫୋର୍ସର ଖୋଳତାଡ ଜାରି ରହିଛି । ୨ ଏସିପି, ୩ ଆଇଆଇସିଙ୍କ ସହ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ସେହିପରି, ଆସନ୍ତାକାଲି ଶୁକ୍ରବାର ସମୂହ ନମାଜ ପାଠ ଆଳରେ କିଛି ବିଶୃଙ୍ଖଳା ହେବ ବୋଲି ଆଶଙ୍କା କରି ପୋଲିସ ପକ୍ଷରୁ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି। କୌଣସି ଗୁଜବ ଉପରେ ଧ୍ୟାନ ନଦେବାକୁ ପୋଲିସ କହିଛି। ଏହି କ୍ରମରେ ଗୁଜବ ନକରିବା ଓ ଶାନ୍ତି ବଜାୟ ରଖିବାକୁ ମହଲା କମିଟି ଅନୁରୋଧ କରିଛି ।ଆଜି ହାତୀପୋଖରୀ ଅଞ୍ଚଳରେ ପୋଲିସ କରୁଛି ଯାଞ୍ଚ । ଘରେ ଘରେ ପଶି ଯାଞ୍ଚ କରୁଛି କମିଶନରେଟ ପୋଲିସ । ଓଡିଶା ପୋଲିସ ସହ କେନ୍ଦ୍ରୀୟ ଫୋର୍ସର ଖୋଳତାଡ ଆରମ୍ଭ ହୋଇଛି । ୨ ଏସିପି, ୩ ଆଇଆଇସିଙ୍କ ସହ ପୋଲିସ ଟିମ୍ ଏହି ରେଡ୍ ରେ ସାମିଲ ହୋଇଛନ୍ତି ।

## ଲିଙ୍ଗରାଜ ମନ୍ଦିରରେ ଏଏସଆଇ ଟିମ୍

ଭୁବନେଶ୍ୱର: ବଜ୍ରପାତରେ ଲିଙ୍ଗରାଜ ମନ୍ଦିରର ପତାକା ପୋଡି ଯାଇଛି। ଏହା ସହିତ ସିସି ଟିଭି ଜଳି ଯାଇଛି। ଗର୍ଭଗୃହ ଭିତରେ ବଲବ୍ ଫାଟି କାଚ ଗୁଣ୍ଡ ପଡ଼ିଛି। ଅନେକ ସେବାୟତ ଓ ଶ୍ରଦ୍ଧାଳୁଙ୍କୁ ବିଦ୍ୟୁତ ଆଘାତ ଲାଗିଥିବା ସେମାନେ କହିଛନ୍ତି।

## ଡାହୁକ



ଆଉ କାମ ଦେଉନାହିଁ ନୋଓଟ
ନିର୍ବାଚନ କମିଶନରଙ୍କ ଦ୍ୱାରା
ଚୋରି କରାହୁଏ ଭୋଓଟ
ତୁଣ୍ଡେ ତୁଣ୍ଡି ଦେଇ ବସିଲେ ଏମିତି
ନ ଖୋଲିଲେ ତରି ତୁଣ୍ଡକୁ
କେତେବେଳେ ଦେଶ ବିକି ଖାଇଯିବେ
କି ଭରଷା ମୁଖଁ ମୁଣ୍ଡକୁ।
- ବିଧୂ

## ଓପିଏସ୍ ସ୍ତରରେ ଅଦଳବଦଳ

# ବଦଳିଲେ ବ୍ରହ୍ମପୁର ଅତିରିକ୍ତ ଏସ୍‌ପି

ଭୁବନେଶ୍ୱର,୯।୧୦(ନି.ପ୍ର.): ରାଜ୍ୟ ସରକାର ଓପିଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି । ରାଜ୍ୟର ୧୯ ଜଣ ଅତିରିକ୍ତ ଏସପିଙ୍କର ଗୁରୁବାର ବଦଳି କରାଯାଇଛି । ବଲାଙ୍ଗୀର ଅତିରିକ୍ତ ଏସପି ଆଲୋକ କୁମାର ଜେନା ପୁଣି ଥରେ ବ୍ରହ୍ମପୁରକୁ ଫେରିଛନ୍ତି । ବ୍ରହ୍ମପୁର ଅତିରିକ୍ତ ଏସପି ସୀମା ସ୍ୱାଇଁ ତାଲଚେର ଏନସିଆରକୁ ବଦଳି ହୋଇଛନ୍ତି । ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ପରେ ଏହା ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି । ଆଲୋକ ଜେନା ପୂର୍ବରୁ ବ୍ରହ୍ମପୁର ପୋଲିସ ଅଧିନରେ ଥିବା ଅନେକ ଥାନାରେ କାର୍ଯ୍ୟ କରିସାରିଛନ୍ତି । ସେହିପରି ବରଗଡ଼ (ଆଇୟୁସିଏଡବ୍ଲ୍ୟୁ) ଅତିରିକ୍ତ ଏସପି ଇନ୍ଦୁରେଖା ପଶ୍ଚିମକବାଟ ଢେଙ୍କାନାଳ (ଆଇୟୁସିଏଡବ୍ଲ୍ୟୁ)ର ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ଏଇଟି, ଏସଓଜି ଅତିରିକ୍ତ ଏସପି ଅମ୍ରିତ କୁମାର ପଣ୍ଡା ବଲାଙ୍ଗୀର (ଆଇୟୁସିଏଡବ୍ଲ୍ୟୁ) ବଦଳି ହୋଇଛନ୍ତି । ଭିଜିଲାନ୍ସ ଅତିରିକ୍ତ ଏସପି ହୋଇଛନ୍ତି ରାୟଗଡ଼ା (ଆଇୟୁସିଏଡବ୍ଲ୍ୟୁ) ଅତିରିକ୍ତ ଏସପି ସ୍ୱସ୍ତିକ ପଣ୍ଡା, ସସ୍ମିତା ସାହୁ, ଅଶ୍ୱିନୀ କୁମାର ନାୟକ, ହରପ୍ରିୟା ନାୟକ । ବରଗଡ଼ ଡିଆଇବି ଅତିରିକ୍ତ ଏସପି ସୌରଭ ଓଝା କଟକ ପୋଲିସ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହୋଇଛନ୍ତି ।

# ପୁଲିସ ଏସ୍‌ଆଇ ପରୀକ୍ଷା ଦୁର୍ନୀତି : 'ବଣିକ'ରେ ଚଢ଼ଉ

ଭୁବନେଶ୍ୱର,୯।୧୦(ନି.ପ୍ର.): ଓଡ଼ିଶା ପୁଲିସ୍ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆରବି) ଦ୍ୱାରା ପରିଚାଳିତ ହେବାକୁ ଥିବା ଓଡିଶା ପୁଲିସ ସବ୍‌ଇନ୍‌ସ୍ପେକ୍ଟର (ଏସ୍‌ଆଇ) ନିଯୁକ୍ତି କେଳେଙ୍କାରୀ ମାମଲାରେ କ୍ରାଇମବ୍ରାଞ୍ଚ ଆଉ ଏକ ବଡ ଖୁଲାସା କରିଛି। ଏହି ପରୀକ୍ଷାରେ ଜାଲିଆତି ମାମଲାରେ କ୍ରାଇମବ୍ରାଞ୍ଚ ରାଜ୍ୟର ଏକ ଜଣାଶୁଣା ଘରୋଇ କୋଚିଂ ସେଣ୍ଟର 'ବଣିକ' ଉପରେ ଚଢ଼ଉ କରିଛି। ଇନଷ୍ଟିଚ୍ୟୁଟରେ ଏସ୍‌ଆଇ ଆଶାୟୀ ପାର୍ଥୀଙ୍କୁ ତାଲିମ ଅଭିଯୋଗରେ ଏହି ଚଢ଼ଉ ହୋଇଛି। ପୁଲିସ ଏସ୍‌ଆଇ ପରୀକ୍ଷା ଦୁର୍ନୀତି ମାମଲାରେ ଗିରଫ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ଭିତରୁ ଜେରା ବେଳେ ୧୧ ଜଣ ସିଧାସଳଖ 'ବଣିକ'ର ନାଁ ନେଇଥିବା କୁହାଯାଉଛି। ସେମାନେ 'ବଣିକ'ର ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ଶାଖାରେ କୋଚିଂ ନେଉଥିଲେ। ସୂଚନାଯୋଗ୍ୟ, ପୁଲିସ ଏସ୍‌ଆଇ ପରୀକ୍ଷା ଦୁର୍ନୀତି ମାମଲାରେ ୧୧୯ ଜଣ ଗିରଫ ହୋଇଛନ୍ତି। ଏବେବି ଏହାର ମାଷ୍ଟର ମାଇଣ୍ଡ ଶଙ୍କର ପୃଷ୍ଟି ଓ ମୁନ୍ନା ମହାନ୍ତି ଫେରାର ଅଛନ୍ତି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ନରେନ୍ଦ୍ର ବେହେରା କହିଛନ୍ତି, ୧୦ ଜଣଙ୍କ ବୟାନ



ଆଧାରରେ ଏହି ଚଢ଼ଉ କରାଯାଇଛି। ଆଜି ଚଢ଼ଉ ସମୟରେ ୬ ଜଣଙ୍କ ବାବଦରେ ତଥ୍ୟ ଏକାଠି କରିଛି ଟିମ୍। ବଣିକ ଇନଷ୍ଟିରେ ଏସଆଇ ଆଶାୟୀମାନେ ଟ୍ରେନିଂ ନେଇଥିଲେ କି ନାହିଁ, ସେନେଇ ଖୋଳତାଡ଼ କରୁଛି ଟିମ୍‌ଓ ସର୍ଭର ଡାଉନ ଥିବାରୁ ଡାଟା ରିକଭରି କରିବା କଷ୍ଟ ହୋଇଛି। କିନ୍ତୁ ସମସ୍ତ ଡାଟା ନେଇ ସାରିବା ପରେ କ୍ରାଇମବ୍ରାଞ୍ଚ ଟିମ୍ ଫେରିବ। ପୁଲିସ ଏସ୍‌ଆଇ ପରୀକ୍ଷା ବାତିଲ ପରେ ରାଜ୍ୟ ସରକାର ତନାଘନା ଜୋର୍‌ଦାର କରିଛନ୍ତି। ୨୦୨୪ ଜୁନ୍‌ରୁ ଆଜି ପର୍ଯ୍ୟନ୍ତ ବାତିଲ ହୋଇଥିବା ପରୀକ୍ଷାଗୁଡିକର ରିପୋର୍ଟ ଦାଖଲ କରିବାକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସମସ୍ତ ନିଯୁକ୍ତି ବୋର୍ଡ ଏବଂ ଆୟୋଗଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତିଲ ହୋଇଥିବା ପରୀକ୍ଷାଗୁଡିକର ସମ୍ପୂର୍ଣ୍ଣ ବିବରଣୀ ମେଲ୍ ମାଧ୍ୟମରେ ପଠାଇବାକୁ କୁହାଯାଇଛି। ଯେଉଁଥିରେ ଓଡିଶା ପୁଲିସ ନିଯୁକ୍ତି ବୋର୍ଡ(ଓପିଆରବି) ସମେତ ଓଡିଶା ପୁଲିସ ଷ୍ଟେଟ୍ ସିଲେକ୍ସନ୍ ବୋର୍ଡ (ଓପିଏସ୍‌ଏସ୍‌ବି), ଓଡିଶା ପୁଲିସ ମିନିଷ୍ଟେରିଆଲ୍ ଷ୍ଟାଫ୍ ସିଲେକ୍ସନ୍ ବୋର୍ଡ (ଓପିଏମ୍‌ଏସ୍‌ଏସ୍‌ବି), ସିଲେକ୍ସନ୍ ବୋର୍ଡ (ପୁଲିସ)ର ଅଧ୍ୟକ୍ଷ, ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଓ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡିଶା ପବ୍ଲିକ ସର୍ଭିସ୍ କମିସନ୍ (ଓପିଏସ୍‌ସି), ଓଡିଶା ଷ୍ଟାଫ୍ ସିଲେକ୍ସନ୍ କମିସନ (ଓଏସ୍‌ଏସ୍‌ସି), ଓଏସ୍‌ଏସ୍‌ଏସ୍‌ସି, ରାଜ୍ୟ ସିଲେକ୍ସନ୍ ବୋର୍ଡ (ଉଚ୍ଚଶିକ୍ଷା) ସଚିବଙ୍କୁ ପତ୍ର ଲେଖାଯାଇଛି। ଆଜି ହିଁ ଏସବୁର ତାଲିକା ପଠାଇବାକୁ କୁହାଯାଇଥିଲା। ତେବେ ରାତି ସୁଦ୍ଧା କେଉଁ କେଉଁ ବୋର୍ଡ ଓ ଆୟୋଗ ରିପୋର୍ଟ ପଠାଇଲେ, ତାହା ସ୍ପଷ୍ଟ ହୋଇ ନାହିଁ।

# ହଙ୍ଗେରି ଲେଖକ ଲାସଲୋଙ୍କୁ ସାହିତ୍ୟରେ ନୋବେଲ

ଷ୍ଟକହୋମ,୯।୧୦(ନି.ପ୍ର.): ହଙ୍ଗେରିରେ ଲେଖକ ଲାସଲୋ କ୍ରାଜନାହୋରକାଇଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର ମିଳିବ । ତାଙ୍କର ଉପନ୍ୟାସ ହର୍ସଟ୍ ୦୭୭୬୯ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିବ । ଏହି ଉପନ୍ୟାସରେ ସାଂପ୍ରତିକ ଜର୍ମାନିର ସାମାଜିକ ଅସ୍ଥିରତା ତଥା ହିଂସା ଓ ସୌନ୍ଦର୍ଯ୍ୟ ଉପରେ ଏହାର ପ୍ରଭାବର ସୁନ୍ଦର ଚିତ୍ରଣ ପାଇଁ ତାଙ୍କୁ ଚୟନ କରାଯାଇଛି । ୧୯୫୪ ମସିହାରେ ହଙ୍ଗେରି ଓ ରୋମାନିଆ ସୀମାରେ ଥିବା ଗ୍ରାମ ଗ୍ୟୁଲାରେ ଜନ୍ମଗ୍ରହଣ କରିଥିବା କ୍ରାଜନାହୋରକାଇଙ୍କ ଲେଖାର କେତେକ ସ୍ୱତନ୍ତ୍ରତା ରହିଛି । ତାହା ହେଉଛି ଲମ୍ବା ଓ ଜଟିଳ ବାକ୍ୟ ଓ ସେଥିରେ ଲୁଚି ରହିଥିବା ଗଭୀର ଦାର୍ଶନିକ ଅର୍ଥ ।

୧୯୫୪ ମସିହାରେ ହଙ୍ଗେରି ଓ ରୋମାନିଆ ସୀମାରେ ଥିବା ଗ୍ରାମ ଗ୍ୟୁଲାରେ ଜନ୍ମଗ୍ରହଣ କରିଥିବା କ୍ରାଜନାହୋରକାଇଙ୍କ ଲେଖାର କେତେକ ସ୍ୱତନ୍ତ୍ରତା ରହିଛି । ତାହା ହେଉଛି ଲମ୍ବା



ଓ ଜଟିଳ ବାକ୍ୟ ଓ ସେଥିରେ ଲୁଚି ରହିଥିବା ଗଭୀର ଦାର୍ଶନିକ ଅର୍ଥ । ସ୍ୱିଡିସ ଏକାଡେମୀ ପକ୍ଷରୁ ହିଁ ପ୍ରତିବର୍ଷ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥାଏ । ନୋବେଲ ପୁରସ୍କାରର ବିଭିନ୍ନ ବର୍ଗ ମଧ୍ୟରେ ସାହିତ୍ୟ ପୁରସ୍କାରଟି ଅନ୍ୟତମ ଲୋକପ୍ରିୟ ପୁରସ୍କାର ଭାବେ ପରିଗଣିତ ହୋଇଥାଏ । ୧୯୦୧ରୁ ୨୦୨୪ ମଧ୍ୟରେ ମୋଟ ୧୨୧ ଜଣ ସାହିତ୍ୟରେ ନୋବେଲ ପୁରସ୍କାର ଜିତିଛନ୍ତି । ସେମାନଙ୍କ ମଧ୍ୟରୁ ୧୮ ଜଣ ମହିଳା ଅଛନ୍ତି ।ଗତ ବର୍ଷ ଦକ୍ଷିଣ କୋରିଆ ଲେଖକ ହାନ କାଙ୍ଗଙ୍କୁ ସାହିତ୍ୟ ନୋବେଲ ପୁରସ୍କାର ମିଳିଥିଲା । ସେହିପରି ୨୦୨୩ରେ ଜନ ଫୋସେ ଓ ୨୦୨୨ରେ ଆନି ଆର୍ନକ୍ସଙ୍କୁ ସାହିତ୍ୟ ନୋବେଲ ମିଳିଥିଲା । ୨୦୨୧ରେ ତାଞ୍ଜାନିଆର ଲେଖକ ଅବଦୁଲରଜାକ୍ ଗୁର୍ନାଙ୍କୁ ନୋବେଲ ସାହିତ୍ୟ ପୁରସ୍କାର ମିଳିଥିଲା । ୨୦୧୮ ମସିହାର ସାହିତ୍ୟରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇନଥିଲା। ତାହା ଏପର୍ଯ୍ୟନ୍ତ ସ୍ଥଗିତ ରହିଛି । ଯୌନ କେଳେଙ୍କାରି ଅଭିଯୋଗ ଉଠିବା ପରେ ସେବର୍ଷ ନୋବେଲ ସାହିତ୍ୟକୁ ସ୍ଥଗିତ ରଖାଯାଇଥିଲା ।

# ସୁଧୁରିବନି ପାକିସ୍ତାନ : ମସୁଦ ଭଉଣୀ ସମ୍ଭାଳିବେ ମହିଳା ଆତଙ୍କୀ ଶାଖା

ନୂଆଦିଲ୍ଲୀ,୯।୧୦: ଭାରତର ଅପରେସନ ସିନ୍ଦୁରରେ ବଡ ଝଟକା ପାଇଥିବା କୁଖ୍ୟାତ ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦ ଏବେ ଅଣ୍ଟା ସଳଖିବାକୁ ଉଦ୍ୟମ ଆରମ୍ଭ କରିଛି। ଅପରେସନ ସିନ୍ଦୁର ସମୟରେ ଭାରତୀୟ ସେନା ପାକିସ୍ତାନର ବାହାବଲପୁରରେ ଥିବା ଜୈଶର ମୁଖ୍ୟାଳୟ ମର୍କଜ ସୁଭାନାଲ୍ଲାକୁ ଧ୍ୱଂସ କରିଥିଲା। ଏହି ଝଟକା ପରେ ଏବେ ଜୈଶ ନୂଆ ରଣନୀତି ଆପଣାଇବାକୁ ନିଷ୍ପତ୍ତି ନେଇଛି। ଏହି ଆତଙ୍କୀ ସଂଗଠନ ପକ୍ଷରୁ ନିଜର ପ୍ରଥମ ମହିଳା ବ୍ରିଗେଡ ଖୋଲିବାକୁ ଯାଉଥିବା ଘୋଷଣା କରିଛି। ଜୈଶର ପ୍ରଥମ ମହିଳା ଆତଙ୍କୀ ଶାଖାର ନାଁ ଜମାତ-ଉଲ-ମୋମିନାତ ରଖାଯାଇଛି। ଜୈଶର ମୁଖିଆ ମୌଲାନା ମସୁଦ ଆଝାର ନାଁରେ ଜାରି ହୋଇଥିବା ଗୋଟିଏ ଚିଠି ଦ୍ୱାରା ଏହି ଖବରକୁ ସାର୍ବଜନୀନ କରାଯାଇଛି।

ମହିଳା ଶାଖା ଜମାତ-ଉଲ-ମୋମିନାତରେ ନିଯୁକ୍ତି ମଧ୍ୟ ଆରମ୍ଭ ହୋଇଯାଇଛି। ଅକ୍ଟୋବର ୮ରୁ ବାହାବଲପୁରରୁ ସଦସ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି। ସୂତ୍ର ଅନୁସାରେ, ଜୈଶ ମହିଳା ୱିଙ୍ଗର



ନେତୃତ୍ୱ ସାଦିୟା ଆଝାର ନେଉଛି। ସାଦିୟା ହେଉଛି ମସୁଦ ଆଝାରର ଭଉଣୀ। ଅପରେସନ ସିନ୍ଦୂର ସମୟରେ ଭାରତୀୟ ସେନାର ଷ୍ଟ୍ରାଇକରେ ଆଝାର ପରିବାର ଏକାଧିକ ସଦସ୍ୟ ନିହତ ହୋଇଥିଲେ। ଏମାନଙ୍କ ମଧ୍ୟରେ ସାଦିୟାର ସ୍ୱାମୀ ୟୁସୁଫ ଆଝାର ରହିଥିଲା। ୟୁସୁଫର ମୃତ୍ୟୁ ପରେ ଜୈଶ ଗଠନ କରିଥିବା ମହିଳା ୱିଙ୍ଗର ମୁଖିଆ ଭାବେ ତା' ପତ୍ନୀ ସାଦିୟାକୁ ନିଯୁକ୍ତି ମିଳିଛି। କୁହାଯାଉଛି ଯେ ଏହି ଆତଙ୍କବାଦୀ ସଂଗଠନରେ ଜୈଶର ସଦସ୍ୟ ହୋଇଥିବା ବ୍ୟକ୍ତିମାନଙ୍କ ପତ୍ନୀ ଓ ଆର୍ଥିକ ପଛୁଆ ବର୍ଗର ମହିଳାଙ୍କୁ ସାମିଲ କରାଯାଉଛି। ବିଶେଷ କରି ବାହାବଲପୁର, କରାଚି, ମୁଜାଫରବାଦ, କୋଟଲି, ହରିପୁର ଓ ମାନସେହରା ଠାରେ ଥିବା କେନ୍ଦ୍ରଗୁଡିକରେ ପଢୁଥିବା ଯୁବତୀ ଏବଂ ମହିଳାମାନଙ୍କୁ ଜମାତ-ଉଲ-ମୋମିନାତ ପାଇଁ ଟାର୍ଗେଟ କରାଯାଉଛି।

ଜୈଶର ମହିଳା ୱିଙ୍ଗ ମାନସିକ ଯୁଦ୍ଧରେ ସାମିଲ ହେବ। ସଂଗଠନ ସମ୍ପର୍କରେ ପ୍ରଚାର କରିବ ଓ ତୃଣମୂଳ ସ୍ତରରେ ନିଯୁକ୍ତି କଥା ବୁଝିବ। ସୋଶାଲ ମିଡିଆ, ହ୍ୱାଟସ ଆପ ଗ୍ରୁପ ଓ କିଛି ମଦ୍ରାସାରେ ଜମାତ-ଉଲ-ମୋମିନାତର କାର୍ଯ୍ୟକ୍ରମକୁ ପ୍ରଚାର ପ୍ରସାର କରାଯାଉଛି। ଜମ୍ମୁ-କଶ୍ମୀର, ଉତ୍ତର ପ୍ରଦେଶ ଓ ଦକ୍ଷିଣ ଭାରତର କିଛି ଅଞ୍ଚଳରେ ଅନଲାଇନ ଦ୍ୱାରା ଜମାତ-ଉଲ- ମୋମିନାତିର ନେଟୱର୍କକୁ ବିସ୍ତାର କରିବାକୁ ପ୍ରୟାସ ଚାଲିଛି। ଜୈଶ ପୂର୍ବରୁ ମହିଳାମାନଙ୍କୁ ସଶସ୍ତ୍ର ଜିହାଦ ଓ ଲଢ଼େଇ ମିଶନରୁ ଦୂରେଇ ରଖୁଥିଲା। କିନ୍ତୁ ଭାରତର ଶାଣିତ ଜବାବ ପରେ ଜୈଶ ନିଜର ଆଭିମୁଖ୍ୟ ବଦଳାଇଛି।



## ପୌରପାଳିକା ପକ୍ଷରୁ ଖୋଲିଲା ଜରୁରି ସେବା କେନ୍ଦ୍ର

ଅନୁଗୁଳ,୯ ।୧୦:(ମନ୍ଥନ)ଅନୁଗୁଳ ସହରରେ ଆରମ୍ଭ ହୋଇଛି ମା ଲକ୍ଷ୍ମୀ ଙ୍କ ପୂଜା । ମା'ଙ୍କ ଦର୍ଶନ ସାଙ୍ଗକୁ ପୂଜା ବଜାର ବୁଲିବାକୁ ଲୋକଙ୍କ ସୁଅ ଛୁଟିଛି ସହର ମଧ୍ୟକୁ । ଲୋକାରଣ୍ୟ ପାଲଟିଛି ଅନୁଗୁଳସହର । ପୂଜା ସମୟରେ ସହରକୁସଫାସୁତୁରା ରଖିବାକୁ ପୌରପାଳିକାଜୋରଦାର ଉଦ୍ୟମ ଚଳାଇଛି । ପରିମଳ ବ୍ୟବସ୍ଥା ଅଧିକ ବ୍ୟବସ୍ଥିତ କରିବାକୁ ପୌର କାର୍ଯ୍ୟାଳୟ ସାମ୍ନାରେ ଖୋଲାଯାଇଛି ଜରୁରିକାଳୀନ ସେବା କେନ୍ଦ୍ର । ଏହି କେନ୍ଦ୍ରରେ ୧୦ ଜଣ ସଫେଇ କର୍ମଚାରୀ ପ୍ରସ୍ତୁତ ହୋଇ ରହିଥିବା ବେଳେସମସ୍ତ ପ୍ରକାର ସଫେଇ ଉପକରଣରହିଛି । କେଉଁଠି କେହି ପୂଜା କମିଟିସଫେଇ ନେଇ ଯୋଗାଯୋଗ କରିବାମାତ୍ରେ ସଫେଇ କର୍ମଚାରୀ ତୁରନ୍ତ ପହଞ୍ଚି ଯାଉଛନ୍ତି । ଅନୁଗୋଳ ପୌରପାଳିକା ପକ୍ଷରୁ ସେବା ଯୋଗାଇ ଦେବାପାଇଁ ପୌର ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ ଏହି ନୂତନ ବ୍ୟବସ୍ଥା ଅପଣାଇଛନ୍ତି । ଅନ୍ନପ୍ରସାଦବଣ୍ଟନର ଖଲିପତ୍ର ଉଠାଇବାଠୁ ନେଇ ସମସ୍ତ ପ୍ରକାର ପରିମଳ ସେବା ଯୋଗାଇ ଦେବା ପାଇଁ ସଫେଇ କର୍ମଚାରୀ ପ୍ରସ୍ତୁତ ଥିବା ପୌରପାଳିକା ପକ୍ଷରୁ ସୂଚନା ଦିଆଯାଇଛି ।

## ମାଁ ରାମଚଣ୍ଡୀ ପୀଠରେ ଚାମୁଣ୍ଡା କ୍ଲବ୍ ତରଫରୁ ପ୍ରସ୍ତୁତି ବୈଠକ

ଗଞ୍ଜାମ,୯ ।୧୦:(ମନ୍ଥନ) ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡା ପଞ୍ଚାୟତ ରେ ଥିବା ପ୍ରତିଷ୍ଠିତ ଶକ୍ତିପୀଠ ମାଁ ରାମଚଣ୍ଡୀ ଶକ୍ତିପୀଠ ରେ ଗଞ୍ଜାମ । ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବୁରୁଡି ଅଞ୍ଚଳର ମା' ଚାମୁଣ୍ଡା କ୍ଲବ୍ । ଗ୍ରୀନ ପିସ ଭିଲେଜ ଫାଉଣ୍ଡେସନ ଓ ମାଁ ରାମଚଣ୍ଡୀ ପୂଜା କମିଟି ର ମିଳିତ ଆନୁକୂଲ୍ୟରେ। ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଗୋପାଳପୁର ପୋର୍ଟ ଅଦାନୀ ଫାଉଣ୍ଡେସନ ର ସି.ଏସ.ଆର ମୁଖ୍ୟ ଦେବଦତ୍ତ ମିଶ୍ର ଯୋଗ ଦେଇଥିଲେ । ଏହି ବୈଠକ ରେ ବିଭିନ୍ନ ବିଷୟ କୁ ନେଇ ଚର୍ଚ୍ଚା ହୋଇଥିଲା ସେଥିମଧ୍ୟରୁ ଆସନ୍ତା ୧୨. ୧୦. ୨୦୨୫ ।ରବିବାର ଦିନ ସ୍ୱେଚ୍ଛାସେବୀ ସଂଗଠନ । ଗ୍ରୀନ ପିସ ଭିଲେଜ ଫାଉଣ୍ଡେସନର ଦଶ ବର୍ଷ (୧୦) ପୂର୍ତ୍ତୀ ଅବସରରେ ରମ୍ଭା



କଲ୍ୟାଣ ମଣ୍ଡପ ରେ ହେବାକୁ ଥିବା କାର୍ଯ୍ୟକ୍ରମ କୁ କିପରି ସଫଳ କରାଯିବ ତାହା ମୁଖ୍ୟ ପ୍ରସଙ୍ଗ ଥିଲା । ସ୍ୱେଚ୍ଛାସେବୀ ସଂଗଠନ ଗ୍ରୀନ ପିସ ଭିଲେଜ ଫାଉଣ୍ଡେସନ ର ପ୍ରତିଷ୍ଠାତା ତଥା ଏହି ଅନୁଷ୍ଠାନର ମୁଖ୍ୟ ପ୍ରତାପ ନାୟକ, ମା' ରାମଚଣ୍ଡୀ ଟ୍ରଷ୍ଟ ର କୋଷାଧକ୍ଷ ଲକ୍ଷ୍ମୀ ନୃସିଂହ ପଣ୍ଡା, ସଂଯୋଜକ କମଳ ପଣ୍ଡା, କରପଡା ପଞ୍ଚାୟତ ସରପଞ୍ଚ ଅଜୟ ନାୟକ,ପୂଜା କମିଟି ସଭାପତି ଶ୍ରୀ ଦୟାନନ୍ଦ ରେଡ୍ଡୀ,ଉପସଭାପତି ଦିବାକର ନାୟକ, ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ନାୟକ(ମହାରାଜ), ତ୍ରିପତି ବାଲାଜୀ ମିଶ୍ର,ଜ୍ୟୋତିସ ଦୀପକ ଦାସ ଓ ଚାମୁଣ୍ଡା କ୍ଲବ ର ମୁଖ୍ୟ ରବୀନ୍ଦ୍ର ନାୟକ ଙ୍କ ସହିତ ଅନ୍ୟ ସମସ୍ତ କମିଟି ସଦସ୍ୟ ଓ ରାମଚଣ୍ଡୀ ପୂଜା କମିଟି ସହ ସମ୍ପାଦକ ଦଣ୍ଡପାଣି ମହାରଣା, ସହ ସଂଯୋଜକ ତୁଷାର ଶତପଥି, ଶଙ୍କର ନାୟକ, କୋଷାଧକ୍ଷ କୁଞ୍ଜ ନାୟକ, ବୃନ୍ଦାବନ ନାୟକ, କେଦାର ନାୟକ, ସୁଧୀର ମହାରଣା, ଶଙ୍କର ଚର୍ତ୍ତୀ, ଗୋପାଳ ନାୟକ, ବରୁଣ ଚୌଧୁରୀ,ଉପେନ୍ଦ୍ର ବେହେରା ଏହା ସହିତ ଚାମୁଣ୍ଡା କ୍ଲବ୍ ସଦସ୍ୟ - ଅବକାଶ, ସମୀର, ସୁଶାନ୍ତ, ପପୁ , ଗୟା ଚାନ୍ଦ, ବସନ୍ତଯଗ୍ରୀନ ପିସ୍ ଭିଲେଜ୍ ଫାଉଣ୍ଡେସନ- ପ୍ରକାଶ, ପ୍ରଶାନ୍ତ ଆରୁଅ। ରାଜପୁତ ମହୋତ୍ସବ ସଂଯୋଜକ - ବିକାଶ, ପଞ୍ଚାନନ, ଲୁନା , ପ୍ରମୋଦ ସମସ୍ତେ ଉପସ୍ଥିତ ଥିଲେ ।

## ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହତ୍ୟାକାଣ୍ଡ ପ୍ରତିବାଦରେ ଅନୁଗୁଳ ଓକିଲଙ୍କ କଲମ ଛାଡ଼ ଆନ୍ଦୋଳନ

ଅନୁଗୁଳ, ୯ ।୧୦:(ମନ୍ଥନ)ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା ପ୍ରତିବାଦରେ ଆନ୍ଦୋଳନକୁଓହ୍ଲାଇଛି ଅନୁଗୁଳ ଓକିଲ ସଂଘ । ଅନୁଗୁଳରଆଇନ୍ଜୀବୀ ମାନେ କଲମ ଛାଡ଼ ଆନ୍ଦୋଳନକରିବା ସହିତ କୋର୍ଟ ସାମ୍ନା ରାସ୍ତାକୁଅବରୋଧ କରିଥିଲେ । ଦାବି କରିଥିଲେ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫକର। ମୃତକଙ୍କ ପରିବାରକୁ ୧ କୋଟିଟଙ୍କାର କ୍ଷତିପୂରଣ ଦିଅ । ଆଇନଜୀବୀ ପୀତବାସ ପଣ୍ଡାଙ୍କହତ୍ୟା ପ୍ରତିବାଦରେ ଓଡ଼ିଶା ରାଜ୍ୟ ବାର୍ କାଉନ୍ସିଲ କଲମ ଛାଡ଼ ଆନ୍ଦୋଳନ ଡାକରାଦେଇଥିଲା । ଏହି କ୍ରମରେ ଅନୁଗୁଳ ଓକିଲସଂଘର ସମସ୍ତ ଆଇନଜୀବୀ କଲମ ଛାଡକରିଥିଲେ । ସଂଘ ସଭାପତି ହିମାଂଶୁଭୂଷଣ ସାମଲଙ୍କ ନେତୃତ୍ୱରେ ପ୍ରଥମେଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ପରେ ଆଇନ୍ଜୀବୀ ମାନେ କୋର୍ଟ ସାମ୍ନା ରାସ୍ତା ଅବରୋଧ କରିବା ସହିତ ନାରାବାଜୀପକାଇଥିଲେ । ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବିକରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଘରସମ୍ପାଦକ ଧ୍ରୁବଚରଣ ସାହୁ, ଉପସଭାପତିପ୍ରତାପ କୁମାର ନାଏକ, ସହ ସମ୍ପାଦକପୁରୁଷୋତ୍ତମ ନାୟକ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସେଠୀ, ବରିଷ୍ଠ ଆଇନ୍ଜୀବୀସୁବାସ ମିଶ୍ର, ମହେନ୍ଦ୍ର କୁମାର ବସ୍ତିଆ,ମାନସ ରଞ୍ଜନ ପ୍ରଧାନ, ପ୍ରଦୀପ କୁମାରଦେବତା, ଜିତେନ୍ଦ୍ର କୁମାର ସାହୁ, ଦିଲ୍ଲୀପକୁମାର ଦାସ, ଗୋପାଳ ନାଥ, ଚିତ୍ତରଞ୍ଜନନାଏକଙ୍କ ସମେତ ଶତାଧିକ ଆଇନଜୀବୀ ସାମିଲ ଥିଲେ ।

## ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

ପୁରୀ, ୯ ।୧୦:(ମନ୍ଥନ)ପୁରୀ ଜିଲ୍ଲା ରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜନ୍ମ ଜୟନ୍ତୀ ଆଜି ପାଳିତ ହୋଇଥିଲା । ସକାଳ ୭ ଘଟିକା ୩୦ ମିନିଟ ସମୟରେ ସିଂହଦ୍ୱାର ଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ରେ ଜିଲ୍ଲା ପ୍ରଶାସନ,ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସର୍ବୋଦୟ ମେଳା ସଭାପତି ଉମା ବଲ୍ଲଭ ମହାପାତ୍ର,ସମ୍ପାଦକ ଶିବ ପ୍ରସାଦ ମିଶ୍ର,ବରିଷ୍ଠ ପତ୍ରକାର ଜଗନ୍ନାଥ ବସ୍ତିଆ,ଜ୍ୟୋସ୍ନା ମୟୀ ନାୟକ, ପୁରୀ ସେବା ସମିତିର ସମ୍ପାଦକ ସମ୍ପାଦକ ସୌମେନ୍ଦ୍ର ଦାସ,ବରିଷ୍ଠ ନାଗରିକ ବିଶ୍ୱନାଥ ବେହେରା, ସମାଜସେବୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା । ପରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସାକ୍ଷୀ ଗୋପାଳ ବସଷ୍ଟାଣ୍ଡ ରେ ଥିବା ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି, ସାକ୍ଷୀ ଗୋପାଳ ମନ୍ଦିର ସମ୍ମୁଖରେ ଥିବା ଗୋପବନ୍ଧୁ ଙ୍କ ପ୍ରତିମୂର୍ତ୍ତି, ବକୁଳ ବନରେ ଥିବା ଗୋପବନ୍ଧୁ ଙ୍କ ପ୍ରତିମୂର୍ତ୍ତି , ସମାଧି ସ୍ଥଳରେ ଥିବା ସ୍ମୃତି ସ୍ତମ୍ଭ, କାଦୁଅ। ସ୍ଥିତ ଗୋପବନ୍ଧୁ ଓ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ପରେ ସୁଆଣ୍ଡୋସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି, ଗୋପବନ୍ଧୁ ଙ୍କ ଷଠି ଘରେ, ଗୋପବନ୍ଧୁ ପାର୍କ ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ରେ ଅତିଥି ମାନେ ମାଲ୍ୟାର୍ପଣ କରିଥିଲେ । ଶେଷରେ ପ୍ରଭୁ ବିନୋଦ ବିହାରୀ ଙ୍କ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଯୋଗ ଦେଇ ଗୋପବନ୍ଧୁଙ୍କ ଜୀବନୀ,ଆଦର୍ଶ ଓ ତ୍ୟାଗ ପୂତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଙ୍କ ସହ ଅନ୍ୟାନ୍ୟ ଅତିଥି ମାନେ ଯୋଗ ଦେଇ ମାଲ୍ୟାର୍ପଣ ସହ ପୂର୍ବରୁ ଗୋପବନ୍ଧୁ ଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ ।

## ୧୬ତମ କୁଆଁର ପୁନେଇ ଜହ୍ନ ଲୋ ସାଂସ୍କୃତିକ କାର୍ଯ୍ୟକ୍ରମ

ବ୍ରହ୍ମପୁର,୯ ।୧୦:(ମନ୍ଥନ)ସ୍ଥାନୀୟ ଇଞ୍ଜିନିୟରିଂ କଲେଜ ରୋଡ଼ ସ୍ଥିତ ସରକାରୀ ତାଲିମ ଶିକ୍ଷା କେନ୍ଦ୍ର ବ୍ରହ୍ମପୁର ପ୍ରେକ୍ଷାଳୟରେ ମଙ୍ଗଳବାର ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ ଆନୁକୂଲ୍ୟରେ ୧୬ତମ କୁଆଁର ପୁନେଇ ଜହ୍ନ ଲୋ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଖ୍ୟାତ ଉଦ୍ଘୋଷକ ହୃଷିକେଶ ପାଣିଗ୍ରାହୀ ଓ ସୁଦୀପ୍ତା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଜୀରାଙ୍ଗ ବୁଦ୍ଧ ମନ୍ଦିରର ମୁଖ୍ୟ ଗୁରୁ ଖେନୋ ପେମା ତେନଫେଲ, ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏବଂ ପ୍ରତିଧ୍ୱନୀର ପ୍ରତିଷ୍ଠାତା ପ୍ରତାପ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ । ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଡ. ମିହିର କୁମାର ତ୍ରିପାଠୀ ସଂଯୋଜନା କରିଥିବା ବେଳେ, କାର୍ଯ୍ୟକ୍ରମରେ ଆନ୍ଧ୍ର ପ୍ରଦେଶର ତାନାକୁସ୍ଥିତ ଅମ୍ବିକା ଡ୍ୟାନ୍ସ ଏକାଡେମୀର ନୃତ୍ୟାଙ୍ଗନାଙ୍କ ଚିତାକର୍ଷକ କୁଚିପୁଡ଼ି ନୃତ୍ୟ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ହୋଇଥିଲା । ସେହିପରି ସୁନ୍ଦରଗଡ଼ର ମୟୁରୀ ଲୋକନୃତ୍ୟ ଅନ୍ୟତମ ଆକର୍ଷଣ ପାଲଟିଥିଲା । ପୂର୍ବରୁ ଗ୍ରାମୀଣ କ୍ରୀଡ଼ା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କ



ଦ୍ୱାରା ଠିଆ। ପୁଚି ନାରଙ୍ଗ ଏବଂ ପାରମ୍ପରିକ କୁଆଁର ପୁନେଇ ଜହ୍ନ ଲୋ ନୃତ୍ୟ ପ୍ରଦର୍ଶିତ ହୋଇଥିବା ନେଇ କୃତି ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସେହିପରି ସଜ୍ଜିତା ପାଣିଗ୍ରାହୀଙ୍କ ଦ୍ୱାରା ଆବାହନୀ ଦେବୀ ନୃତ୍ୟ ଶରତ ମହାପାତ୍ର ଓ ଟିମ୍ ଦ୍ୱାରା ଶଙ୍ଖ ଧ୍ୱନୀ, ମାନସି ରାଉତରାୟ ଓ ଦଳଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, କେଇରା କିଶୋର ଓ ମହିଳା ସଂଗୀତ ଟିମ୍ ଦ୍ୱାରା ସଂଗୀତ ମୂର୍ଚ୍ଛନା ପ୍ରଦର୍ଶିତ ହୋଇଥିଲା । ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସୁପୁତ୍ର ଚିତ୍ରଭାନୁ ମହାନ୍ତି ଯାଯାବର ଚଳଚ୍ଚିତ୍ରର ଗୀତ ପରିବେଷଣ କରିଥିଲେ ।ଏହି ଅବସରରେ ୩ଜଣ ଯୁବ ପ୍ରତିଭା ପ୍ରତିଭାବାନ ଲିପିତତ୍ତ୍ୱ ଗବେଷକ ବିଷ୍ଣୁ ମୋହନ ଅଧିକାରୀ, ଫୋର୍ବସ ଇଣ୍ଡିଆରେ ସ୍ଥାନ ପାଇଥିବା ଓଡ଼ିଶାର ପ୍ରଥମ ଆଦିବାସୀ ମହିଳା ଯୁବ ସାମ୍ବାଦିକ ତଥା ଜଙ୍ଗଲ ରାଣୀ ଜୟନ୍ତୀ ବୁରୁଦା ଏବଂ ବଲିଉଡର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ହେୟାର ଷ୍ଟାଇଲିଷ୍ଟ ଏବଂ ମେକ୍ ଅପ ବିଶେଷଜ୍ଞ କେ. ରାଜୁଙ୍କୁ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ସଭାନେତ୍ରୀ ସୁଦୀପ୍ତା ପାଣିଗ୍ରାହୀ ଓ ଉପଦେଷ୍ଟା ହୃଷିକେଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏ ତ୍ରିପତି ବାଲାଜି ପାତ୍ର, ମିହିର ତ୍ରିପାଠୀ, ଡ.ଅମ୍ବରିଶ ପାଢୀ, ସୁଜାତା ପାଢୀ, ମଞ୍ଜୁଶ୍ରୀ ବେବର୍ତା, ଡ. ସୋମେୟା, ସୁନୀଲ ପଟ୍ଟନାୟକ, ଡ. ସବ୍ୟସାଚୀ ରଥ, ସୁହୃଦ ପାଣିଗ୍ରାହୀ, ଡ.ବିଶ୍ୱନାଥ ପାଣିଗ୍ରାହୀ, ଭବାନୀ ମହପାତ୍ର, ନଳିନୀ କାନ୍ତ ଗୌଡ଼, ଧରିତ୍ରୀ ସାହୁଙ୍କ ସମେତ ଅନ୍ୟ ବହୁ କାର୍ଯ୍ୟକର୍ତ୍ତା ମାନେ କର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ ।

## ଶଙ୍ଖ ନୂଆଗାଁ ବାଇପାସ ରାସ୍ତା ବିପର୍ଯ୍ୟସ୍ତ

ଗଞ୍ଜାମ,୯ ।୧୦:(ମନ୍ଥନ) ଗଞ୍ଜାମ ବ୍ଲକ ଅନ୍ତର୍ଗତ ଶଙ୍ଖ ନୁଆଁ ଗାଁ । ଫ୍ଲାଇ ଓଭର ବ୍ରିଜ ତଳେ ରହିଥିବା ରାସ୍ତାଟି ବିପର୍ଯ୍ୟସ୍ତ ହୋଇପଡିଛି । ଲଗାଣ ବର୍ଷା ଫଳରେ ଖାଲ ଖମା ସୃଷ୍ଟି ହୋଇ ଯାନ ବାହାନ ଯିବାଆସିବା କ୍ଷେତ୍ରରେ ସମସ୍ୟା ସୃଷ୍ଟି କରୁଛି । ଫଳରେ ଗଞ୍ଜାମ ସହର ପଟୁ ଶଙ୍ଖ ନୁଆଁଗାଁ ଓ କାଇଁଚପୁର ପଞ୍ଚାୟତ ଝାଡ଼କୁଦା ଗ୍ରାମ କୁ ଯିବାଆସିବା ପାଇଁ ଉକ୍ତ ରାସ୍ତା ବିପଦ ସୃଷ୍ଟି କରୁଛି । ବିଭାଗିୟ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟିଦେଇ ତୁରନ୍ତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି ।

## ପୁରୀ କଂଗ୍ରେସର ଭୋଟ ଚୋରି ବିରୁଦ୍ଧରେ ଜନ ସଚେତନତା କାର୍ଯ୍ୟକ୍ରମ

**ପୁରୀ,୯ ।୧୦:(ମନ୍ଥନ)**ଜିଲ୍ଲାପାଳ, ପୁରୀ ଙ୍କ କାର୍ଯ୍ୟାଳୟ ଠାରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ଦ୍ୱାରା ଭୋଟ ଚୋରି ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ଇଂ ରାଜେଶ କୁମାର ମିଶ୍ର ନେତୃବରେ ଭୋଟ ଚୋରି ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା । ଆମେ ଭାରତର ନାଗରିକ ମାନେ, ଭୋଟର ତାଲିକା ହେରଫେର ଏବଂ ଭୋଟ ଅଧିକାରରୁ ବଞ୍ଚିତ ହେବାର ବନ୍ଦ କରୁଛୁ ଯଆମର ଗଣତନ୍ତ୍ର ପ୍ରତ୍ୟେକ ଭୋଟ୍ର ଶକ୍ତି ଉପରେ ନିର୍ଭର କରେ । ଆଜି, ଏହି ମୂଳଦୁଆ। ଆକ୍ରମଣର ଶିକାର ହେଉଛି ଯ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ, ଭୋଟର ତାଲିକାରେ ଥିବା ଲକ୍ଷ ଲକ୍ଷ ମତଦାତାଙ୍କ ଉପଯୁକ୍ତ ଫଟୋ ସମେତ ପ୍ରମୁଖ ବିବରଣୀ ହଜିଯାଉଛି ।ତାଲିକାରୁ ଲକ୍ଷ ଲକ୍ଷ ନାମ ହଜିଯାଇଥିବା ବେଳେ ଏକାଧିକ ବୁଥରେ ଅନେକ ଲୋକଙ୍କ ନାମ ବରମ୍ବାର ରହିଛି । ଚଞ୍ଚକତା କରି ପ୍ରକୃତ ଭୋଟର ମାନଙ୍କ ନାମ ଉଡାଇବା ପାଇଁ କୌଶଳ ବ୍ୟବହାର କରାଯାଉଛି ।

## ମେସର୍ଜ ଏସଏନଏନ ମିନିରାଲ ପ୍ରାଇଭେଟ ଲିମିଟେଡ଼ ଇ ଜନ ଶୁଣାଣି ସଫଳ

କୋଇଡା,୯ ।୧୦:(ମନ୍ଥନ)ସୁନ୍ଦରଗଡ଼ ଜିଲ୍ଲା କୋଇଡା ତହସିଲ ସଣୁଆଁ ଗ୍ରାମ ଠାରେ ବାର୍ଷିକ ୮,୦୦,୦୦୦ ଟନ୍ କ୍ଷମତା ବିଶିଷ୍ଟ ଲୁହା ପଥର ବିଶୋଧନ କାରଖାନା ସ୍ଥାପନ ପାଇଁ ପ୍ରସ୍ତାବ ରହିଛି ଓ ଉକ୍ତ କାରଖାନା ପାଇଁ ପରିବେଶ ଜନ ଶୁଣାଣି ସଣୁଆଁ ପ୍ରାଥମିକ ସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଥିଲା । ବୁଧବାର ଏହି ଜନଶୁଣାଣୀରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଚନ୍ଦ୍ର ଶେଖର ଚୌହାନ, କୋଇଡା ତହସିଲଦାର ନିର୍ମଳ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ତେବେ ଏଥି ରେମେସର୍ଜ ଏସ.ଏନ.ଏନ ମିନେରାଲସ୍କୁ ସମର୍ଥନ କରା ଯାଇଥିବାର ସୂଚନା ମିଳିଛିଓ ପୂର୍ବତନ ବିଧାୟକ ଭୀମସେନ ଚୋଧୁରୀ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ନାଏକ, ପୂର୍ବତନ ସରପଞ୍ଚ ଅଭିନାଶ ସୁମନ ବାଗେ,ସାଂସଦ ପ୍ରତିନିଧି ଚେତନଦୀପ ନାୟକ, ସମାଜସେବୀ ଆନନ୍ଦକୁମାର ବାରିକ, କରୁଣାକର ପାତ୍ର, ସମିତି ସଭ୍ୟ ଉର୍ମିଳା ଦେହୁରୀ ଓ ଗ୍ରାମବାସୀ ପ୍ରମୁଖ ନିଜ ନିଜ ମତା ମତ ଦେଇଥିଲେ । ସୂଚନା ଅନୁଯାୟୀ ସମସ୍ତେ ଏସ୍ ଏନ୍ ଏନ୍ ମିନେରାଲସ୍କୁ ସମର୍ଥନ ଜଣାଇଥିଲେ ଓ ଏହା ସହ ପ୍ରଦୂଷଣ ଭଳି ବହୁ ଅସୁବିଧାର ପ୍ରତିକାର ବ୍ୟବସ୍ଥା ଏବଂ ଅଞ୍ଚଳର ବିକାଶ ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ ଓ ସ୍ଥାନୀୟ ଲୋକଙ୍କୁ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି, ରାସ୍ତା ମରାମତି ଓ ବିକାଶ, ପାନୀୟ ଜଳ ଯୋଗାଣ, ବୃକ୍ଷ ରୋପଣ ପାଇଁ ଗ୍ରାମବାସୀ ଦାବି କରିଥିଲେ । ସମସ୍ତ ଦାବିକୁ ପୂରଣ କରାଯିବ ବୋଲି କମ୍ପାନୀର ମନୋରଞ୍ଜନ କର ପ୍ରତିଶ୍ରୁତି ଦେଇଥିଲେ ।

## ଶ୍ରମିକ ମାନଙ୍କ ପରିବାର ମୁହଁରେ ହସ ଫୁଟାଇଲେ / ଯୋଡି ହେଲେ ପିଆଇସିଟି

ପାରାଦୀପ, ୯ ।୧୦:(ମନ୍ଥନ)ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ର ୫ ନମ୍ବର ଫାଟକ ଭିତରେ ଦୀର୍ଘ ମିଆଦି ଲିଜରେ ପଣ୍ୟ ପରିଚାଳନା କାର୍ଯ୍ୟ କରୁଥିବା ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ (ପିଆଇସିଟି) ପଣ୍ୟ କାରବାରରେ ସ୍ୱତନ୍ତ୍ର ସ୍ଥାନ ବଜାଇ ରଖିଥିଲାବେଳେ, କାର୍ଯ୍ୟରତ ଶ୍ରମିକ ମାନଙ୍କ ସୁରକ୍ଷା ଉପରେ ମଧ୍ୟ ବେଶ ଗୁରୁତ୍ୱ ଦେଉଛି ଅନେକ ଉଦାହରଣ ଥିଲେ ସୁଦ୍ଧା ପିଆଇସିଟି କମ୍ପାନୀରେ କାର୍ଯ୍ୟରତ ଶ୍ରମିକଙ୍କ ପରିବାର ସହ ଏବେ ଯୋଡି ହୋଇ ଯାଇଛି । ପିଆଇସିଟି ଶ୍ରମିକ ମାନଙ୍କ ସୁରକ୍ଷା ଦିଗରେ କମ୍ପାନୀ ଯେତିକି ଗୁରୁତ୍ୱ ବହନ କରୁଛି ସେତିକି ଯତ୍ନବାନ ନେଇ ଚାଲୁଛି । ଏହି ପରିପ୍ରେକ୍ଷୀରେ କମ୍ପାନୀ ସମସ୍ତ ଖର୍ଚ୍ଚ ବହନ କରି କମ୍ପାନୀ ପରିସରରେ ଥିବା ବର୍ଥ ଏବଂ ଶ୍ରମିକ ମାନେ କରୁଥିବା କାର୍ଯ୍ୟବୁଲି ଦେଖିବା ସହ ସୁରକ୍ଷା



କୁ କିପରି ଗୁରୁତ୍ୱ ଦିଆଯାଉଛି ପରିବାର ଙ୍କୁ ଅଧିକାରୀ ବୁଝାଇ କହିଥିଲେ । ଆହୁରି ମଧ୍ୟ କମ୍ପାନୀ ଜୀବନବିମା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ କମ୍ପାନୀ ଯୋଉଭଳି ପ୍ରଦାନ କରି ଚାଲିଛି । ଏହି ସେବା କମ୍ପାନୀ ଥିଲା ପର୍ଯ୍ୟନ୍ତ ପ୍ରଦାନ କରି ଚାଲିଥିବ ବୋଲି ପିଆଇସିଟି ର ବରିଷ୍ଠ ଅଧିକାରୀ କହିଛନ୍ତି । ଶ୍ରମିକ ମାନଙ୍କ ପରିବାର ସହ ଯୋଡିବାର ପ୍ରୟାସକୁ ଶ୍ରମିକ ମାନେ ଖୁସିବ୍ୟକ୍ତ କରିଥିଲେ । ସେହିପରି କମ୍ପାନୀ ର ଟର୍ମିନାଲ ମୁଖ୍ୟ ରାଜେଶ କୁମାର ନାୟକ ଶ୍ରମିକ ସମସ୍ତଙ୍କର ଉତ୍ତୋରତ୍ତର କାମନା କରିଥିଲା ବେଳେ କମ୍ପାନୀ ର ସିଙ୍ଗାପୁର ମୁଖ୍ୟ ଓ ମୁମ୍ବାଇ ର ଏଚଏସଇ ଗୋଷ୍ଠୀ ମୁଖ୍ୟ ମଧ ଶ୍ରମିକଙ୍କ ପରିବାର ସହିତ ମିଶି ସୁରକ୍ଷା ସମ୍ପର୍କରେ ସଚେତନତା କରାଇବାରେ ସହଯୋଗ କରିଥିଲେ ।

## ଚାରଣଗୋଷ୍ଠୀ ସଙ୍ଗଠକ ସହଦେବ ସାମଲଙ୍କ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା,୯ ।୧୦:(ମନ୍ଥନ)ଚାରଣଗୋଷ୍ଠୀ ସଙ୍ଗଠକ ସହଦେବ ସାମଲଙ୍କ ଦ୍ୱାଦଶାହ ଉପଲକ୍ଷେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର ବନ୍ତଳା ଗ୍ରାମସ୍ଥିତ ବାସଭବନ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ ରାଜେଶ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସଭାରେ 'ସମ୍ବାଦ' ଗ୍ରୁପ୍ ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ସ୍ୱର୍ଗତ ସାମଲଙ୍କୁ ଜଣେ ଦୃଢ଼ମନା ଓ ସଫଳବ୍ୟକ୍ତି ରୂପେ ଅଭିହିତ କରିଥିଲେ। ସେକହିଥିଲେ ଯେ ସଫଳବ୍ୟକ୍ତି ଇହଲୀଳା ସମ୍ବରଣ କଲେ ଲୁହଗଡ଼ାଇ ଶୋକପ୍ରକାଶ କରିବା ତାଙ୍କପ୍ରତି ଅସମ୍ମାନ ହୋଇଥାଏ। ବରଂ ତାଙ୍କ ସଫଳତାର ଗୁଣଗାନ କରି ଗର୍ବ କଲେ ତାଙ୍କ ପ୍ରତି ଏହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇଥାଏ। ସେ ଆହୁରି କହିଥିଲେ ଯେ ସହଦେବଙ୍କ ଭଳି ଯେକୌଣସି ବୃତ୍ତି ପ୍ରତି ସମର୍ପିତ ମନୋଭାବ ରଖି କାମକଲେ ସଫଳତା ନିଶ୍ଚିତ ମିଳିବ। ଯୌଥ ପରିବାରରେ ବିଶ୍ୱାସ ରଖି ସ୍ୱର୍ଗତ ସାମଲ ଯେଉଁ ଭଳି ଭାବେ ପରିବର୍ତ୍ତିତ ପରିସ୍ଥିତିରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଛନ୍ତି ତାହା ଅନ୍ୟମାନଙ୍କୁ ପ୍ରେରିତ କରିବ। ଏହି ଅବସରରେ ଶ୍ରୀ ପଟ୍ଟନାୟକ 'ସ୍ମୃତିରେ ସହଦେବ' ସ୍ମରଣିକା ଉନ୍ମୋଚନ କରିଥିଲେ। ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ସାହୁ, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଉପସଭାପତି ଭୀଷ୍ମ ମହାନ୍ତି, ବିଶିଷ୍ଟ ସାହିତ୍ୟିକ ଡକ୍ଟର ରାମଚନ୍ଦ୍ର ବେହେରା, ଡ. ତପନ ପତି, ଡ. ଗୋବିନ୍ଦ ଭୂୟାଁ, ଡ. ବିଜୟା ନନ୍ଦ ସିଂହ, କଟକ 'ସମ୍ବାଦ' ସଂସ୍କରଣ ମୁଖ୍ୟ କୃଷ୍ଣପ୍ରସାଦ ଦାସ, ପଣ୍ଡିତ ହୃଷୀକେଶ ରଥ, ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ, ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ, ତେଜେଶ୍ୱର ପରିଡ଼ା, ବରିଷ୍ଠ ସାମ୍ବାଦିକ ପରୀକ୍ଷିତ ପାତ୍ର, ଗଣେଶ ଚନ୍ଦ୍ର ସାମଲ, ଭଦ୍ରେଶ୍ୱର ଥାନାଧିକାରିଣୀ ସନ୍ଧ୍ୟାରାଣୀ ସିଂହ, ସରୋଜକାନ୍ତ ସାହୁ, ବରିଷ୍ଠ ନେତା ଭୁବନମୋହନ ଜେନା, ସୁମନ୍ତ ଘଡ଼େଇ, ସୁନାକର ବେହେରା,ଡା. ସଞ୍ଜିତ୍ ସେଠୀ, ଡା. ଅଶୋକ କର, ସମୀର ଚାନ୍ଦ, ବରିଷ୍ଠ ସାମ୍ବାଦିକ ସଚ୍ଚିକାନ୍ତ ନାଥ, ଦୀପେଶ ମହାପାତ୍ର, ଶୁଭ୍ରାଂଶୁ ଦାସ, କମଳାକାନ୍ତ ଦାଶ, ଗୌତମ ଜେନା, ବିବେକ ପାଣି, ବିରଞ୍ଚିନାରାୟଣ ସାମଲ, ସୁନାକର ସାମଲ, ମହେନ୍ଦ୍ର ରାଉତରାୟ, ରଶ୍ମିରଞ୍ଜନ ରାଉତ, ସୁରେନ୍ଦ୍ର ରାଉତ, ପ୍ରତାପ ମଲ୍ଲିକ, ସୁଶୀଲ ସାମଲ, କ୍ଷୀରୋଦ ଦାସ, ମୀର୍ ମୁର୍ସିଦଙ୍କ ସମେତ ଅନ୍ୟମାନେ ସ୍ୱର୍ଗତ ସାମଲଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପ୍ରାଣୀ ବିଜ୍ଞାନ ବିଭାଗ ଆନୁକୁଲ୍ୟରେ ନୂଆ ଓ ପୁରୁଣା ଛାତ୍ରଛାତ୍ରୀ ସମ୍ମିଳନୀ

ନିଆଳି,୯ ।୧୦:(ମନ୍ଥନ)ନିଆଳି ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ଆନୁକୁଲ୍ୟରେ ବିଭାଗର ପ୍ରଥମ ଆଲୁମିନି ମିଳନ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବକୁ ମହାବିଦ୍ୟାଳୟର ଅଧକ୍ଷ ଡ.ବିନୋଦ ବିହାରି ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେୟ ମହାବିଦ୍ୟାଳୟର ବିକାଶ ଧାରାକୁ ଆଗେଇ ନେବା ସହ ଆଗାମୀ ସୁବର୍ଣ୍ଣ ଜୟନ୍ତି ଉତ୍ସବକୁ ସଫଳ କରିବାପାଇଁ ପ୍ରାଣୀ ବିଭାଗର ଅବଦାନ ରହିବା ପାଇଁ ଆଶା ପୋଷଣ କରିଥିଲେ। ବିଭାଗୀୟ ମୂଖ୍ୟ ଡ. ସତ୍ୟ ନାରାୟଣ ସାହୁ ପ୍ରାଣୀ ବିଜ୍ଞାନ ଛାତ୍ରଛାତ୍ରୀମାନଙ୍କର ଏହି ସାଧୁ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହ ବିଗତ ଦିନର ସ୍ମୃତିକୁ ଉପସ୍ଥାପନ କରିଥଲେ । ଏହି ପକ୍ରିୟାକୁ ଆଗେଇ ନେବା ସହ ବିଭାଗର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀ ଆଗେଇ ଆସିବା ପାଇଁ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ଡ . ଶ୍ରୀଧର ବାରିକ, ଡ . ବିଜୟଲକ୍ଷ୍ମି ମହାନ୍ତି, ହିରନ୍ୟ ବିଦାରକ ମହାପାତ୍ର ପ୍ରଭୃତି ଯୋଗ ଦେଇ ଆଶ୍ରିବାଦ ପ୍ରଦାନ କରିଥଲେ ।ଏଥିରେ ଅର୍ଚ୍ଚନା ବାରିକ ସଭାପତି, ଉପ ସଭାପତି ପ୍ରିତିପ୍ରଜ୍ଞା ନାୟକ, ଆକାଶ କୁମାର ଦାସ ସମ୍ପାଦକ, ଅର୍ପିତା ପୁଷ୍ପଶ୍ରୀ ପ୍ରଧାନ କୋଷାଧକ୍ଷ, ସୁମନ କୁମାର ଜେନା ମିଡିଆ। ସଂଯୋଜକ ଭାବେ ନିର୍ବାଚିତ ହୋଇଥିଲେ ।ଏହି ସଭାକୁ ସ୍ୱାତି ପ୍ରଜ୍ଞା ତ୍ରିପାଠୀ ଓ ଅଧିକାରୀ ଦେବଦତ୍ତ ପରିଚାଳନା କରିଥିଲେ । ବିଭାଗର ସମସ୍ତ ଛାତ୍ରଛାତ୍ରୀ ଓ କର୍ମକର୍ତ୍ତା ଏହି ଉତ୍ସବକୁ ସଫଳ କରିବା ପାଇଁ ଉଦ୍ୟମ କରିଥିଲେ । ଶେଷରେ ସୋନାଲି ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ପାଣି ଘେରରେ ୧୫ପରିବାର ; ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡିଲେ ବିଧାୟକ

**ଡେଲାଙ୍ଗ,୯ ।୧୦:(ମନ୍ଥନ)**ଡେଲାଙ୍ଗ ବ୍ଲକ କଲ୍ୟାଣପୁର ପଂଚାୟତ ଅର୍ନ୍ତଗତ ବାଲିହୁଙ୍କା ଦଳିତ ସାହିର ୧୫ ପରିବାର ଏବେ ପାଣି ଘେରରେ ରହୁଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଅଂଟା ଭିଡିଛନ୍ତି । ପୁରା ବ୍ଲକ ପ୍ରଶାସନକୁ ଧରି ସେହି ଗାଁରେ ବିଧାୟକ ପହଂଚିଥିବା ଜଣାପଡିଛି । ତେବେ ବାଲିହୁଙ୍କା ଦଳିତ ସାହିର ୧୫ ପରିବାର ଲୋକ ଟିକେ ବର୍ଷା ହେଲେ ପାଣି ନିଷ୍କାସନ ସମସ୍ୟା ତାଙ୍କ ପାଇଁ ଦୁଃଖ ଆଣି ଦେଉଛି । ପାଣି ନିଷ୍କାସନ ହୋଇ ପାରୁନଥିବାରୁ ଦଳିତ ସାହି ପାଣି ଘେରରେ ରହିବା ସହ ଅଧିକ ବର୍ଷା ହେଲେ ଘର ଭିତରେ ବର୍ଷା ପାଣି ଲହଡି ମାରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଥିପାଇଁ ଦିନେ ଖାଇଲେ ଦୁଇଦିନ ଚୁଲି ଜଳୁନଥିବାରୁ ଉପାସରେ ରହିବାକୁ ପଡୁଛି ବୋଲି କହିଥିଲେ । ବହୁ ଦିନ ଧରି ବର୍ଷା ପାଣି ଜମି ରହିବାରୁ ସେହି



ପାଣି ଦୁର୍ଗନ୍ଧମୟ ହେବା ସହ ପୋକମାଛି ସାଲୁବାଲୁ ରେ ପୁରା ପରିବେଶ ବିପଦ ସାଜିଛି । ଯାହାଫଳରେ ଘରେ ଘରେ ଜ୍ୱର ସମେତ ଝାଡା ବାନ୍ତି ବ୍ୟାପିଥିବା ଅଭିଯୋଗ ହୋଇଛି । ରାତିରେ ବି ସରିସୃପ ମାନଙ୍କ ଭୟ ଦେଖା ଦେଉଛି । ଏନେଇ ବାରମ୍ବାର ପ୍ରଶାସନକୁ ଦଳିତ ସାହିର ଲୋକେ ନିବେଦନ କଲେ ବି ପାଣି ନିଷ୍କାସନ ପାଇଁ କୌଣସି ସୁବିଧା କରାଯାଉନଥିବାରୁ ଜଳବନ୍ଦୀ ପରିବାର କ୍ଷୋଭ ପ୍ରକାଶ କରିଛନ୍ତି । ବିଧାୟକ ଶ୍ରୀପଟ୍ଟନାୟକ ସେହି ଗ୍ରାମ ପରିଦର୍ଶନ ଯିବା ପରେ ଗୁରୁବାର ବ୍ଲକ ପ୍ରଶାସନ ପକ୍ଷରୁ ଡ୍ରେନଜ ନିର୍ମାଣ ପାଇଁ ରାଜସ୍ୱ ବିଭାଗ ଓ ବ୍ଲକ ଯନ୍ତ୍ରୀ ଧର୍ମେନ୍ଦ୍ର ସାମନ୍ତରାୟ ସେଠାରେ ପହଂଚି ଗ୍ରାମବାସୀଙ୍କ ଉପସ୍ଥିତିରେ ସରଜମିନ ତଦନ୍ତ କରିଥିଲେ। ସେହି ଦଳିତ ସାହିରୁ ପାଣି ନିଷ୍କାସନ ପାଇଁ ବ୍ଲକ ପକ୍ଷରୁ ୧୩ଶହ ଫୁଟ ଲମ୍ବ ଓ ୩ଫୁଟ ଓସାରରେ ଏକ କଂକ୍ରିଟ ଡ୍ରେନେଇର ଡ୍ରେନ ନିର୍ମାଣ ହେବ ବୋଲି ସୁଚନା ମିଳିଛି ।

## ଶିକାରୀ ଗିରଫ, ବନ୍ଧୁକ ଜବତ

ଅନୁଗୁଳ,୯ ।୧୦:(ମନ୍ଥନ)ଅନୁଗୁଳ ବନଖଣ୍ଡ ଅଧୀନରେ ଶିକାରୀଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି । ବନ ବିଭାଗକୁ ଖୋଲା ଚ୍ୟାଲେଞ୍ଜ୍ ଦେଇ କରୁଛନ୍ତି ଅବାଧ ଶିକାର । କେଉଁଠି ବିଦ୍ୟୁତ ଫାଶ ବସାଇ ତ ଆଉ କେଉଁଠି ଗୁଳି ଫୁଟାଇ ଶିକାର କରୁଛନ୍ତି । ମଙ୍ଗଳବାର ରାତିରେ ବନ୍ତଳା ବନାଞ୍ଚଳ ପକ୍ଷରୁ ଚଢ଼ଉକରି ପାମ୍ପାସର , ଲବଙ୍ଗୀ ଜଙ୍ଗଲରୁ ଜଣେଶିକାରୀକୁ କାବୁ କରିବା ସହିତ ଏକ ବନ୍ଧୁକ ଜବତକରାଯାଇଛି । ଗିରଫ ଶିକାରୀ ହେଲେ, ବଲଙ୍ଗଗ୍ରାମର ବାବୁଲି ଦେହୁରୀ । ସୂଚନା ମୁକାବକ ବନବିଭାଗର ଏକ ଟିମ୍ ମଙ୍ଗଳବାର ରାତିରେ ଲବଙ୍ଗୀବିଟ୍ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା । ଏହି ସମୟରେବାବୁଲି ଜଙ୍ଗଲ ଭିତରେ ସନ୍ଦେହଜନକ ଭାବେବୁଲୁଥିବା ଦେଖିବାକୁ ମିଳିଥିଲା । ବନ କର୍ମଚାରୀଙ୍କୁଦେଖି ସେ ଖସିଯିବାକୁ ଉଦ୍ୟମ କରିଥିଲେ ହେଁବିଫଳ ହୋଇଥିଲେ । ଯାଞ୍ଚ ବେଳେ ତାଙ୍କ ନିକଟରୁଏକ ଦେଶୀ ବନ୍ଧୁକ ମିଳିଥିଲା । ଜନ୍ତୁ ଶିକାର ପାଇଁଜଙ୍ଗଲକୁ ଆସିଥିବା ସ୍ୱୀକାର କରିବା ପରେ ପାଟ୍ରୋଲିଂଟିମ୍ ତାଙ୍କୁ ବନ୍ତଳା ବନାଞ୍ଚଳ ଅଧିକାରୀଙ୍କ ଅଫିସ୍କୁଉଠାଇ ଆଣିଥିଲା । ବୁଧବାର ଅଭିଯୁକ୍ତଙ୍କୁ ଗିରଫକରିକୋର୍ଟଚାଲାଣ କରାଯାଇଥିବା ଜଣାପଡିଛି ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

## ଜେଲଗୁଡ଼ିକର ଦୟନୀୟ ସ୍ଥିତି

ଦେଶରେ ଥିବା ଜେଲଗୁଡ଼ିକରେ ବ୍ୟାପକ ସଂସ୍କାର ତଥା କଏଦୀଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ରସରକାର ଏବଂ ସୁପ୍ରିମକୋର୍ଟ ବହୁବିଧ ସୁଧାରମୂଳକ ପଦକ୍ଷେପ ଗ୍ରହଣ କରିଥିବାବେଳେ କାରାଗାରଗୁଡ଼ିକରେ କଏଦୀଙ୍କ ସ୍ଥିତି ନେଇ ଦି ଇଣ୍ଡିଆ ଜଷ୍ଟିସ ରିପୋର୍ଟ ୨୦୨୫ରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଜେଲଗୁଡ଼ିକର ଦୟନୀୟ ଅବସ୍ଥାକୁ ପ୍ରଦର୍ଶିତ କରିଛି ବୋଲି କୁହାଯାଇପାରିବ। ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ଥିବା ମୋଟ ୧୩୦୨ଟି ଜେଲରେ ୪ଲକ୍ଷ ୩୬ହଜାର ରହିବା ପାଇଁ ବ୍ୟବସ୍ଥା ଥିବାବେଳେ ୨୦୨୨ ମସିହା ସୁଦ୍ଧା ୫ଲକ୍ଷ ୭୩ ହଜାରରୁ ଅଧିକ କଏଦୀ ବନ୍ଦୀ ଥିଲେ, ଯାହାକି ନିର୍ଦ୍ଧାରିତ ସଂଖ୍ୟାଠାରୁ ୧୩୧ ପ୍ରତିଶତ ଅଧିକ କଏଦୀ ବନ୍ଦୀ ଥିଲେ, ଯାହାକି ନିର୍ଦ୍ଧାରିତ ସଂଖ୍ୟା ଠାରୁ ୧୩୧ ପ୍ରତିଶତ ଅଧିକ। ଇତି ମଧ୍ୟରେ କଏଦୀଙ୍କ ସଂଖ୍ୟା ଆହୁରି ଅଧିକ ବୃଦ୍ଧି ପାଇବା ଆଶଙ୍କାକୁ ଏଡାଇ ଦେଇ ହେଉନାହିଁ। ରିପୋର୍ଟରେ କୁହାଯାଇଛି ଯେ, ଅଧାରୁ ଅଧିକ କାରାଗାରଗୁଡ଼ିକରେ କ୍ଷମତା ଠାରୁ ଅଧିକ କଏଦୀ ଥିବାବେଳେ କେତେକରେ ୪ଗୁଣାରୁ ଅଧିକ କଏଦୀ ରହିଅଛନ୍ତି। ରାଜଧାନୀ ଦିଲ୍ଲୀରେ ଚର୍ଚ୍ଚିତ ତିହାର ଜେଲରେ କ୍ଷମତାଠାରୁ ୮ଗୁଣ ଅଧିକ ତଥା ୪୦୦ ପ୍ରତିଶତରୁ ଅଧିକ କଏଦୀ ରହିଥିବାବେଳେ ୧୭୬ଟି କାରାଗାରରେ ଏବେ ଧାର୍ଯ୍ୟ ସଂଖ୍ୟା ଠାରୁ ୪ଗୁଣ ଅଧିକ ତଥା ୨୦୦ ପ୍ରତିଶତ କଏଦୀ ଅଧିକ ରହିଛନ୍ତି। ଏଥିରୁ କଏଦୀମାନେ କେତେ ସୁଖ ସ୍ୱାଚ୍ଛନ୍ଦ୍ୟରେ ବନ୍ଦୀ ଜୀବନଯାପନ କରୁଛନ୍ତି, ତାହା ସ୍ପଷ୍ଟ ଅନୁମେୟ। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ବିଚାରଧୀନ ଏବଂ ସେମାନଙ୍କର ଦୀର୍ଘ ଅବସ୍ଥାନ ଯୋଗୁଁ କାରାଗାରଗୁଡ଼ିକରେ ଗହଳି ବଢ଼ିବାରେ ଲାଗିଛି। ଏପରିକି ମାମଲା ବିଚାର ହୋଇପାରୁନଥିବାରୁ ଦୀର୍ଘ ବର୍ଷ ବର୍ଷ ଧରି ବିଚାରାଧୀନମାନେ ଭାଗ୍ୟକୁ ଆଦରି ପଡିରହିଛନ୍ତି। କାରାଗାରଗୁଡ଼ିକର ଅବସ୍ଥା ଏପରି ହୋଇଛି ଯେ, ଅନ୍ତେବାସୀମାନେ ଭିଡ ବା ଗହଳି ଯୋଗୁଁ ଅଣ ନିଶ୍ୱାସୀ ହୋଇପଡିଲେଣି। ଆହୁରି ମଧ୍ୟ ଏନେଇ କାରାଗାର ସଂସ୍କାର କମିଟି ଯେଉଁ ରିପୋର୍ଟ ଦେଇଛି, ତାହା ମଧ୍ୟ ଚିନ୍ତାଜନକ। ରିପୋର୍ଟରେ କୁହାଯାଇଛି ଯେ, ଜେଲରେ ଗହଳି ଯୋଗୁଁ ୬୮ ପ୍ରତିଶତ କଏଦୀ ଭଲରେ ହୋଇପାରୁଥିବାବେଳେ ସ୍ଥାନଭାବ ଯୋଗୁଁ ୩୨ ପ୍ରତିଶତ କଏଦୀଙ୍କୁ ରାତ୍ରି ଅନିଦ୍ରା ହେବାକୁ ପଡୁଛି। ତେବେ ଏବେ ଜେଲଗୁଡ଼ିକରେ କଏଦୀଙ୍କ ସଂଖ୍ୟା ଯେପରି ବଢ଼ିଚାଲିଛି, ୨୦୩୦ ମସିହା ସୁଦ୍ଧା ସେମାନଙ୍କ ସଂଖ୍ୟା ୬ଲକ୍ଷ ୮୦ହଜାରକୁ ବୃଦ୍ଧି ପାଇବ। ଯାହାକି କାରାଗାରଗୁଡ଼ିକର ସାମର୍ଥ୍ୟ ୫ଲକ୍ଷ ୧୫ହଜାର ଠାରୁ ଢେର ଅଧିକ। ଏହା ନିସନ୍ଦେହ ଯେ, ବ୍ୟାପକ ଜେଲ ସଂସ୍କାର ସତ୍ତ୍ୱେ କାରାଗାରଗୁଡ଼ିକରେ କେବଳ ସ୍ଥାନାଭାବ ନୁହେଁ, ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ସମେତ ବିଭିନ୍ନ ସମସ୍ୟା ଗୁରୁତର ହେବାରେ ଲାଗିଛି। ଏହା ହେଉଛି ମାନବିକ ଅଧିକାର ଜରୁରୀ ପରିସ୍ଥିତି। ଜେଲରେ ଦୀର୍ଘ ବନ୍ଦୀ ଯୋଗୁଁ କଏଦୀଙ୍କ ମଧ୍ୟରେ ମାନସିକ ରୋଗ ବଢ଼ିଚାଲିଛି। ଏକ ରିପୋର୍ଟ ଅନୁଯାୟୀ, ୨୦୧୨ ମସିହା ପରେ ମାନସିକ ରୋଗ ଦ୍ୱିଗୁଣିତ ହୋଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବିଚାରାଧୀନ କଏଦୀ। ଯେଉଁମାନଙ୍କ ଅପରାଧ ନିର୍ଦ୍ଧାରିତ ହୋଇନାହିଁ। ସେମାନେ ଏବେ ମାନସିକ ଯନ୍ତ୍ରଣରେ ଜର୍ଜରିତ। ଗୋଟିଏ ପଟେ ଜେଲରେ ଅନ୍ତେବାସୀଙ୍କ ମଧ୍ୟରେ ମାନସିକ ରୋଗ ବଢ଼ିଚାଲିଥିବାବେଳେ ଅନ୍ୟପଟେ ଦେଶରେ ସମସ୍ତ କଏଦୀଙ୍କ ପାଇଁ ମାତ୍ର ୨୫ ଜଣ ମନୋଚକିତ୍ସକ ଅଛନ୍ତି। ଯାହା ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଇପାରେ। ସେହିପରି ଜେଲରେ ଚିକିତ୍ସା ସମସ୍ୟା ମଧ୍ୟ କିଛି କମ୍ ନୁହେଁ। ଦେଶବ୍ୟାପୀ ୪୩ପ୍ରତିଶତରୁ ଅଧିକ ଡାକ୍ତର ପଦବୀ ଖାଲି ପଡିଛି। ଚିକିତ୍ସା ଅଭାବରୁ କଏଦୀମାନେ ଉଭୟ ଶାରୀରିକ ଓ ମାନସିକ ଯନ୍ତ୍ରଣା ଭୋଗୁଥିବା କୁହାଯାଏ। ଜାତୀୟ ରାଜଧାନୀ ଦିଲ୍ଲୀରେ ଥିବା ଜେଲ ଗୁଡିକରେ ୨୦୬ ଜଣ କଏଦୀଙ୍କ ପାଇଁ ମାତ୍ର ଜଣେ ଡାକ୍ତର ଥିବା ଜଣାଯାଏ। ଏହା ନିସନ୍ଦେହ ଯେ, ଜେଲରେ କଏଦୀଙ୍କ ପ୍ରତି ଉଭୟ ସରକାର ଓ ବିଚାର ପ୍ରକ୍ରିୟାର ଅବହେଳା ନୂଆ ନୁହେଁ। ବିଚାର ପ୍ରକ୍ରିୟାରେ ମନ୍ଥରତା ଯୋଗୁଁ ବିଚାରଧୀନଙ୍କ ବନ୍ଦୀ ଜୀବନ ବଢ଼ିଚାଲିଥିବାବେଳେ ସରକାର ପ୍ରଶାସନର ଉଦାସୀନତା ସଂକଟକୁ ଦ୍ୱିଗୁଣିତ କରିଛି। ଜେଲଗୁଡ଼ିକରେ ସୁଧାର କାର୍ଯ୍ୟକ୍ରମ ପାଇଁ ମଂଜୁରୀ ପ୍ରାପ୍ତ ପଦବୀଗୁଡ଼ିକ ମଧ୍ୟରୁ ୬୦ପ୍ରତିଶତ ପଦବୀ ଖାଲି ପଡିଛି। କର୍ମଚାରୀ ଅଭାବରୁ ସୁଧାରମୂଳକ କାର୍ଯ୍ୟକ୍ରମ ଆଗେଇ ପାରୁନାହିଁ। ସେହିପରି ସର୍ବୋଚ୍ଚ ଅଦାଲତ ବାରମ୍ବାର ଦୀର୍ଘକାଳୀନ ଜେଲ ଯୋଜନାର ଅବାଶ୍ୟକତା ଉପରେ ଗୁରୁତ୍ୱ ଦେଇ ଆସୁଥିବା ସତ୍ତ୍ୱେ ଶାସନ-ପ୍ରଶାସନର ଉଦାସୀନତା ଯୋଗୁଁ କୌଣସି କାର୍ଯ୍ୟ ଆଗଇେ ପାରୁନାହିଁ। ଯାହାର ପରିଣତିସ୍ୱରୁପ ଜେଲ ସଂକଟ ବଢ଼ିବାରେ ଲାଗିଛି। ଏହି ସଂକଟର ସମାଧାନ ପାଇଁ ରାଜନୈତିକ ଇଚ୍ଛାଶକ୍ତି ଜରୁରୀ। ଫାଷ୍ଟଟ୍ରାକ କୋର୍ଟ ଏବଂ ବିକଳ୍ପ ବିବାଦ ସମାଧାନର ପନ୍ଥା ବିଚାରଧୀନ କଏଦୀଙ୍କ ସଂଖ୍ୟା ହ୍ରାସ କରିପାରିବ। ଆହୁରି ମଧ୍ୟ କଏଦୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଭିତିଭୂମି ନିର୍ମାଣ, ଡାକ୍ତର, ମନୋଚିକିତ୍ସା ଓ କର୍ମଚାରୀ ନିଯୁକ୍ତିର ଜରୁରୀ ଆବଶ୍ୟକତା ରହିଛି। ଗରିବଙ୍କ ପାଇଁ ଆଇନଗତ ସହାୟତାକୁ ତ୍ୱରିତ କରିବା ସହ ବିଚାରଧୀନଙ୍କ ସଂଖ୍ୟା ହ୍ରାସ ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ। ଏହା ସତ୍ୟ ଯେ, କଏଦୀଙ୍କୁ ସମ୍ମାନ ଓ ଯତ୍ନ ଆମ ଗଣତନ୍ତ୍ର ଶକ୍ତିକୁ ପ୍ରତିଫଳିତ କରେ, ଏହା ଏକ ଅନୁକମ୍ପା ନୁହେଁ, ସାମ୍ବିଧାନିକ କର୍ତବ୍ୟ।

## ସେବାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ଗୋପବନ୍ଧୁ

### ଅରୁନ୍ଧତୀ ଦେବୀ

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଆଦର୍ଶ ତ୍ୟାଗ ଓ ସମାଜ ସେବା ସମଗ୍ର ଓଡ଼ିଆ ଜାତି ପାଇଁ ଚରିସ୍ମରଣୀୟ ହୋଇ ରହିଛି ଓ ରହିଥିବ । ତାଙ୍କ ଜୀବନୀ ପ୍ରତ୍ୟେକ ଓଡ଼ିଶାବାସୀକୁ ପ୍ରଭାବିତ କରିଥାଏ । ଜନ୍ମ ହେଲେ ସମସ୍ତେ ମୃତ୍ୟୁବରଣ କରନ୍ତି । କାଳର କରାଳ ଗର୍ଭରେ ସବୁକିଛି ବିଲୀନ ହୋଇଯାଏ । ସମୟର ସ୍ରୋତ ସମସ୍ତଙ୍କୁ ଭସାଇ ନିଏ । ଯେତେ ଯାହା ହେଲେ ମଧ୍ୟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ତାଙ୍କର ନିଷ୍ପାପର ଆନ୍ତରିକ ସେବା କାର୍ଯ୍ୟ ପାଇଁ ପ୍ରତ୍ୟେକ ଓଡ଼ିଆଙ୍କ ନିକଟରେ ଅଭୁଲା ହୋଇ ରହିଥିବେ । ଗୋପବନ୍ଧୁ ଜନ୍ମ ଲାଭ କରିଥିଲେ ପୁରୀ ଜିଲ୍ଲାର ସୁଆଣ୍ଡୋ ନାମକ ଏକ ଗ୍ରାମରେ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖରେ । ତାଙ୍କ ପିତାଙ୍କ ନାମ ଥିଲା ଦୈତାରୀ ଦାସ ଓ ମାତାଙ୍କ ନାମ ଥିଲା ସ୍ୱର୍ଣ୍ଣମୟୀ ଦେବୀ । ଜନ୍ମର ଅଳ୍ପ ଦିନ ପରେ ସେ ମା'ଛେଉଣ୍ଡ ହୋଇ ପିଉସୀ କମଳା ଦେବୀଙ୍କ ତତ୍ତ୍ୱାବଧାନରେ ପ୍ରତିପାଳିତ ହୋଇଥିଲେ । ଗ୍ରାମରେ ଥିବା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଲାଭ କଲାପରେ ରୂପଦେଇପୁରରେ ଥିବା ମଧ୍ୟଇଂରାଜୀ ବିଦ୍ୟାଳୟରେ ପଢ଼ିଲେ । ପୁରୀ ଜିଲ୍ଲା ସ୍କୁଲରୁ ୧୮୯୯ ମସିହାରେ ସେ ମେଟ୍ରିକ୍ୟୁଲେସନ ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ତାଙ୍କର କଲେଜ ଶିକ୍ଷା ଆରମ୍ଭ ହେଲା କଟକ ରେଭେନ୍ସା ମହାବିଦ୍ୟାଳୟରେ । ୧୯୦୨ ମସିହାରେ ସେ ଏଫ୍.ଏ. ପରୀକ୍ଷାରେ ଓ ୧୯୦୪ ମସିହାରେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ରେଭେନ୍ସା କଲେଜରେ ପଢୁଥିବା ସମୟରେ ସେ ଆଚାର୍ଯ୍ୟହରିହର ଆଦି ଦେଶ ସେବକ ମାନଙ୍କ ସଂସ୍ପର୍ଶରେ ଆସି ଦେଶ ସେବାରେ ଆଗ୍ରହୀ ହେଲେ । ୧୯୦୨ ମସିହାରେ ବ୍ରହ୍ମପୁରରେ ହୋଇଥିବା ଉତ୍କଳ ସମ୍ମିଳନୀରେ ଯୋଗ ଦେଇ ସ୍ୱରଚିତ ପ୍ରାରମ୍ଭିକ ସଙ୍ଗୀତ ଗାନ କରି ଉତ୍କଳ ଗୌରବ ମଧୁସୂଦନ ଦାସ ଆଦି ବିଶିଷ୍ଟ ବ୍ୟକ୍ତିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ରେଭେନ୍ସା ମହାବିଦ୍ୟାଳୟରୁ ବି.ଏ. ପାଶ କଲାପରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଆଇନ (କ୍ରମଶଃ)

# ଧୂମପାନ ଓ ଲିଭର୍ ସମସ୍ୟା

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମାତ୍ର କେଇ କ୍ଷଣିକର ଆନନ୍ଦ । ହେଲେ ତା' ପରେ... ସେହି ଧୂଆଁରେ ଧୂଆଁ ହୋଇଯାଉଛି ଲକ୍ଷ ଲକ୍ଷ ଜୀବନ । ଧ୍ୱଂସ ହେଉଛି ମାନବ ସମ୍ବଳ । ଦୋହଲିଯାଉଛି ପରବାରର ଅର୍ଥନୈତିକ ସ୍ଥିତି । ପଇସା ଦେଇ କିଣୁଛେ ରୋଗ । ଝାଳବୁହା ଧନକୁ ଅଜାଡ଼ି ଦେଉଛେ ପାନ ଦୋକାନ ଆଉ ଡାକ୍ତରଖାନାରେ । ସୁନ୍ଦର ଭବିଷ୍ୟତକୁ ଠେଲିଦେଉଛେ ଅନ୍ଧାରର ଅତଳଗୁହା ଭିତରକୁ । ଏହା ଏବେ ଆଉ ନାହିଁ ଘରଣୀର ମୁଣ୍ଡବ୍ୟଥା ହୋଇ, ବ୍ୟାପିଛି ସମଗ୍ର ବିଶ୍ୱକୁ । ଯାହାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ଆଜିର ଦିନକୁ ବିଶ୍ୱ ତମାଖୁ ଦିବସ ନିରୋଧ ଦିବସ ରୂପେ ପାଳନ କରାଯାଉଛି । ସର୍ବସାଧାରଣ ସ୍ଥାନ ତଥା ଶିକ୍ଷାନୁଷ୍ଠାନଗୁଡ଼ିକ ନିକଟରେ ଧୂମପାନ ନିଷେଧ ବୋଲି ସରକାର ନିୟମ କରିଥିଲେ। ୨୦୦୮ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଲାଗୁ ହେଲା ଧୂମପାନ ନିଷେଧ ନିୟମ । ସର୍ବସାଧାରଣ ସ୍ଥାନରେ କେହି ବି ଧୂମପାନ କରି ପାରିବେ ନାହିଁ । ସର୍ବସାଧାରଣ ସ୍ଥାନ କହିଲେ ବସ୍‌ଷ୍ଟାଣ୍ଡ, ହୋଟେଲ, ପ୍ରେକ୍ଷାଳୟ, ସପିଙ୍ଗ ମଲ୍, ରେଳ ଷ୍ଟେସନ୍, ସରକାରୀ କାର୍ଯ୍ୟାଳୟ ପରିସର ଇତ୍ୟାଦି । ଯଦି କେହି ଧୂମପାନ କରୁଥିବା ଜଣାପଡ଼େ, ତେବେ ଆଇନତଃ ୨୦୦ ଟଙ୍କାର ଜରିମାନା ଦେବେ । ଶିକ୍ଷାନୁଷ୍ଠାନ ଓ ମନ୍ଦିର ନିକଟରୁ ୧୦୦ ମିଟର ଦୂରରେ କୌଣସି ତମାଖୁ ଦୋକାନ ରହିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଗଲା । ନୂଆ ନୂଆ କିଛି ଦିନ କଡ଼ାକଡ଼ି ଭାବେ ଏହି ନିୟମ ପାଳନ ହେଲା । ରାଜଧାନୀ ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ତମାଖୁ ଦୋକାନ ଉପରେ କମିଶନରେଟ ପୁଲିସ ପକ୍ଷରୁ ଚଢ଼ଉ ମଧ୍ୟ କରାଗଲା । ତମାଖୁ ସେବନ କରିବା କେତେ ଯେ ଭୟଙ୍କର ତାହା ତମାଖୁ ସେବନ କରି ମୃତ୍ୟୁ ବରଣ କରୁଥିବା ପରିସଂଖ୍ୟାନରୁ ଜଣାପଡ଼େ । ସମଗ୍ର ବିଶ୍ୱରେ ୮ ଲକ୍ଷରୁ ଉର୍ଦ୍ଧ୍ୱ ତମାଖୁ ସେବନ କରି ମୁଖ ଗହ୍ୱର କର୍କଟ ରୋଗରେ ରୋଗାକ୍ରାନ୍ତ ହେଉଥିବା ବେଳେ ଦିନକୁ ୨,୨୨୦ ଜଣ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି । ଏବେ ଠାରୁ ଯଦି ତମାଖୁ ସେବନ ଉପରେ ବିଶ୍ୱରେ ଏହାର ସଂଖ୍ୟା ଯଥେଷ୍ଟ ବଢ଼ିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରୁଛନ୍ତି ।

ଧୂମପାନ ସେବନରେ ମୁଖଗହ୍ୱର, ହୃତ୍‌ପିଣ୍ଡ, ଯକୃତ, ଫୁସ୍‌ଫୁସ୍, ଅଗ୍ନ୍ୟାଶୟ ଓ ଖାଦ୍ୟନଳୀ ଇତ୍ୟାଦି ଶରୀରର ଅଂଶଗୁଡ଼ିକ ରୋଗାକ୍ରାନ୍ତ ହୁଅନ୍ତି। ଉଚ୍ଚରକ୍ତଚାପ, ହୃଦ୍‌ଘାତ, ପକ୍ଷାଘାତ, ଫୁସ୍‌ଫୁସ୍ କ୍ୟାନସର, ବୃକକ୍ କ୍ୟାନସର, ଖାଦ୍ୟନଳୀ କ୍ୟାନସର, ସ୍ୱରନଳୀର କ୍ୟାନସର ଓ ଅଗ୍ନ୍ୟାଶୟର କ୍ୟାନସର ଇତ୍ୟାଦି ଧୂମପାନ ସେବନ ଯୋଗୁଁ



ହୋଇଥାଏ। ବେଶୀ ସଂଖ୍ୟାରେ ଅଧିକ ବର୍ଷ ଧୂମପାନ କଲେ ଏହି ରୋଗ ସବୁ ଦେଖାଯାଏ। ଯେଉଁମାନେ ଧୂମପାନ କରୁନାହାଁନ୍ତି କିନ୍ତୁ ପରିବେଶରେ ଧୂମପାନ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଯାହାକୁ କି ଦ୍ୱିତୀୟ ସ୍ତରର ଧୂମପାନ କୁହନ୍ତି ତାହାମଧ୍ୟ ଶରୀର ପକ୍ଷେ କ୍ଷତିକାରକ। ଦ୍ୱିତୀୟସ୍ତର ଧୂମପାନ ହେଉଛି ସିଗାରେଟ୍‌ର ଧୂଆଁ ଓ ମନୁଷ୍ୟର ନିଃଶ୍ୱାସରେ ଛାଡୁଥିବା ଧୂଆଁର ମିଶ୍ରଣ। ଗର୍ଭବତୀ ମହିଳାମାନେ ଏହି ଦ୍ୱିତୀୟ ସ୍ତରର ଧୂମପାନ ଦ୍ୱାରା ବିଶେଷ ଭାବେ ଆକ୍ରାନ୍ତ ହୁଅନ୍ତି ଓ ଶିଶୁ ମୃତ୍ୟୁର ହାର ମଧ୍ୟ ତିନିଗୁଣ ବୃଦ୍ଧି ପ୍ରାପ୍ତ ହୁଏ। ଧୂମପାନ ଦ୍ୱାରା ମନୁଷ୍ୟର ଆୟୁଶ ମଧ୍ୟ ଦଶ ପନ୍ଦର ବର୍ଷ କମିଯାଏ। ରକ୍ତ କ୍ୟାନସର, ଯକୃତ୍ କ୍ୟାନସର, ବୃହଦନ୍ତ୍ର କ୍ୟାନସର ଓ ପିତ୍ତକୋଷ କ୍ୟାନସରର ସଂଖ୍ୟା ଧୂମପାନ ବ୍ୟକ୍ତିଙ୍କ ଠାରେ ବେଶୀ ସଂଖ୍ୟାରେ ଦେଖାଯାଏ। ଧୂମପାନ ଦ୍ୱାରା କାର୍ବନ ମନୋକ୍ସାଇଡ, ସାଇନାଇଡ଼ ଓ ବେନ୍‌ଜୋପାଇରିନ୍ ଇତ୍ୟାଦି ରାସାୟନିକ ବସ୍ତୁ ଶରୀରକୁ ପ୍ରବେଶ କରି ବିଭିନ୍ନ ଅଙ୍ଗକୁ ଆକ୍ରାନ୍ତ କରନ୍ତି। ରକ୍ତ ଶୀରା ପ୍ରଶିରା ସଙ୍କୁଚିତ ହୋଇ ବାରଜରସ୍ ରୋଗ ସୃଷ୍ଟି କରେ। ରକ୍ତରେ କୋଲେଷ୍ଟିରଲ, ଫିବ୍ରିନୋଜେନ୍ ଇତ୍ୟାଦିର ଅଂଶ ବୃଦ୍ଧି ପାଇ ହୃଦ୍‌ଘାତ ହୁଏ। ହୁକା ସେବନ ମଧ୍ୟ ଧୂମପାନ ଭଳି କ୍ଷତିକାରକ। ଧୂମପାନ ଦ୍ୱାରା ଖାଦ୍ୟନଳୀ ଓ ପେଟରେ ଘାଆ ସୃଷ୍ଟି ହୁଏ।

ଇତିହାସ କହେ, ଖ୍ରୀ.ପୂ. ୬୦୦୦ ବର୍ଷ ତଳେ ଆମେରିକାରେ ତମାଖୁ ଚାଷ କରାଯାଉଥିଲା । ୧୪୯୨ ମସିହାରେ କଲମ୍ବସ୍ ଏହି ତମାଖୁକୁ ଇଉରୋପ ନେଇଥିଲେ । ତା' ପରେ ମାତ୍ର ଦେଢ଼ଶହ ବର୍ଷ ଭିତରେ ଏହା ବିଶ୍ୱସାରା ଚରିଯାଇଥିଲା । କେବଳ ଏହାର ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ଅଷ୍ଟାଦଶ ଶତାବ୍ଦୀରେ ଏହାକୁ ନାଶ ଭାବେ ବ୍ୟବହାର କରାଯାଉଥିବା ବେଳେ ଊନବିଂଶ ଶତାବ୍ଦୀରେ ସିଗାରର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଲା । ବିଂଶ ଶତାବ୍ଦୀ ବେଳକୁ ଏହା ସିଗାରେଟ୍‌ର ରୂପ ନେଇଥିଲା । ଏକବିଂଶ ଶତାବ୍ଦୀ ବେଳକୁ ଏହା ଏତେ ଆଦୃତ ହୋଇଥିଲା ଯେ ବିଶ୍ୱରେ ପ୍ରାୟ ଏକ ତୃତୀୟାଂଶ ଲୋକ ଏହାକୁ ସେବନ କରୁଛନ୍ତି । ବର୍ତ୍ତମାନ ଏହାର ବିଭିନ୍ନ ରୂପଗୁଡ଼ିକ ହେଉଛି; ବିଡ଼ି, ସିଗାର, ସିଗାରେଟ, କ୍ରେଟେକ୍ସ, ପାଇପ, ଷ୍ଟିକ୍, ଗୁଟ୍‌ଖା ଇତ୍ୟାଦି । ତମାଖୁର ବ୍ୟାପକ ବ୍ୟବହାର ଯୋଗୁଁ ପ୍ରତିକ୍ଷଣରେ ବଢ଼ିଚାଲିଛି ଅସୁରକ୍ଷିତ ଜୀବନର ପାରଦ । ସମ୍ପ୍ରତି ବିଶ୍ୱରେ ୫୦ କୋଟି ଲୋକ ତମାଖୁ ଯୋଗୁଁ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି । ବିଶ୍ୱର ୧/୩ ଅଂଶ ଲୋକ ତମାଖୁ ବ୍ୟବହାର କରୁଥିବାରୁ ପ୍ରତିଦିନ ୧୫୦ କୋଟି ସିଗାରେଟ୍ ଓ ଗୁଟ୍‌ଖା ବିକ୍ରି ହେଉଛି । ଏହା ସିନା ଆମ ପରିବାର ପ୍ରତି ବିପଦ ଡାକିଆଣୁଛି । ହେଲେ ତମାଖୁ କମ୍ପାନୀମାନଙ୍କର ତ କଦେପୁଅ ବାର । ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ପୃଥିବୀର ପାଞ୍ଚଟି ବୃହତ୍ତମ କମ୍ପାନୀ, ଫିଲିପ୍ସ, ମୋରିସ୍, ବାଟ୍, ଆଲତାରଡ଼ିସ୍, ରିମସ୍ତା ଓ ଜେଟିଆଇ କମ୍ପାନୀଗୁଡ଼ିକ ବାର୍ଷିକ ୧ ଲକ୍ଷ କୋଟି ଡଲାରର ତମାଖୁ ବ୍ୟବସାୟ କରିଥାନ୍ତି ।

ତମାଖୁରେ ଥିବା ଉପାଦାନଗୁଡ଼ିକୁ ଆମେ ରଙ୍ଗ, ସର୍ଫ, ବିଷ, କାର ବ୍ୟାଟେରୀ, କୀଟନାଶକ, ପ୍ଲାଷ୍ଟିକ୍‌ରେ ମଧ୍ୟ ଦେଖିବାକୁ ପାଇବା । ଗୋଟିଏ ସିଗାରେଟ୍ ଟାଣିଲେ ଆମ ଜୀବନର ୭ ମିନିଟ୍ ଆୟୁଷ କମିଥାଏ । ସର୍ବେକ୍ଷଣରୁ ଜଣାଯାଇଛି ଯେ, ଏଡ଼ସ, ନିଷିଦ୍ଧ ନିଶାଦ୍ରବ୍ୟ, ରାସ୍ତା ଦୁର୍ଘଟଣା, ହତ୍ୟା, ଆତ୍ମହତ୍ୟା ଯୋଗୁଁ ବିଶ୍ୱରେ ପ୍ରତିବର୍ଷ ଯେତିକି ଲୋକ ମରୁଛନ୍ତି ତାହାଠାରୁ ଅଧିକ ମୃତ୍ୟୁବରଣ କରୁଛନ୍ତି ତମାଖୁ ସେବନ ଯୋଗୁଁ । ଏହି ତମାଖୁ ଶରୀର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଲିଭର ଓ ପରବର୍ତ୍ତୀ ସମୟରେ ତମାମ ଶରୀର ଆକ୍ରାନ୍ତ ହେବାସହ ଅନେକ ରୋଗର କାରକ ପାଲଟିଥାଏ। ପରିଶେଷରେ ଭୟାବହ କ୍ୟାନସରକୁ ନିମନ୍ତ୍ରଣ କରିବା ଯାହା ସାର ହୋଇଥାଏ। ତେବେ ଖାଲି ଯେ ମଣିଷ ମରୁଛନ୍ତି ତାହା ନୁହେଁ ଏହା ଆମର ଅର୍ଥନୀତି ପ୍ରତି ଉପରେ ମଧ୍ୟ ପ୍ରଭାବ ପକାଉଛି । ତମାଖୁ ସେବନକାରୀମାନେ ସେମାନଙ୍କ ଜୀବନର ୩୦ ପ୍ରତିଶତ ଆୟ ତମାଖୁ ବାବଦକୁ ଖର୍ଚ୍ଚ କରିଥାନ୍ତି। ଏତଦ୍‌ବ୍ୟତୀତ ପ୍ରତିବର୍ଷ ଅଧାଜଳା ସିଗାରେଟ୍ ବା ଦିଆସିଲି ଯୋଗୁଁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଅଗ୍ନିକାଣ୍ଡ ହୋଇଥାଏ । ଯାହା ଫଳରେ ବ୍ୟାପକ ଜଙ୍ଗଲ ଓ ଧନଜୀବନ ହାନି ହୋଇଥାଏ। ତମାଖୁ ପକେଟ୍ କଣା କରିବାରେ ଓସ୍ତାଦ। ଏହି ତମାଖୁ ବା ଧୂମ୍ରପାନ ଅନେକ ପରିବାରକୁ ଉଜାଡ଼ି ଦେଇଥାଏ। ଅନେକ ପରିବାର ତିଆରି ହେବା ପୂର୍ବରୁ ହିଁ ଧ୍ୱଂସ ହୋଇଯାଇଥାଏ। ଯେଉଁଥିପାଇଁ କୁହାଯାଇଛି, ପାନ ବିଡ଼ି ନୁହେଁ ଛୋଟିଆ ନିଶା, ଜଣା ପଡ଼େ ନାହିଁ ଟାଣେ ପଇସା। ଆସନ୍ତୁ, ଏକ ତମାଖୁମୁକ୍ତ ବିଶ୍ୱର ପରିକଳ୍ପନାକୁ ସାକାର କରିବା ।

ଅବସର ପ୍ରାପ୍ତ, ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଶୃଙ୍ଖଳା ରହୁ, ଶୃଙ୍ଖଳ ଛିଡୁ

### ଅକ୍ଷୟ କୁମାର ମିଶ୍ର

ଏକ ନିର୍ଦ୍ଦିଷ୍ଟ ନୀତି, ନିୟମ, ଧାରା, ପଦ୍ଧତିକୁ ମାନି ଚାଲିବା ଶୈଳୀକୁ ଆମେ ଶୃଙ୍ଖଳା କହିଥାଉ । ଶୃଙ୍ଖଳା ସଂଗଠିତ ଜୀବନ ଚର୍ଯ୍ୟାର ଶ୍ରେଷ୍ଠ ତଥା ଶକ୍ତିଶାଳୀ ଭିତ୍ତି । ବ୍ୟକ୍ତିଗତ କୃତିତ୍ୱ ଲାଭ ହେଉ କିମ୍ବା ସମଷ୍ଟିଗତ ସଫଳତା ହାସଲ କରିବାକୁ ହେଲେ ଶୃଙ୍ଖଳା ବାଞ୍ଛନୀୟ । ଆତ୍ମ ସଂଯମତାର ବୃଦ୍ଧି ବିନା ଶୃଙ୍ଖଳାରେ କଦାପି ସମ୍ଭବ ନୁହେଁ । ଜୀବନକୁ ସଜାଡ଼ି ଦିଏ ଶୃଙ୍ଖଳା । କେବଳ ବ୍ୟକ୍ତି କ୍ଷେତ୍ରରେ ନୁହେଁ ଶୃଙ୍ଖଳା ନରହିଲେ ସମାଜ ମଧ୍ୟ ସଠିକ୍ ମାର୍ଗରେ ଆଗକୁ ବଢ଼ିବା ସମ୍ଭବ ହେବ ନାହିଁ । ସେଇଥିପାଇଁ ଆମ ସମସ୍ତଙ୍କର ବିଚାର ହେଉଛି ଶାସନ ପ୍ରଶାସନ, ଅଫିସ ଦପ୍ତର, ସ୍କୁଲ କଲେଜ. ସଂଘ ସଂଗଠନ, ଦଳ ଗୋଷ୍ଠୀ ସବୁ କ୍ଷେତ୍ରରେ ଶୃଙ୍ଖଳା ଜରୁରୀ ।

ମାତ୍ର ଶୃଙ୍ଖଳ ଏକ ବେଡ଼ି ବା ଚେନ୍ ଯାହାଦ୍ୱାରା ଇଚ୍ଛା ବିରୁଦ୍ଧରେ ଜଣକୁ ବାନ୍ଧି ରଖାଯାଏ । ସ୍ୱାଧୀନତା ନଥାଏ କହିବାରେ, କରିବାରେ ମତ ପ୍ରଦାନରେ । ଏହି ଶୃଙ୍ଖଳ ସବୁଠି ବିଦ୍ୟମାନ । କେଉଁଠି ଦୃଶ୍ୟମାନ କେଉଁଠି ଅଦୃଶ୍ୟ । ସେଇଥିପାଇଁ ଦାର୍ଶନିକ ରୁଷୋ କହିଥିଲେ, "Man is born free, but everywhere he is in chains" । କିନ୍ତୁ ଏହି ଶୃଙ୍ଖଳକୁ ଛିନ୍ନ କରିବା ନିମନ୍ତେ ମଣିଷ ଅହରହ ଚେଷ୍ଟା କରିଆସିଛି । ପୁଣି ଏହି ଚେଷ୍ଟା ଯେଉଁମାନଙ୍କୁ ସୁହାଇ ନାହିଁ ସେମାନେ ତାକୁ ଶୃଙ୍ଖଳା ଭଙ୍ଗର ଆଖ୍ୟା ଦେଇଛନ୍ତି । ମୋଟାମୋଟି କହିବାକୁ ଗଲେ କିଛି ଲୋକ ଯାହାକୁ ଶୃଙ୍ଖଳା ବୋଲି କୁହନ୍ତି ଆଉ କିଛି ଲୋକ ସେହି ସମାନ କଥାଟିକୁ ଶୃଙ୍ଖଳ ବୋଲି ବିବେଚନା କରନ୍ତି ।

ଶୃଙ୍ଖଳା ଓ ଶୃଙ୍ଖଳ ଭିତରେ ଆକାଶ ପାତାଳର ଫରକ । କିନ୍ତୁ ଶୃଙ୍ଖଳା ଯେତେବେଳେ କଠୋର ହୋଇଯାଏ ଏବଂ ବିନା ପ୍ରତିବାଦରେ ଏହାକୁ ସ୍ୱୀକାର କରିନେବାକୁ ବାଧ କରାଯାଏ ସେତେବେଳେ ତାହା ଶୃଙ୍ଖଳ ଭାବରେ ପ୍ରତୀୟମାନ ହୁଏ । ଯେମିତିକି ବ୍ରିଟିଶମାନେ ଆମ ଦେଶକୁ ଶାସନ କଲାବେଳେ କିଛି ଆଇନ ପ୍ରଣୟନ କରିଥିଲେ ଯେଉଁ ସବୁକୁ ମାନିବାକୁ ଆମକୁ ବାଧ କରୁଥିଲେ । ଯେଉଁମାନେ ମାନୁ ନଥିଲେ ସେମାନଙ୍କ ବିରୋଧରେ ଇଂରେଜମାନେ ଶୃଙ୍ଖଳା ଭଙ୍ଗର ଅଭିଯୋଗ ଆଣୁଥିଲେ ଏବଂ ବନ୍ଦୀ କରି ଜେଲ୍‌ରେ ରଖୁଥିଲେ । ବ୍ରିଟିଶ ମାନଙ୍କ ପାଇଁ ଯାହା ଥିଲା ଶୃଙ୍ଖଳା ଭାରତୀୟଙ୍କ ପାଇଁ ତାହା ଥିଲା ପରାଧୀନତାର ଶୃଙ୍ଖଳ । ସମ୍ପ୍ରତି ଆମେ ଦେଖୁଛୁ ଶୃଙ୍ଖଳା ନାମରେ ଅନେକ କ୍ଷେତ୍ରରେ ଶୃଙ୍ଖଳ ପିନ୍ଧାଇ ଦିଆଯାଉଛି । ଫଳରେ ସ୍ୱାଧୀନତା ସଂକୁଚିତ ହୋଇ ଯାଉଛି । ସୃଜନଶୀଳତାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । ଅନ୍ୟାୟ, ଅନୀତି, ମିଛ ବିରୋଧରେ ସ୍ୱରତ୍ତୋଳନର ସାହସ କେଉଁଠି ନା କେଉଁଠି ବାଧା ପ୍ରାପ୍ତ ହେଉଛି ।

ଶୃଙ୍ଖଳାର ବିଭବ ଗୁଡ଼ିକ ହେଲା ଅଭ୍ୟାସ, ସମୟାନୁବର୍ତ୍ତିତା, ସଂଯମତା, ଯୋଜନାବଦ୍ଧ କର୍ମ । କଥାରେ ଅଛି 'ଅଭ୍ୟାସ ହେଉଛି ମଣିଷର ଦ୍ୱିତୀୟ ପ୍ରକୃତି' । ଭଲ ଅଭ୍ୟାସ ହିଁ ଏକ ପ୍ରକାର ଶୃଙ୍ଖଳା । ନିତ୍ୟକର୍ମ ଠାରୁ ଆରମ୍ଭ କରି ଶାରୀରିକ ବ୍ୟାୟାମ, ପଠନ, ଲିଖନ ଅଭ୍ୟାସ ଶୃଙ୍ଖଳାଜ୍ଞାନର ଗୋଟିଏ ଗୋଟିଏ ସୋପାନ । ମନ୍ଦ ପ୍ରବୃତ୍ତି ଗୁଡ଼ିକ ଯେମିତି ଭଲ ଅଭ୍ୟାସ ଦ୍ୱାରା ଦମନ ହୋଇଥାଏ ସେମିତି ଜଣେ ବ୍ୟକ୍ତିକୁ ସଂଯମୀ ଏବଂ ସୁଚରିତ୍ର ସମ୍ପନ୍ନ କରାଏ । ସମୟାନୁବର୍ତ୍ତିତା ତ ଶୃଙ୍ଖଳିତ ଜୀବନ ଧାରାର ଆଦ୍ୟ ସୋପାନ । ଯିଏ ଯେତେ ସମୟାନୁବର୍ତ୍ତି ସିଏ ସେତେ କର୍ତ୍ତବ୍ୟ ପରାୟଣ । ସମୟ ପ୍ରତି ସଚେତନ ନଥିବା ମଣିଷ କ'ଣ ଶୃଙ୍ଖଳା ମାନି ବାଟ ଚାଲିପାରିବ ? ମଣିଷର ମନ ସର୍ବଦା ସୁଖ, ସମ୍ଭୋଗ ପ୍ରତି ଆକର୍ଷିତ ହୁଏ । ଲୋଭ, ମୋହ, କାମନାର ବଶବର୍ତ୍ତୀ ହୋଇ ବିପଥଗାମୀ ହୁଏ । ସଂଯମତା ହିଁ ଏଥିରୁ ନିବୃତ୍ତ କରିପାରିବ । କିନ୍ତୁ ସାମାଜିକ ଶୃଙ୍ଖଳା ଗୁଡ଼ିକ ପ୍ରତି ସମ୍ମାନବୋଧ ନଥିଲେ ସଂଯମୀ ହେବା କାଠିକର ନିଶ୍ଚୟ । ଯୋଜନାବଦ୍ଧ କର୍ମ ହେଉଛି ଏସବୁ ପାଇଁ ସ୍ନାୟୁତନ୍ତୁ । ସ୍ନାୟୁ ଯେମିତି ମସ୍ତିଷ୍କର ସମସ୍ତ ନିର୍ଦ୍ଦେଶକୁ ବିଭିନ୍ନ କାର୍ଯ୍ୟନିର୍ବାହୀ ଅଙ୍ଗକୁ ବହି ନିଏ ଠିକ୍ ସେମିତି ଯୋଜନାବଦ୍ଧ କର୍ମ ଏମାନଙ୍କ ମାଧ୍ୟମରେ ଶୃଙ୍ଖଳାଜ୍ଞାନକୁ ପରିପୁଷ୍ଟ କରାଏ । ଯୋଜନା ମୁତାବକ କର୍ମ କରିବାର ଅଭ୍ୟାସ ସୃଷ୍ଟି ହେଲେ ଜଣେ ସମୟାନୁବର୍ତ୍ତି ହେବା ସହିତ ଶୃଙ୍ଖଳିତ ହେବ, ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ ।

ଶୈଶବରୁ ବାର୍ଦ୍ଧକ୍ୟ ପ୍ରତିଟି ଅବସ୍ଥାରେ ଶୃଙ୍ଖଳା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । କିନ୍ତୁ ବେଳେ ବେଳେ ଦେଖାଯାଏ ଶୃଙ୍ଖଳା ନାମରେ ଅଧିକାରକୁ ଖର୍ବ କରାଯାଉଛି । ବଡ଼ମାନେ ସାନମାନଙ୍କୁ ଶୃଙ୍ଖଳା ଶିଖାନ୍ତି । ଅନେକ କଥା ଆକଟ କରିବା ସହିତ ନକରିବାକୁ ବାଧ କରନ୍ତି । ମିଶିବା, ଖେଳିବା, ବୁଲିବା, ଖାଇବା, ପିଇବା ସବୁଥିରେ ରୁଟିନ୍ । ତାହା ପୁଣି ସେମାନଙ୍କର ପସନ୍ଦ ଅନୁଯାୟୀ ନୁହେଁ ବଡ଼ମାଆଙ୍କର ଇଚ୍ଛାକୁ ନେଇ ହୋଇଥାଏ । ହୋଇପାରେ କିଛି ଦିନ ପାଇଁ ଏହା ଶିଶୁକୁ ଶୃଙ୍ଖଳିତ କରିରଖେ, ମାତ୍ର ବଡ଼ ହେବାପରେ ସେ ସମସ୍ତ ଶୃଙ୍ଖଳକୁ ଛିନ୍ନ କରି ମୁକ୍ତ ହେବାକୁ ଚାହେଁ । ଫଳରେ ଅଜାଣତରେ ସେ ଭୁଲ କରେ ଓ ବିଶୃଙ୍ଖଳାର କାରଣ ବନିଯାଏ । ସେମିତି ଛାତ୍ରମାନଙ୍କୁ ଶୃଙ୍ଖଳା ଶିଖାନ୍ତି ଶିକ୍ଷକମାନେ । ବିଦ୍ୟାଳୟ ଫାଟକ ଭିତରକୁ ପ୍ରବେଶ ଠାରୁ ପ୍ରସ୍ଥାନ ପର୍ଯ୍ୟନ୍ତ ବିଭିନ୍ନ ଶୃଙ୍ଖଳା ମାନି ଚଳିବାକୁ ପଡ଼ିଥାଏ । ୟୁନିଫର୍ମ ପିନ୍ଧି ବିଦ୍ୟାଳୟକୁ ଯିବା, ନିୟମିତ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟ ଯିବା, ପ୍ରାର୍ଥନା ସଭାରେ ଯୋଗଦେବା, ଧାଡ଼ି ବାନ୍ଧି ଶ୍ରେଣୀ କକ୍ଷ ଭିତରକୁ ପ୍ରବେଶ କରିବା, ବ୍ୟାୟାମ କ୍ଲାସ୍‌ରେ ଅଂଶଗ୍ରହଣ କରିବା, ସର୍ବୋପରି ବିଦ୍ୟାଳୟର ନୀତି ନିୟମକୁ ମାନିବା ହେଉଛି ଶୃଙ୍ଖଳା । ଏହିସବୁ ନିୟମ ଯେ ଛାତ୍ରଛାତ୍ରୀଙ୍କ ଜୀବନଶୈଳୀ ଉପରେ ଉତ୍ତମ ପ୍ରଭାବ ପକାଏ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସହାୟକ ହୁଏ ଏଥିରେ ଦ୍ୱିମତ ନାହିଁ । ମାତ୍ର ଏହାକୁ ନେଇ କିଛି ଶିକ୍ଷକଙ୍କର ମାତ୍ରାଧିକ ଅନୁଶାସନ ଛାତ୍ରଛାତ୍ରୀଙ୍କୁ ଭୟାଳୁ କରିଦିଏ । ପ୍ରଶ୍ନ ପଚାରିବାର ସାହସ ରହେ ନାହିଁ । ଫଳରେ ଧରାବନ୍ଧା ନିୟମ ଓ ଧରାବନ୍ଧା ଶିକ୍ଷା ସେମାନଙ୍କୁ ବାହ୍ୟଜ୍ଞାନ ଠାରୁ ଦୂରେଇ ରଖେ ।

ଏହି ଶୃଙ୍ଖଳା କଥାଟି ଅଧିକ ବ୍ୟବହାର ହୋଇଥାଏ ରାଜନୀତି କ୍ଷେତ୍ରରେ । ପ୍ରତ୍ୟେକ ରାଜନୈତିକ ଦଳରେ କିଛି ନା କିଛି ଶୃଙ୍ଖଳା ଅଛି ଯାହାକୁ ସେହି ଦଳର ସଦସ୍ୟତା ଗ୍ରହଣ କରିଥିବା ବ୍ୟକ୍ତିମାନେ ମାନିଥାନ୍ତି । ଜନମାନସରେ କେଉଁ କଥା କୁହାଯିବ କେଉଁ କଥା କୁହାଯିବ ନାହିଁ, ପୁଣି କେଉଁ କଥା କେଉଁ କମିଟିରେ କୁହାଯିବ ସେଥିପାଇଁ ଏକ ଲକ୍ଷ୍ମଣରେଖା ଟଣା ଯାଇଥାଏ । ଯାହାକୁ ଦଳୀୟ ଶୃଙ୍ଖଳା ବୋଲି ଅଭିହିତ କରାଯାଏ । ଦଳର କାର୍ଯ୍ୟକ୍ରମ ବିରୋଧରେ କହିବା, ନେତାଙ୍କୁ ସର୍ବସାଧାରଣରେ ସମାଲୋଚନା କରିବା ଦଳୀୟ ବିଶୃଙ୍ଖଳା ବୋଲି ବିବେଚନା କରାଯାଏ । ଏହା ଆଦୌ ଅସମୀଚିନ ମଧ୍ୟ ନୁହେଁ । ମୁକ୍ତ ସ୍ୱାଧୀନତା ଏକ ପ୍ରକାର ସ୍ୱେଚ୍ଛାଚାରିତା । ଯିଏ ଯାହା ଯେମିତି କହିଲେ ଦଳର ଭାବମୂର୍ତ୍ତି ନଷ୍ଟ ହେବ ନିଶ୍ଚୟ । ଦଳରେ ବିଶୃଙ୍ଖଳା ବୃଦ୍ଧି ପାଇଲେ କେହି କାହାକୁ ମାନିବେ ନାହିଁ । ଅଚିରେ ଦଳରେ ବିଭାଜନ ସୃଷ୍ଟି ହେବ । ସେଇଥିପାଇଁ ଶୃଙ୍ଖଳା ଭଙ୍ଗ କରୁଥିବା ନେତାମାନଙ୍କ ବିରୋଧରେ ଦଳ ଦୃଢ଼ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଦଳରୁ ବହିସ୍କାର କରେ । ମାତ୍ର ଆଭ୍ୟନ୍ତରୀଣ ଗଣତନ୍ତ୍ର ଯେଉଁ ଦଳରେ କାର୍ଯ୍ୟତଃ ନଥାଏ ସେଠାରେ ଉକ୍ତ ଶୃଙ୍ଖଳା ଏକ ଶୃଙ୍ଖଳ ଭାବରେ କାମ କରେ । ଦଳ ସଠିକ୍ ମାର୍ଗରେ ଚାଲୁନଥିଲେ ମଧ୍ୟ ନିଲମ୍ବନ ହେବାର ଭୟରେ ଅନେକେ ମୁହଁ ଖୋଲନ୍ତି ନାହିଁ । ନେତୃତ୍ୱକୁ ସମାଲୋଚନା କରିବାକୁ ସାହସ ଜୁଟାଇ ପାରନ୍ତି ନାହିଁ । ଅନ୍ୟାୟକୁ ମୁଣ୍ଡପାତି ସହି ନିଅନ୍ତି । ଅଧିକନ୍ତୁ ତୋଷାମଦିଆଙ୍କ ସଂଖ୍ୟା ଦଳରେ ବଢ଼ିଯାଏ । ଫଳରେ ଏକଛତ୍ରବାଦ ବୃଦ୍ଧି ପାଏ । ଏହା ସାଧାରଣ ଜନତା, ଦେଶ ବା ରାଜ୍ୟ କାହାରି ପାଇଁ ଭଲ ନୁହେଁ ।

ଶେଷ କଥାଟି ପ୍ରଶାସନିକ ଶୃଙ୍ଖଳା ସମ୍ପର୍କରେ ଆଲୋଚନା କରିବା । ପ୍ରଶାସନ ଚାଲିବା ପାଇଁ ଅନେକ ବିଭାଗ ଅଛି । ବିଭାଗ ଗୁଡ଼ିକ ପାଇଁ ସ୍ୱତନ୍ତ୍ର ଅଫିସ୍, ଦପ୍ତର ଅଛି । ଏହି ସମସ୍ତ ସ୍ଥାନରେ ଶୃଙ୍ଖଳା ବୋଇଲେ ଆମ ସମ୍ବିଧାନର ଧାରା ଉପଧାରାକୁ ମାନି ଚଳିବା । ଏଠାରେ ଯେଉଁମାନେ କାର୍ଯ୍ୟରତ ସେମାନେ ଏହାକୁ ମାନିବା ସହିତ ଯେଉଁମାନେ ବିଭିନ୍ନ କାର୍ଯ୍ୟ ପାଇଁ ଏଠାକୁ ଯାଉଛନ୍ତି ସେମାନେ ମଧ୍ୟ ଏହାକୁ ସମ୍ମାନ ଦେବା ଜରୁରୀ । ଏହି ଶୃଙ୍ଖଳାକୁ ଯଦି ସଭିଏଁ ଅକ୍ଷରେ ଅକ୍ଷରେ ପାଳନ କରିଥାନ୍ତେ ଏବଂ ଆଚରଣ ସଂହିତାକୁ ଅନୁସରଣ କରିଥାନ୍ତେ ତେବେ ପ୍ରଶାସନ ସୁରୁଖୁରୁରେ ଚାଲନ୍ତା, ଲୋକମାନେ ମଧ୍ୟ ଉପଯୁକ୍ତ ସେବା ପାଇଥାନ୍ତେ । ସାମ୍ବିଧାନିକ ଶୃଙ୍ଖଳା ପ୍ରତି ସମ୍ମାନ ବୋଧ ରହୁ ନଥିବା ଯୋଗୁଁ ଯେଉଁ ସବୁ ବିଶୃଙ୍ଖଳା ଜନ୍ମ ନେଉଛି ସେମାନଙ୍କ ମଧ୍ୟରେ ଦୁର୍ନୀତି ହେଉଛି ଅନ୍ୟତମ । ଅପରପକ୍ଷରେ ଏହି ଦୁର୍ନୀତିକୁ ଲାଳନପାଳନ କରିବା ନିମନ୍ତେ ଆଉ କିଛି ଶୃଙ୍ଖଳା ଜନିତ ଶୃଙ୍ଖଳ ତିଆରି କରାଯାଇଛି, ଯଥା- ପ୍ରବେଶ ନିଷେଧ, ନିର୍ଦ୍ଧାରିତ ସାକ୍ଷାତ ସମୟ, ଆଇନ୍‌ରେ ଥିବା ଗଳା ବାଟ ଇତ୍ୟାଦି । ହୋଇପାରେ ଏହିସବୁ ଶୃଙ୍ଖଳା ନମାନିଲେ ସାଧାରଣ ଲୋକଙ୍କ ଭିଡ଼ ଜମିବ । କାର୍ଯ୍ୟ କରିବାରେ ଅସୁବିଧା ହେବ । ଏଣୁ ସବୁଠି ଏମିତି କିଛି ଶୃଙ୍ଖଳା ରହିବା ଆବଶ୍ୟକ । ମାତ୍ର ପ୍ରଶାସନିକ ସ୍ତରରେ ଥିବା କିଛି ଅସାଧୁ ବ୍ୟକ୍ତି ଏହି ସମସ୍ତ ଶୃଙ୍ଖଳାକୁ ସୁଯୋଗ ରୂପେ ବ୍ୟବହାର କରୁଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ଏହା ଏକପ୍ରକାର ଶୃଙ୍ଖଳ । ନିଜର ଅଭିଯୋଗ ଆପତ୍ତିକୁ ଯଥା ସ୍ଥାନରେ ଉପସ୍ଥାପନ କରିବାରେ ସେମାନେ ଅସମର୍ଥ ହୁଅନ୍ତି ।

ପରିବାରଠାରୁ ପାର୍ଲ୍ୟାମେଣ୍ଟ, ବିଦ୍ୟାଳୟ ଠାରୁ କାର୍ଯ୍ୟାଳୟ, ସଂଗଠନ ଠାରୁ ସରକାର, ରାଜନୈତିକ ଦଳ ଠାରୁ ରାଜଭବନ ସବୁଠି ଶୃଙ୍ଖଳା ରହୁ ମାତ୍ର ଶୃଙ୍ଖଳ ଛିଡୁ । ଆମେ କୌଣସି ସାମରିକ ଶାସନ ଦ୍ୱାରା ଶାସିତ ହେଉ ନାହୁଁ କି ଏଠାରେ ରାଜତନ୍ତ୍ର ନାହିଁ । ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ସ୍ୱାଧୀନତା ସବୁଠାରୁ ବଡ଼ ଉପଲବ୍ଧି । ସେହି ସ୍ୱାଧୀନତା ପରିପୁଷ୍ଟ ହୁଏ ମୁକ୍ତ କଥନ, ମୁକ୍ତ ଲିଖନ, ମୁକ୍ତ ମତ ପ୍ରଦାନ ତଥା ମୁକ୍ତ ଚିନ୍ତନ ଦ୍ୱାରା । ଏହାକୁ ଗୁରୁତ୍ୱ ନଦେଇ ମାତ୍ରାଧିକ ଶୃଙ୍ଖଳାର ଗଣ୍ଡି ଭିତରେ ଲୋକଙ୍କୁ ବାନ୍ଧି ରଖିବାକୁ ପ୍ରୟାସ କଲେ ଅସନ୍ତୋଷର ବହ୍ନି ଜଳି ଉଠିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ଇତିହାସରେ ଏହାର ଅସଂଖ୍ୟ ଉଦାହରଣ ରହିଛି । ନେପାଳର ଜନ ଅସନ୍ତୋଷ ଏହାର ସଦ୍ୟତମ ଉଦାହରଣ ।

ସଭାପତି, ଓଷ୍ଟା
ମୋ : ୯୯୩୮୭୬୩୨୩୭, ୭୦୦୮୦୭୩୫୯୯



## ବଢ଼ିବ ଭାରତ-ବ୍ରିଟେନ ବାଣିଜ୍ୟ ସମ୍ପର୍କ

**ନୂଆଦିଲ୍ଲୀ,୯।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବ୍ରିଟେନ ପ୍ରଧାନମନ୍ତ୍ରୀ କିଁ ଷ୍ଟାର୍ମରଙ୍କ ମଧ୍ୟରେ ମୁମ୍ବାଇରେ ଆଲୋଚନା ହୋଇଛି । ବାଣିଜ୍ୟ, ପ୍ରତିରକ୍ଷା ଓ ବୈଷୟିକ ଜ୍ଞାନ ଆଦାନ ପ୍ରଦାନ ଉପରେ ଦୁଇଦେଶର ପ୍ରଧାନମନ୍ତ୍ରୀ ବିସ୍ତୃତ ଆଲୋଚନା କରିଛନ୍ତି । ପୂର୍ବରୁ ସ୍ୱାକ୍ଷରିତ ବାଣିଜ୍ୟ ଚୁକ୍ତିର ସଫଳ ରୂପାୟନ ପାଇଁ ଆଲୋଚନା ବେଶ୍ ସକାରାତ୍ମକ ହୋଇଛି । ମୋଦୀ ଓ ଷ୍ଟାର୍ମର ସନ୍ତୋଷ ପ୍ରକାଶ କରିଛନ୍ତି । ଭିଜନ ୨୦୩୦ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି ଦୁଇ ଦେଶ । କିଁ ଷ୍ଟାର୍ମରଙ୍କ ସହିତ ବାଣିଜ୍ୟ, ଶିଳ୍ପ ଓ ଶିକ୍ଷାକ୍ଷେତ୍ରରୁ ୧୨୫ ଜଣ ପ୍ରତିନିଧି ଭାରତ ଆସିଛନ୍ତି । ବ୍ରିଟେନ ପ୍ରଧାନମନ୍ତ୍ରୀ କିଁ ଷ୍ଟାର୍ମର ଗତକାଲିଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସି ମୁମ୍ବାଇରେ ପହଞ୍ଚିଛନ୍ତି । ଷ୍ଟାର୍ମର ଗତକାଲି ମୁମ୍ବାଇରେ ବାଣିଜ୍ୟ ଓ ଶିଳ୍ପ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ । ଭାରତ ଓ ବ୍ରିଟେନ ମଧ୍ୟରେ ବାଣିଜ୍ୟ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ ବୋଲି ଷ୍ଟାର୍ମର କହିଛନ୍ତି । ଗତ ଜୁଲାଇ ମାସରେ ଦୁଇଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ପାଇଁ ଚୁକ୍ତି ହୋଇଛି । ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ପାଇଁ ଭାରତ ଓ ବ୍ରିଟେନ ରାଜି ହୋଇଛନ୍ତି । ଏହି ଅବସରରେ ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତକୁ ଗୁରୁତ୍ୱ ଦିଆଯାଉଛି । ଭାରତ ୨୦୨୮ ସୁଦ୍ଧା ବିଶ୍ୱର ବୃହତ୍ତମ ଅର୍ଥନୀତି ହେବ ବୋଲି ବିଶେଷଜ୍ଞ ଆକଳନ କରୁଛନ୍ତି ।

## ଜେନେରିକ୍ ଔଷଧ ଉପରେ ଲାଗିବନି ଟାରିଫ୍

**ନୂଆଦିଲ୍ଲୀ,୯।୧୦:** ଔଷଧ ଉପରେ ଟାରିଫ (ଶୁଳ୍କ) ଲଗାଯିବାକୁ ନେଇ ଟ୍ରମ୍ପ ପ୍ରଶାସନ ନିଜ ଆଭିମୁଖ୍ୟ କିଛିଟା ନରମ କରିଛି। ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଜେନେରିକ୍ ଔଷଧ ଉପରେ ଟାରିଫ ଲଗାଯିବ ନାହିଁ । ଏହା ଭାରତ ପାଇଁ ଆଶ୍ୱସ୍ତି ଆଣିଦେଇଛି, କାରଣ ଭାରତ ଆମେରିକାକୁ ମୁଖ୍ୟତଃ ଜେନେରିକ ଔଷଧ ରପ୍ତାନି କରିଥାଏ । ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ରିପୋର୍ଟ ଅନୁସାରେ ପ୍ୟାଟେଣ୍ଟେଡ୍ ଓ ବ୍ରାଣ୍ଡେଡ୍ ଔଷଧ ପରି ଜେନେରିକ ଔଷଧ ଉପରେ ବି ଟାରିଫ ଲଗାଇବାକୁ ଟ୍ରମ୍ପ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଦେଇଥିଲା । କିନ୍ତୁ ଏହାକୁ ସୀମିତ ରଖିବାକୁ ଆମେରିକାର ବାଣିଜ୍ୟ ବିଭାଗ ସୁପାରିଶ କରିଥିଲା । କାରଣ ଜେନେରିକ ଔଷଧ ଉପରେ ଟାରିଫ ଲଗାଗଲେ ତାହା ଆମେରିକାରେ ଔଷଧ ଓ ସ୍ୱାସ୍ଥ୍ୟସେବାକୁ ମହଙ୍ଗା କରିବାର ଆଶଙ୍କା ଥିଲା । ଗତ ମାସରେ ଟ୍ରମ୍ପ ପ୍ରଶାସନ ଘୋଷଣା କରିଥିଲା ଯେ ପ୍ୟାଟେଣ୍ଟ ହୋଇଥିବା ଓ ବ୍ରାଣ୍ଡେଡ୍ ଔଷଧ ଉପରେ ଟାରିଫ ଲଗାଯିବ। ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ରିପୋର୍ଟ ଅନୁସାରେ ପ୍ୟାଟେଣ୍ଟେଡ୍ ଓ ବ୍ରାଣ୍ଡେଡ୍ ଔଷଧ ପରି ଜେନେରିକ ଔଷଧ ଉପରେ ବି ଟାରିଫ ଲଗାଇବାକୁ ଟ୍ରମ୍ପ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଦେଇଥିଲା । କିନ୍ତୁ ଏହାକୁ ସୀମିତ ରଖିବାକୁ ଆମେରିକାର ବାଣିଜ୍ୟ ବିଭାଗ ସୁପାରିଶ କରିଥିଲା । କାରଣ ଜେନେରିକ ଔଷଧ ଉପରେ ଟାରିଫ ଲଗାଗଲେ ତାହା ଆମେରିକାରେ ଔଷଧ ଓ ସ୍ୱାସ୍ଥ୍ୟସେବାକୁ ମହଙ୍ଗା କରିବାର ଆଶଙ୍କା ଥିଲା । ଏପରି ହେଲେ ଆମେରିକା ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାର ଆଶଙ୍କା ଥିଲା । ଏହାକୁ ଦୃଷ୍ଟିରେ ରଖି ଟ୍ରମ୍ପ ପ୍ରଶାସନ ଏପରି ନିଷ୍ପତ୍ତିରୁ ଓହରିଯାଇଥିବା ଏହି ରିପୋର୍ଟରେ କୁହାଯାଇଛି । ତଥ୍ୟ ଅନୁସାରେ ଆମେରିକା ଆମଦାନୀ କରୁଥିବା ପ୍ରାୟ ୪୭% ଜେନେରିକ ଔଷଧ ଭାରତରୁ ଯାଇଥାଏ । ଏହା ଉପରେ ଟାରିଫ ଲାଗିଥିଲେ ଭାରତୀୟ ଫାର୍ମାସୁଟିକାଲ୍ସ ବିଶେଷଭାବେ କମ୍ପାନୀ ପ୍ରଭାବିତ ହୋଇଥାନ୍ତେ ।

## ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କଲା ଜନ ସୁରାଜ ପାର୍ଟି

**ପାଟନା,୯।୧୦:** ଜନ ସୁରାଜ ପାର୍ଟି ଗୁରୁବାର (ଅକ୍ଟୋବର ୯, ୨୦୨୫) ୨୦୨୫ ବିହାର ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ପ୍ରଥମ ତାଲିକା ପ୍ରକାଶ କରିଛି । ପାଟନାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ୫୧ ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି । କିନ୍ତୁ ଏହି ତାଲିକାରେ ନିର୍ବାଚନ ରଣନୀତିକାର ଏବଂ ଜନ ସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋରଙ୍କ ନାମ ନାହିଁ । ପ୍ରଶାନ୍ତ କିଶୋର କେଉଁ ଆସନରୁ ନିର୍ବାଚନ ଲଢ଼ିବେ ସେନେଇ ସ୍ପଷ୍ଟ ହୋଇପାରି ନାହିଁ । ଦ୍ୱିତୀୟ ତାଲିକା ପ୍ରକାଶ ପାଇବା ପରେ ପ୍ରଶାନ୍ତ କିଶୋର କେଉଁ ଆସନରୁ ନିର୍ବାଚନ ଲଢ଼ିବେ ତାହା ସ୍ପଷ୍ଟ ହୋଇପାରେ । ପ୍ରଶାନ୍ତ କିଶୋର କରଗହର ଆସନରୁ ବିଧାନସଭା ନିର୍ବାଚନ ଲଢ଼ିପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା । କିନ୍ତୁ ପ୍ରଥମ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବା ପରେ ଏହି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ଦଳ କରଗହର ଆସନରୁ ଭୋଜପୁରୀ ଗାୟକ ରିତେଶ ପାଣ୍ଡେଙ୍କୁ ପ୍ରାର୍ଥୀ କରିଛି । ଏଭଳି ସ୍ଥିତିରେ ରାଘୋପୁର ବିଧାନସଭା ଆସନ ପ୍ରଶାନ୍ତ କିଶୋରଙ୍କ ପାଇଁ ଏକମାତ୍ର ବିକଳ୍ପ ହୋଇ ରହିଛି । ପ୍ରଶାନ୍ତ କିଶୋର ପ୍ରାୟ ଗୋଟିଏ ମାସ ପୂର୍ବରୁ କହିଥିଲେ, 'ମୁଁ ଦୁଇଟି ସ୍ଥାନରୁ ଲଢ଼ିବା ଉଚିତ । ପ୍ରଥମଟି ମୋର ଜନ୍ମସ୍ଥାନ ଏବଂ ଦ୍ୱିତୀୟଟି ମୋର କାର୍ଯ୍ୟସ୍ଥାନ । ମୋର ଜନ୍ମସ୍ଥାନ କରଗହର ଏବଂ ମୋର କାର୍ଯ୍ୟସ୍ଥଳ ରାଘୋପୁରରୁ ନିର୍ବାଚନ ଲଢ଼ିବା ଉଚିତ । ଅନ୍ୟ କୌଣସି ସ୍ଥାନରୁ ନିର୍ବାଚନ ଲଢ଼ିବାର କୌଣସି ଅର୍ଥ ନାହିଁ ।' ପ୍ରଶାନ୍ତ କିଶୋରଙ୍କ ମନ୍ତବ୍ୟ ଅନୁସାରେ, ରାଘୋପୁର ହିଁ ତାଙ୍କ ଲାଗି ଏକମାତ୍ର ବିକଳ୍ପ ବାକି ରହିଛି । ପ୍ରଶାନ୍ତ କିଶୋର ରାଘୋପୁରରୁ ଯଦି ପ୍ରତିଦ୍ୱନ୍ଦ୍ୱିତା କରନ୍ତି, ତେବେ ତାଙ୍କ ବିପକ୍ଷରେ ତେଜସ୍ୱୀ ଯାଦବ ଏହି ଆସନରୁ ପ୍ରାର୍ଥୀ ହୋଇପାରନ୍ତି । ସୂତ୍ର ଅନୁସାରେ, ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏଥର ଦୁଇଟି ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି । ଗୋଟିଏ ରାଘୋପୁର ଏବଂ ଅନ୍ୟଟି ମଧୁବନୀର ଫୁଲପରାସ ହୋଇପାରେ । କିନ୍ତୁ ତେଜସ୍ୱୀ କଣ ନିଷ୍ପତ୍ତି ନେବେ ତା ଉପରେ ସମସ୍ତଙ୍କ ନଜର ରହିବ । ସୂଚନା ଅନୁସାରେ, ରୋହତାସ ଜିଲ୍ଲାର କରଗହର ବିଧାନସଭା ଆସନରେ ଦ୍ୱିତୀୟ ପର୍ଯ୍ୟାୟରେ (୧୧ ନଭେମ୍ବରରେ) ଭୋଟିଂ ହେବ । ରାଘୋପୁର ଆସନରେ ପ୍ରଥମ ପର୍ଯ୍ୟାୟରେ (୬ ନଭେମ୍ବରରେ)ନିର୍ବାଚନ ଅନୁଷ୍ଠିତ ହେବ ।

## ଚିରାଗ-ପ୍ରଶାନ୍ତ କିଶୋରଙ୍କ ମଧ୍ୟରେ ହୋଇପାରେ ମେଣ୍ଟ

**ନୂଆଦିଲ୍ଲୀ,୯।୧୦:** ୨୦୨୫ ବିହାର ବିଧାନସଭା ନିର୍ବାଚନ ପାଇଁ ଏନଡିଏ ମଧ୍ୟରେ ଆସନ ବଣ୍ଟନ ଚୂଡ଼ାନ୍ତ ହୋଇଛି, କିନ୍ତୁ କୁହାଯାଉଛି ଯେ ଚିରାଗ ପାସୱାନ ଏବଂ ମାଞ୍ଝି ଏହାକୁ ଅଟକାଇ ରଖିଛନ୍ତି। ଏହି ଦୁଇ ନେତାଙ୍କ ଦାବି ପୂରଣ ପାଇଁ ପ୍ରୟାସ ଚାଲିଛି । ଏହି ସମୟରେ, ଏହି ନେତାମାନେ ଜନସ୍ୱରାଜ ଆଡକୁ ମଧ ଢଳିପାରନ୍ତି ବୋଲି ଅନୁମାନ କରାଯାଉଛି । ଏହି ସମୟରେ, ପ୍ରଶାନ୍ତ କିଶୋରଙ୍କ ଦଳ ଜନସ୍ୱରାଜ, ଏଲଜେପି-ରାମ ବିଲାସ ସହିତ ମେଣ୍ଟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଜାରି କରିଛି । ଜନସ୍ୱରାଜ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଉଦୟ ସିଂହ, ପାଟନାରେ ଏକ ସାମ୍ବାଦିକ ସମ୍ମିଳନୀ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଦେଇଛନ୍ତି। ସାମ୍ବାଦିକମାନେ ପଚାରିଥିଲେ, ଯଦି ଚିରାଗ ପାସୱାନ ଆସନ୍ତି, ତେବେ ଆପଣ କ'ଣ ତାଙ୍କୁ ସ୍ୱାଗତ କରିବେ ? ସେ କହିଥିଲେ, ଯଦି ଆମେ ଆମର ରଣନୀତି ସ୍ପଷ୍ଟ କରିନଥାନ୍ତୁ, ତେବେ ମୁଁ ଉତ୍ତର ଦେଇପାରି ନଥାନ୍ତି । ଆମେ ଚିରାଗ ପାସୱାନଙ୍କୁ ନେଇ କଣ କରିବୁ ହଁ, ଚିରାଗ ପାସୱାନଙ୍କୁ ତାଙ୍କ ଦଳକୁ ଆମ ସହିତ ମିଶ୍ରଣ କରିବାକୁ ନିମନ୍ତ୍ରଣ କରାଯାଇଛି । ତାଙ୍କ ଦଳକୁ ଆମ ସହ ବିଲୟ





କରିଦିଅନ୍ତୁ ଜନସ୍ୱରାଜରେ ଚିରାଗ ପାସୱାନଙ୍କୁ ଯେଉଁ ସମ୍ମାନ ମିଳିବ ତାହା ସେ କେନ୍ଦ୍ରୀୟ ମନ୍ତ୍ରୀ ଥିବା ସମୟରେ ଭାରତୀୟ ଜନତା ପାର୍ଟିଠାରୁ କେବେ ପାଇପାରିବେ ନାହିଁ । ଉଦୟ ସିଂହ ଏନଡିଏ ଏବଂ ଇଣ୍ଡିଆ ମେଣ୍ଟକୁ ଠକଙ୍କ ମେଣ୍ଟ ବୋଲି କହିଛନ୍ତି । ସେ କହିଛନ୍ତି, ବିଜେପି ଚିରାଗ ପାସୱାନଙ୍କୁ ଠକିବାକୁ ଚାହୁଁଛି, ଚିରାଗ ପାସୱାନ ଜିତନ ରାମ ମାଞ୍ଝିଙ୍କୁ ଠକିବାକୁ ଚାହୁଁଛି । ଅନ୍ୟ ପଟେ (ମହାଗଠବନ୍ଧନ)ରେ ବି ସମାନ କଥା କଂଗ୍ରେସ ଆରଜେଡିକୁ ଠକିବାକୁ ଚାହୁଁଛି, ଏବଂ ଆରଜେଡି କଂଗ୍ରେସକୁ ଠକିବାକୁ ଚାହୁଁଛି । ଏପରି ପରିସ୍ଥିତିରେ, କୌଣସି ଦଳ ସହିତ ମେଣ୍ଟ ଗଠନ କରିବା ବିଷୟରେ ପଚରାଯିବାରୁ, ସେ କହିଛନ୍ତି ଯେ ଦଳ ୨୪୩ ଆସନ ପାଇଁ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିବା ପରେ, ଏପରି ପ୍ରଶ୍ନ ଆଉ ପଚରାଯିବ ନାହିଁ । ଆମେ ଆମ ନିଜ ଲୋକଙ୍କ ମଧ୍ୟରୁ ପ୍ରାର୍ଥୀ ଚୟନ କରୁଛୁ । ଆମେ ଜଣେ କିମ୍ବା ଦୁଇଜଣ ବାହାର ପ୍ରାର୍ଥୀଙ୍କୁ ଟିକେଟ୍ ଦେଇପାରୁ, ନଚେତ ଯେଉଁମାନେ ଆରମ୍ଭରୁ ଜନସ୍ୱରାଜ ସହିତ ଅଛନ୍ତି ସେମାନଙ୍କୁ ସୁଯୋଗ ଦେବୁ ।

## ଭାରତ ସହ ଲଢ଼ିବାକୁ ନିଜକୁ ଫିଟ୍ ରଖ

**ନୂଆଦିଲ୍ଲୀ,୯।୧୦:** ଦଶହରାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପାକିସ୍ତାନକୁ ଦେଇଥିବା କଡ଼ା ବାର୍ତ୍ତା ପଡ଼ୋଶୀ ଦେଶରେ ହଇଚଇ ସୃଷ୍ଟି କରିଛି । ସମଗ୍ର ପାକିସ୍ତାନରେ ଭୟର ବାତାବରଣ ରହିଛି । ଏବେ ପାକିସ୍ତାନ ସେନା ମୁଖ୍ୟ ଫିଲ୍ଡ ମାର୍ଶଲ ଆସୀମ ମୁନିର ଏକ କର୍ପସ କମାଣ୍ଡର ସମ୍ମିଳନୀ କରିଛନ୍ତି, ଯେଉଁଥିରେ ସେ ତାଙ୍କ ସେନାକୁ ପ୍ରସ୍ତୁତ ରହିବା ଏବଂ ଫିଟନେସ୍ ଉପରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆସୀମ ମୁନିର ରାୱଲପିଣ୍ଡିର ସେନା ମୁଖ୍ୟାଳୟରେ ସଶସ୍ତ୍ର ବାହିନୀ ସହିତ ୨୭୨ତମ କର୍ପସ କମାଣ୍ଡର ସମ୍ମିଳନୀ କରିଥିଲେ । ପାକିସ୍ତାନୀ ନ୍ୟୁଜ୍ ଚ୍ୟାନେଲ ସମା ଟିଭିର ଏକ ରିପୋର୍ଟ ଅନୁଯାୟୀ, ରାଜନାଥ ସିଂହ ଏବଂ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ଚେତାବନୀ ପାକିସ୍ତାନୀ ସେନା ଭିତରେ ଭୟର ବାତାବରଣ



ସୃଷ୍ଟି କରିଛି, ଏବଂ ବୈଠକରେ ଆସୀମ ମୁନିର ଚିନ୍ତା ପ୍ରକାଶ କରିଛନ୍ତି । ଏହା ସହ ଆସୀମ ମୁନିର ପୁଣି ଥରେ ଧମକ ଦେଇ କହିଛନ୍ତି ଯେ, ପାକିସ୍ତାନ ଯେକୌଣସି ଆକ୍ରମଣର ଜବାବ ଦେବାକୁ ପ୍ରସ୍ତୁତ । ସେ କହିଛନ୍ତି ଯେ, ଆମେ ସ୍ପଷ୍ଟ କରିବାକୁ ଚାହୁଁଛୁ ଯେ ପ୍ରତ୍ୟେକ ଆକ୍ରମଣର ଜବାବ ଶୀଘ୍ର ଏବଂ ଆକ୍ରମଣାତ୍ମକ ଭାବରେ ଦିଆଯିବ । ଯଦି କୌଣସି ଆକ୍ରମଣ ହୁଏ, ତେବେ ଆମର ସେନା ଶକ୍ତି ଏବଂ ଅଧିକ ଦୃଢ଼ତାର ସହିତ ଜବାବ ଦେବ । ପାକିସ୍ତାନୀ ସେନା ପ୍ରତ୍ୟେକ କ୍ଷେତ୍ରରେ ସକ୍ଷମ । ମୁଁ ଆମ ସୈନିକମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରୁଛି ।

## ଠକେଇ ମାମଲାରେ ଶିଳ୍ପାଙ୍କୁ ହାଇକୋର୍ଟଙ୍କ କଡ଼ା ନିର୍ଦ୍ଦେଶ

**ନୂଆଦିଲ୍ଲୀ,୯।୧୦:** ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଏବଂ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ଅଡୁଆ ବଢ଼ିଛି । ବିଦେଶ ଯିବାକୁ ଚାହୁଥିବାବେଳେ ତା ପୂର୍ବରୁ ତାଙ୍କୁ ୬୦ କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବମ୍ବେ ହାଇକୋର୍ଟ । ଏପରିକି କୋର୍ଟ ତାଙ୍କ ବିଦେଶଗସ୍ତ ଆବେଦନକୁ ମଧ୍ୟ ଖାରଜ କରିଦେଇଛନ୍ତି । ସେମାନଙ୍କ ବିରୁଦ୍ଧରେ ଜାରି ହୋଇଥିବା ଲୁକଆଉଟ୍ ସର୍କୁଲାର ଉପରେ ସ୍ଥଗିତାଦେଶ ଦେବାକୁ ମନା କରିଦେଇଛନ୍ତି । ଯାହାକୁ ନେଇ ଏବେ ଚିନ୍ତାରେ ଶିଳ୍ପା । ବଡ଼କଥା ହେଉଛି, ୬୦ କୋଟି ଠକେଇ ମାମଲା ସହିତ ଜଡ଼ିତ



ଥିବାରୁ ଶିଳ୍ପା ଏବଂ ରାଜଙ୍କ ବିରୁଦ୍ଧରେ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ବମ୍ବେ ହାଇକୋର୍ଟ । ଏହି ମାମଲାରେ ଏକ ଏଫଆଇଆର ପରେ ସେମାନଙ୍କ ବିରୁଦ୍ଧରେ ଲୁକଆଉଟ୍ ସର୍କୁଲାର ଜାରି କରାଯାଇଥିଲା । ମାମଲାର ପରବର୍ତ୍ତୀ ଶୁଣାଣିକୁ ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି ହାଇକୋର୍ଟ । ସୂଚନା ମୁତାବକ, ମୁମ୍ବାଇ ପୁଲିସର ଅର୍ଥନୈତିକ ଅପରାଧ ଶାଖା ତଥା EOW ଦ୍ୱାରା ଏହି ଷ୍ଟାର୍ କପୁଲଙ୍କ ଠକେଇ ମାମଲାର ତଦନ୍ତ କରୁଛି । ମୁମ୍ବାଇର ଜଣେ ୬୦ ବର୍ଷୀୟ ବ୍ୟବସାୟୀ ଏବଂ ଲୋଟସ୍ କ୍ୟାପିଟାଲ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ର ନିର୍ଦ୍ଦେଶକ ଦୀପକ କୋଠାରୀ ରାଜ ଏବଂ ଶିଳ୍ପାଙ୍କ ବିରୋଧରେ ଏକ ଅଭିଯୋଗ ଦାଖଲ କରିଥିଲେ, ଯାହା ପରେ EOW ତଦନ୍ତ ଆରମ୍ଭ କରିଥିଲା । ଇଓଡବ୍ଲୁ ଏହି ମାମଲାରେ ଶିଳ୍ପା ସେଟ୍ଟୀଙ୍କୁ ପ୍ରାୟ ସାଢ଼େ ୫ରୁ୬ ଘଣ୍ଟା ଧରି ପଚରାଉଚରା କରିଥିଲା । ଦୀପକ କୋଠାରୀଙ୍କ ଅଭିଯୋଗ ୨୦୧୫ ରୁ ୨୦୨୩ ମଧ୍ୟରେ ଶିଳ୍ପା ସେଟ୍ଟୀ ଏବଂ ରାଜ କୁନ୍ଦ୍ରା ନିଜ ବ୍ୟବସାୟକୁ ବଢାଇବା ତାଙ୍କଠାରୁ ଟଙ୍କା ନେଇଥିଲେ । କିନ୍ତୁ ଏହାକୁ ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ବ୍ୟବହାର କରିଥିଲେ। ସେ କହିଛନ୍ତି ଯେ ୨୦୧୫ରେ ଶିଳ୍ପା ଏବଂ ରାଜ ୭୫ କୋଟି ଟଙ୍କାର ଋଣ ପାଇଁ ଜଣେ ମଧ୍ୟସ୍ଥିଙ୍କ ମାଧ୍ୟମରେ ତାଙ୍କ ପାଖକୁ ଯାଇଥିଲେ । ଏହି ଋଣ ତାଙ୍କ କମ୍ପାନି, ବେଷ୍ଟ ଡିଲ୍ ଟିଭି ପ୍ରାଇଭେଟ୍ ଲିମିଟେଡ୍ ପାଇଁ ଥିଲା, ଯାହା ଲାଇଫ ଷ୍ଟାଇଲ୍ ପ୍ରଡକ୍ଟ ବିକ୍ରି କରୁଥିଲା । ଏହା ସହ ଏକ ଅନଲାଇନ୍ ସପିଂ ପ୍ଲାଟଫର୍ମ ମଧ୍ୟ ପରିଚାଳନା କରୁଥିଲେ ।

## ଶୀଘ୍ର ଫେରିବେ ପଣବନ୍ଦୀ, ଗାଜାରୁ ହଟିବେ ଇସ୍ରାଏଲ ସୈନିକ

**ନୂଆଦିଲ୍ଲୀ,୯।୧୦:** ଖୁବ ଶୀଘ୍ର ଗାଜାକୁ ଫେରିବ ଶାନ୍ତି । ଗାଜା ପିସ୍ ପ୍ଲାନ୍ ପୂର୍ବରୁ ବଡ଼ ଘୋଷଣା କଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଇସ୍ରାଏଲ୍ ଏବଂ ହମାସ ଉଭୟେ ଅମେରିକାର ମଧ୍ୟସ୍ଥତାକୁ ସହମତି ପ୍ରଦାନ କରିଛନ୍ତି । ଗାଜା ପିସ୍ ପ୍ଲାନକୁ ସମର୍ଥନ କରିବାର ଅର୍ଥ ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧ ବନ୍ଦ ହେବ ଏବଂ ପାଲେଷ୍ଟାଇନକୁ ଶାନ୍ତି ଫେରିବ । ଏହାଛଡ଼ା ଶାନ୍ତି ଚୁକ୍ତି ପୂର୍ବରୁ ଖୁବ୍ ଶୀଘ୍ର ଇସ୍ରାଏଲର ପଣବନ୍ଦୀ ଫେରିବେ ବୋଲି ଡୋନାଲ୍ଡ ଟ୍ରମ୍ପ ସଙ୍କେତ ଦେଇଛନ୍ତି । ସେହିପରି ଇସ୍ରାଏଲ ଡିଫେନ୍ସ ଫୋର୍ସ ଗାଜା ଅପସରିବେ ବୋଲି ଟ୍ରମ୍ପ କହିଛନ୍ତି । ତେବେ ଏନେଇ ଗୁରୁବାର ଅର୍ଥାତ ଆଜି ହମାସ ସଂଗଠନ ଏବଂ ଇସ୍ରାଏଲ ମଧ୍ୟରେ ମିଶ୍ର ଦେଶରେ ଶାନ୍ତି ଚୁକ୍ତି ହସ୍ତାକ୍ଷର ହେବ । ଏହି ଚୁକ୍ତି ଅନୁଯାୟୀ, ଗାଜାରେ ମାନବୀୟ ସହାୟତା ପହଞ୍ଚାଇବା ପାଇଁ ପାଞ୍ଚ କ୍ରସିଂ ତୁରନ୍ତ ଖୋଲାଯିବ । ସେପଟେ ହମାସ ସଂଗଠନ ପ୍ରଥମ ଚରଣରେ ୨୦ ଇସ୍ରାଏଲୀ ପଣବନ୍ଦୀଙ୍କୁ ଜୀବିତ ମୁକ୍ତ କରିବ ଯଇସ୍ରାଏଲ ଏବଂ ହମାସ ମଧ୍ୟରେ ଶାନ୍ତି ଚୁକ୍ତିର ଗ୍ୟାରେଣ୍ଟି ଆମେରିକା, ମିଶ୍ର, କତର ଏବଂ ତୁର୍କୀ ଦେଇଛନ୍ତି । ଦୁଇ ପକ୍ଷ ଚୁକ୍ତି ସର୍ତ୍ତ ପାଳନ କରିବା ପର୍ଯ୍ୟନ୍ତ ଆକ୍ରମଣ ହେବ ନାହିଁ । ଆସୋସିଏଟେଡ୍ ପ୍ରେସ୍ ମୁତାବକ, ହମାସ ଚଳିତ ସପ୍ତାହ ଶେଷ ସୁଦ୍ଧା ପ୍ରଥମ ଚରଣରେ ୨୦ଜଣ ପଣବନ୍ଦୀଙ୍କୁ ଜୀବନ ମୁକ୍ତ କରିବ ନିଜ ସୈନିକଙ୍କୁ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଫେରାଇ ନେବ । ଯାହା ଏକ ମଜବୁତ, ସ୍ଥିର ଏବଂ ସ୍ଥାୟୀ ଦେଶର ପ୍ରଥମ ପଦକ୍ଷେପ ହେବ । ସମସ୍ତ ପକ୍ଷକୁ



। ଏହା ପରେ ଗାଜାରେ ଡେରା ପକାଇ ବସିଥିବା ଇସ୍ରାଏଲ ଅଧିକାରୀ ହଟିଯିବେ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ୍ ମିଡିଆରେ ପୋଷ୍ଟ କରି ଲେଖିଛନ୍ତି, ଇସ୍ରାଏଲର ସମସ୍ତ ପଣବନ୍ଦୀଙ୍କୁ ଖୁବ୍ ଶୀଘ୍ର ମୁକ୍ତ ହେବେ । ସେପଟେ ଇସ୍ରାଏଲ ମଧ୍ୟ ନିରପେକ୍ଷ ବ୍ୟବହାର ପାଇଁ ସମୟ ଦିଆଯିବ ବୋଲି କୁହାଯାଇଛି । ଟ୍ରମ୍ପଙ୍କ ଦ୍ୱାରା ଶାନ୍ତି ବୁଝାମଣା ଘୋଷଣା ହେବା ପରେ ହ୍ୱାଇଟ୍ ହାଉସର ସୋସିଆଲ୍ ମିଡିଆ ହ୍ୟାଣ୍ଡଲେ ଏହାକୁ ପୋଷ୍ଟ କରାଯାଇ ଆମେରିକା ରାଷ୍ଟ୍ରପତିଙ୍କୁ ପିସ୍ ପ୍ରେସିଡେଣ୍ଟ ବୋଲି କୁହାଯାଇଛି ।

## ସମାଜବାଦ ପାର୍ଟି ଓ କଂଗ୍ରେସ ଉପରେ ବର୍ଷିଲେ ମାୟାବତୀ

**ଲକ୍ଷ୍ନୌ,୯।୧୦:** ଆକ୍ଟିଭ୍ ମୋଡରେ ମାୟାବତୀ । ଉତ୍ତର ପ୍ରଦେଶରେ ୪ଥରର ମୁଖ୍ୟମନ୍ତ୍ରୀ ଥିବା ମାୟାବତୀ ବହୁଜନ ସମାଜ ପାର୍ଟିର ପ୍ରତିଷ୍ଠାତା କାଂଶୀରାମଙ୍କ ପୁଣ୍ୟତିଥିରେ ଲକ୍ଷ୍ନୌରେ ବଡ଼ ରାଲି କରିଛନ୍ତି । ଏହି ରାଲିରେ ସମ୍ବୋଧିତ କରି ବିଏସପି ପ୍ରମୁଖ ମାୟାବତୀ ସମାଜବାଦୀ ପାର୍ଟି ଓ କଂଗ୍ରେସକୁ ଟାର୍ଗେଟ୍ କରିଛନ୍ତି । ଏହା ସହ ଯୋଗୀ ସରକାରଙ୍କୁ ଭୁରି ଭୁରି ପ୍ରଶଂସା କରିଛନ୍ତି । ମାୟାବତୀ କହିଛନ୍ତି ଯେ, ବର୍ତ୍ତମାନର ୟୁପି ସରକାର ସମାଜବାଦୀ ପାର୍ଟି ଭଳି ନୁହେଁ । କାଂଶୀରାମଙ୍କ ସ୍ମାରକ ସ୍ଥଳରେ ଲୋକମାନଙ୍କ ଠାରୁ ଆଦାୟ ହେଉଥିବା ଟିକଟ ବାବଦ ଟଙ୍କାକୁ ଯୋଗୀ ସରକାର ରକ୍ଷଣାବେକ୍ଷଣା ପାଇଁ ଖର୍ଚ୍ଚ କରୁଛନ୍ତି । ଏଥିପାଇଁ ତାଙ୍କୁ ଧନ୍ୟବାଦ । ସମାଜବାଦୀ ପାର୍ଟିର ସରକାର ଥିବା ସମୟରେ ଏଠାରେ ଟଙ୍କାଟିଏ ବି ଖର୍ଚ୍ଚ ହେଉନଥିଲା । ବିଜେପି ସରକାର ଆସିବା ପରେ ଟିକଟ ଟଙ୍କାରେ ଏହି ସ୍ଥାନର ମରାମତି ପାଇଁ ମୁଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଥିଲି । ସରକାର ନିବେଦନକୁ ଗ୍ରହଣ କରି ଏହି ସ୍ଥାନର ମରାମତି କରିଛନ୍ତି । ମାୟାବତୀ ଏସପିକୁ ଟାର୍ଗେଟ୍ କରି କହିଛନ୍ତି ଯେ,



ଯେତେବେଳେ ଏସପି ସରକାର ଥିଲା, ସେତେବେଳେ ଆମ ଗୁରୁ, ସନ୍ଥ ଓ ମହାପୁରୁଷଙ୍କ କଥା ମନେ ପଡୁନଥିଲା । ଏବେ ବିପକ୍ଷକୁ ଗଲା ପରେ ହଠାତ ପିଡିଏ କଥା ମନେ ପଡିଗଲା । ଆମେ ସରକାରରେ ଥିବା ସମୟରେ କାସଗଞ୍ଜ ଜିଲ୍ଲାର ନାମ ପରିବର୍ତ୍ତନ କରି କାଂଶୀରାମଙ୍କ ନାମ ରଖିଥିଲୁ, ହେଲେ ଏସପି ଶାସନକୁ ଆସିବା ପରେ ପୁଣି ଥରେ ନାମ ପରିବର୍ତ୍ତନ କରିଦେଲା । ବିଏସପି ସରକାରରେ ଥିବା ସମୟରେ ମହାତ୍ମା ଜ୍ୟୋତିବା ଫୁଲେ, ନାରାୟଣା ଗୁରୁ ସମେତ ଆମ ସନ୍ଥଙ୍କୁ ସମ୍ପୂର୍ଣ୍ଣ ସମ୍ମାନ ଦେଇଥିଲୁ, ହେଲେ ଜାତିବାଦୀ ପାର୍ଟି ଏହାକୁ ସହ୍ୟ କରିପାରିଲାନି । ମାୟାବତୀ ପୁଣି କହିଛନ୍ତି ଯେ, ବାବା ସାହେବ ଭୀମରାଓ ଆମ୍ବେଦକର କହୁଥିଲେ ଯେ, ଶାସନ ଏକ ଏଭଳି ମାଷ୍ଟର ଚାବି ଯାହାଦ୍ୱାରା ଦଳିତ ବର୍ଗର ଲୋକଙ୍କ ସମସ୍ୟାର ସମାଧାନ ହୋଇପାରିବ । ସେମାନେ ଏକ ସୁନ୍ଦର ଓ ସ୍ୱାଭିମାନ ଜୀବନ ବଞ୍ଚିପାରିବେ । ବାବା ସାହେବଙ୍କ ଏହି ସ୍ୱପ୍ନ ପୂରଣ କରିବା ପାଇଁ କାଂଶୀରାମ ତାଙ୍କ ପୁରା ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ୟୁପିରେ ଦଳିତଙ୍କ ସରକାର ଗଢିଥିଲେ । ଦିଲ୍ଲୀରେ ବି ଉପେକ୍ଷିତ ବର୍ଗଙ୍କ ସରକାର ଆଣିବାକୁ ଚାହୁଁଥିଲେ । ହେଲେ ତାଙ୍କ ସ୍ୱପ୍ନ ଅଧୁରା ରହିଗଲା ।

## ମେଲୋନି ସରକାର ଆଣିବେ ନୂଆ ଆଇନ
### ବୁର୍ଖା ପିନ୍ଧିବା ହେବ ବ୍ୟାନ୍

**ରୋମ୍,୯।୧୦:** ଇଟାଲୀର ଜର୍ଜିଓ ମେଲୋନି ସରକାର ସାରା ଦେଶରେ ବୁର୍ଖା ଉପରେ ବ୍ୟାନ୍ ଲଗାଇବାକୁ ପ୍ରସ୍ତୁତ ହେଉଛନ୍ତି । ଇଟାଲୀର ଶାସକ ଦଳ, ବ୍ରଦର୍ସ ଅଫ୍ ଇଟାଲୀ କହିଛି, ଦେଶର ସମସ୍ତ ସାର୍ବଜନୀନ ସ୍ଥାନରେ ବୁର୍ଖା ଏବଂ ହିଜାବ ସହିତ ମୁହଁ ଏବଂ ଶରୀର ଘୋଡାଇବା ଉପରେ କଟକଣା ଲଗାଯିବ । ଏଥିପାଇଁ ଏକ ବିଲ୍ ଆଗତ



କରିବାକୁ ଯୋଜନା କରୁଛୁ । ଦଳ ଏହାକୁ ଇସଲାମିକ୍ ବିଚ୍ଛିନ୍ନତାବାଦ ବିରୁଦ୍ଧରେ ଏକ ବିଲ୍ ଭାବରେ ବର୍ଣ୍ଣନା କରିଛି । ସାଂସଦ ଆଣ୍ଡ୍ରିଆ ଡେଲମାଷ୍ଟ୍ରୋ ବୁଧବାର ଏକ ଫେସବୁକ୍ ପୋଷ୍ଟରେ ଏ ବିଷୟରେ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଧାର୍ମିକ ସ୍ୱାଧୀନତା ପବିତ୍ର, କିନ୍ତୁ ଏହାର ଖୋଲାଖୋଲି ଭାବରେ ବ୍ୟବହାର ଆମର ସମ୍ବିଧାନ ଏବଂ ଇଟାଲୀର ରାଷ୍ଟ୍ର ନୀତି ପ୍ରତି ପୂର୍ଣ୍ଣ ସମ୍ମାନ ସହିତ କରାଯିବା ଉଚିତ ।ପଲିଟିକୋ ଅନୁଯାୟୀ, ଏଭଳି କଟକଣା ଅନୁସାରେ ସମସ୍ତ ଦୋକାନ, ସ୍କୁଲ ଏବଂ କାର୍ଯ୍ୟାଳୟ ସମେତ ସମସ୍ତ ସାର୍ବଜନୀନ ସ୍ଥାନରେ ମୁହଁ ଘୋଡ଼ାଇ ରଖିବା ଉପରେ ରୋକ ଲଗାଇବ । ଉଲ୍ଲଂଘନକାରୀଙ୍କୁ ୩୦୦ ରୁ ୩୦୦୦ ୟୁରୋ (ପ୍ରାୟ ୩ ଲକ୍ଷ ଟଙ୍କା) ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ। ଇଟାଲୀର ଜର୍ଜିଓ ମେଲୋନି ସରକାର ଦେଶରେ ବଢୁଥିବା ଇସଲାମୀକରଣକୁ ଏଥିପାଇଁ ଦାୟୀ କରିଛନ୍ତି । ଏହା ସହ ଇସଲାମୀୟ ପ୍ରତୀକର ସାର୍ବଜନୀନ ପ୍ରଦର୍ଶନକୁ ସାଂସ୍କୃତିକ ବିଚ୍ଛିନ୍ନତାବାଦ ବୋଲି ସେ କହିଛନ୍ତି ।

## ପ୍ରତି ଘରୁ ଜଣଙ୍କୁ ସରକାରୀ ଚାକିରି ଦେବୁ

**ନୂଆଦିଲ୍ଲୀ,୯।୧୦:** : ରାଷ୍ଟ୍ରୀୟ ଜନତା ଦଳ ନେତା ଏବଂ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ୨୦୨୫ ବିହାର ନିର୍ବାଚନ ସମ୍ପର୍କରେ ଏକ ବଡ଼ ଘୋଷଣା କରିଛନ୍ତି । ପାଟନାରେ ଏକ ସାମ୍ବାଦିକ ସମ୍ମିଳନୀ ସମୟରେ ତେଜସ୍ୱୀ କହିଛନ୍ତି ଯେ ଆଜି, ଏହି ଲୋକମାନେ ଚାକିରି ନୁହେଁ, ବେକାରୀ ଭତ୍ତା ବିଷୟରେ କଥା ହେଉଛନ୍ତି । ଏବେ, ବିହାରରେ ପରିବର୍ତ୍ତନ ଆସିବ, ଏକ ନବଜାଗରଣ । ଆଜି, ଆମେ ଆପଣଙ୍କ ମଧ୍ୟରେ ଏକ ବିପ୍ଳବୀ ଘୋଷଣା କରିବାକୁ ଯାଉଛୁ । ଏହା ଆମର ପ୍ରଥମ ଘୋଷଣା, ଶେଷ ନୁହେଁ । ଏହା ପରେ, ଆମେ ଆପଣଙ୍କ ନିକଟରେ ଆମର ଦୃଷ୍ଟିକୋଣ ଉପସ୍ଥାପନ କରିବୁ । ସେ କହିଛନ୍ତି ଯେ କ୍ଷମତାକୁ ଆସିବାର କୋଡ଼ିଏ ଦିନ ମଧ୍ୟରେ, ଆମେ ବିହାରର ପ୍ରତ୍ୟେକ ପରିବାରକୁ ସରକାରୀ ଚାକିରି ଯୋଗାଇବା ପାଇଁ ଏକ ଆଇନ ପ୍ରଣୟନ କରିବୁ ଯାହାର ସରକାରୀ ଚାକିରି ନାହିଁ । ସେ ଅଭିଯୋଗ କରିଛନ୍ତି ଯେ ଏହି ସରକାର ମୁଁ କରୁଥିବା ସମସ୍ତ ଘୋଷଣାକୁ କପି କରୁଛି । ଆରଜେଡି ନେତା କହିଛନ୍ତି ଯେ ଆମେ ଯେଉଁ ୧୭ ମାସ କାମ କରିଥିଲୁ, ଆମେ ୫ ଲକ୍ଷ ନିଯୁକ୍ତି ସୃଷ୍ଟି କରିଥିଲୁ । ଆଜି, ଏହି ଲୋକମାନେ ଚାକିରି ନୁହେଁ, ବେକାରୀ ଭତ୍ତା ବିଷୟରେ କଥା ହେଉଛନ୍ତି । ସେ କହିଛନ୍ତି, ଆମେ କୌଣସି ବୟାନବାଜି କରୁନାହୁଁ । ଆମ ହୃଦୟରେ ଏକ ଯନ୍ତ୍ରଣା ଅଛି । ଆମେ ଆମ ସରକାରଙ୍କ ୧୭ ମାସ ମଧ୍ୟରେ ୫ ଲକ୍ଷ ନିଯୁକ୍ତି ସୃଷ୍ଟି କରିଛୁ, କିନ୍ତୁ ଏଥିରୁ ଆମେ ସନ୍ତୁଷ୍ଟି ପାଇ ନାହୁଁ। ଆମେ ନ୍ୟାୟ ଏବଂ ଆର୍ଥିକ ନ୍ୟାୟ ପ୍ରଦାନ କରିବୁ । ତେଜସ୍ୱୀ ଯାହା କହିବେ ତାହା କରିବେ । ଏହା ସମ୍ଭବ । ସେମାନେ ତେଜସ୍ୱୀଙ୍କ ପଥକୁ ଅନୁକରଣ କରିଛନ୍ତି। ତେଜସ୍ୱୀ କହିଛନ୍ତି ଯେ କୋଡ଼ିଏ ବର୍ଷ ଧରି ଏନଡିଏ ଅସୁରକ୍ଷା ଯୋଗାଇଥିଲା, କିନ୍ତୁ ଏବେ ଆମେ ପ୍ରତ୍ୟେକ ଘରକୁ ନିଯୁକ୍ତି ଯୋଗାଇବୁ । ତେଜସ୍ୱୀ କହିଛନ୍ତି ଯେ ଆମେ ବିହାରକୁ ଏକ ସଠିକ୍ ଏବଂ ସ୍ଥିର ସରକାର ପ୍ରଦାନ କରିବୁ । ବିହାର ନିର୍ବାଚନର ଫଳାଫଳକୁ ଉଲ୍ଲେଖ କରି ତେଜସ୍ୱୀ କହିଛନ୍ତି ଯେ ଆମେ ସମ୍ପୂର୍ଣ୍ଣ ଆଶାବାଦୀ ଯେ ବିହାରର ଲୋକମାନେ ଆମକୁ ଆଶୀର୍ବାଦ କରିବେ ।

## ଜୋତା ଫିଙ୍ଗା ଘଟଣା ପରେ ପ୍ରଥମ ଥର ପାଇଁ ମୁହଁ ଖୋଲିଲେ ଗାଭାଇ

**ନୂଆଦିଲ୍ଲୀ,୯।୧୦:** ସୋମବାର ଦିନ ଭାରତର ପ୍ରଧାନ ବିଚାରପତି ବି.ଆର. ଗାଭାଇ ଙ୍କ ଉପରେ ଜୋତା ଫିଙ୍ଗା ଘଟଣା ସୁପ୍ରିମକୋର୍ଟ ଭିତରେ ବିତର୍କ ସୃଷ୍ଟି କରିଥିଲା। ତଥାପି, ମୁଖ୍ୟ ବିଚାରପତି ଏବେ ଏହି ଘଟଣାକୁ ଏକ ଭୁଲିଯାଇଥିବା ଅଧ୍ୟାୟ ବୋଲି କହି ଖାରଜ କରିଛନ୍ତି । ତାଙ୍କ ସାଥୀ ବିଚାରପତିମାନେ ଏହି କାର୍ଯ୍ୟକୁ ସୁପ୍ରିମକୋର୍ଟର ଅପମାନ ବୋଲି କହିଛନ୍ତି । ମୁଖ୍ୟ ବିଚାରପତି ଗୱାଇ ତାଙ୍କ ଶୁଣାଣି ଜାରି ରଖି ଘଟଣା ଉପରେ ତାଙ୍କର ମତ ଦୋହରାଇଲେ । ସେ କହିଥିଲେ, ସୋମବାର ଘଟିଥିବା ଘଟଣା ପାଇଁ ମୋର ବିଦ୍ୱାନ ଭାଇମାନେ (ବିଚାରପତି) ଏବଂ ମୁଁ ଗଭୀର ଭାବରେ ମର୍ମାହତ; ଅରମ ପାଇଁ ଏହା ଏକ ବିସ୍ମୃତ ଅଧ୍ୟାୟ । ମୁଖ୍ୟ ବିଚାରପତି ଏହି ଘଟଣାକୁ ଗୁରୁତ୍ୱହୀନ ଭାବରେ ଗ୍ରହଣ କରି କୋର୍ଟ କାର୍ଯ୍ୟ ଜାରି ରଖିଥିଲେ । ତଥାପି, ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁ ସିଜେଆଇଙ୍କ ମତ ସହ ଏକମତ ନୁହଁନ୍ତି । ଜଷ୍ଟିସ୍ ଭୂୟାଁ କହିଥିଲେ, ଏହା ଉପରେ ମୋର ନିଜସ୍ୱ ମତ ଅଛି । ସେ ସିଜେଆଇ, ଏହା କୌଣସି ମଜା ନୁହେଁ । ଜଷ୍ଟିସ୍ ଭୂୟାଁ କହିଥିଲେ ଯେ ଏହି ଘଟଣା ସୁପ୍ରିମକୋର୍ଟଙ୍କ ପ୍ରତି ଅପମାନ । ଏହି ସମୟରେ, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏହି ଆକ୍ରମଣକୁ ଅକ୍ଷମଣୀୟ ବୋଲି କହିଛନ୍ତି । ସେ କହିଛନ୍ତି ଯେ ମୁଖ୍ୟ ବିଚାରପତିଙ୍କ ଉପରେ ଆକ୍ରମଣ ଅକ୍ଷମଣୀୟ । ମେହେଟ୍ଟା ସିଜେଆଇଙ୍କ ବଦାନ୍ୟତାର ପ୍ରଶଂସା କରିଛନ୍ତି । ସିଜେଆଇ ଗାଭାଇ ତାଙ୍କ ଶୁଣାଣି ସମୟରେ ପୁଣି ଥରେ ତାଙ୍କ ସହ ବିଚାରପତିଙ୍କ ମନ୍ତବ୍ୟର ସଂକ୍ଷିପ୍ତ ଉତ୍ତର ଦେଲେ ଏବଂ ତାଙ୍କର ମତକୁ ଦୋହରାଇଲେ, ଆମ ପାଇଁ, ଏହା ଏକ ଭୁଲିଯାଇଥିବା ଅଧ୍ୟାୟ । ଏହା ସହିତ, ସେ କୋର୍ଟ କାର୍ଯ୍ୟ ଜାରି ରଖିଲେ ।



# ଦୀପାବଳି ପୂର୍ବରୁ କମିଲା ସୁନା ଦର

**ନୂଆଦିଲ୍ଲୀ, ୯।୧୦ :** ଦୀପାବଳି ପୂର୍ବରୁ ସୁନାଦର ସାମାନ୍ୟ ହ୍ରାସ ପାଇଥିବା ଦେଖିବାକୁ ମିଳିଛି। ଅକ୍ଟୋବର ଆରମ୍ଭରେ ସୁନା ମୂଲ୍ୟ ନୂତନ ରେକର୍ଡ ସ୍ଥାପନ କରିଥିବା ବେଳେ ଆଜି ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ଏହା ସାମାନ୍ୟ ହ୍ରାସ ପାଇଛି। ଆଜିକାଲି, ବିଶ୍ୱ ବଜାରରେ ସୁନାର ଚାହିଦା ବୃଦ୍ଧି ଏବଂ ଡଲାର ଦୁର୍ବଳ ହେବା ଯୋଗୁ ମୂଲ୍ୟ ଲଗାତାର ରେକର୍ଡ ସ୍ତର ଛୁଉଁଛି। ଦିଲ୍ଲୀରେ ୨୪ କ୍ୟାରେଟ୍ ସୁନାର ଦାମ୍ ୧୦ ଗ୍ରାମ୍ ପିଛା ୧ ଲକ୍ଷ ୨୪ ହଜାର ୩୦୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ୨୨ କ୍ୟାରେଟ୍ ସୁନାର ଦର ରହିଛି ୧୦ ଗ୍ରାମ୍ ପିଛା ୧ ଲକ୍ଷ ୧୩ ହଜାର ୯୫୦ ଟଙ୍କା। ମୁମ୍ବାଇ, କୋଲକାତା ଏବଂ ବେଙ୍ଗାଲୁରୁରେ ୨୪ କ୍ୟାରେଟ୍ ସୁନାର ଦାମ୍ ୧୦ ଗ୍ରାମ୍ ପିଛା ୧ ଲକ୍ଷ ୨୪ ହଜାର ୧୫୦ ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ଦର ରହିଛି ୧୦ ଗ୍ରାମ୍ ପିଛା ୧ ଲକ୍ଷ ୧୩ ହଜାର ୮୦୦ ଟଙ୍କା।

# ବେଦାନ୍ତର 'ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଇନ୍ ଦଳ' ଦ୍ୱିଗୁଣିତ କରିବା ଯୋଜନା ଲକ୍ଷ୍ୟ

**ଭୁବନେଶ୍ୱର, ୯।୧୦ (ନି.ପ୍ର) :** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ୨୦୨୫ ଶେଷ ସୁଦ୍ଧା ଏହାର ଝାରସୁଗୁଡା ଆଲୁମିନିୟମ ସ୍ମେଲଟରରେ ବେଦାନ୍ତ ଗ୍ରୁପର ପ୍ରଥମ ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଇନ୍ ଦଳର ସଂଖ୍ୟା ଦ୍ୱିଗୁଣିତ କରିବାକୁ ଯୋଜନା ଘୋଷଣା କରିଛି। କମ୍ପାନୀ ବର୍ତ୍ତମାନର ସାତ ସଦସ୍ୟ ବିଶିଷ୍ଟ ଦଳରେ ଆଉ ଛଅ ଜଣ ମହିଳା ବୃତିଗତଙ୍କୁ ଯୋଡିବାକୁ ଯୋଜନା କରୁଛି। ବେଦାନ୍ତ ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଂଟ ମଧ୍ୟରୁ ଗୋଟିଏର ବର୍ଦ୍ଧିତ ଲଜିଷ୍ଟିକ୍ ଏବଂ କାର୍ଯ୍ୟକ୍ଷମ ଚାହିଦା ପରିଚାଳନା କରିବା ପାଇଁ ଦ୍ୱିତୀୟ ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଦଳ ସୃଷ୍ଟି କରିବାର ଯୋଜନା ମଧ୍ୟ ଘୋଷଣା କରିଛି।



ଏହି ପଦକ୍ଷେପ ବେଦାନ୍ତ ଆଲୁମିନିୟମର ଏକ ଅନ୍ତର୍ଭୁକ୍ତ ଶିଳ୍ପ ଇକୋସିଷ୍ଟମ ସୃଷ୍ଟି କରିବାର ଯାତ୍ରାରେ ଆଉ ଏକ ମାଇଲଖୁଂଟ ଚିହ୍ନିତ କରେ ଯେଉଁଠାରେ ମହିଳାମାନେ ଉତ୍ପାଦନ, ଲଜିଷ୍ଟିକ୍ ଏବଂ ପ୍ରଯୁକ୍ତିବିଦ୍ୟା କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ନେତୃତ୍ୱ ନିଅନ୍ତି। କମ୍ପାନୀର ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଦଳ, ୨୦୨୫ ମଧ୍ୟଭାଗରେ ନିୟୋଜିତ, ଝାରସୁଗୁଡା ସ୍ମେଲଟରରେ କଂଚାମାଲର ଆଭ୍ୟନ୍ତରୀଣ ଗତିବିଧି ପାଇଁ ଉତ୍ସର୍ଗୀକୃତ ଲୋକୋମୋଟିଭ୍ ଇନକୁ ପରିଚାଳନା ଏବଂ ରକ୍ଷଣାବେକ୍ଷଣ କରନ୍ତି, ଯାହା ଆଲୁମିନିୟମ ଉତ୍ପାଦନ ପ୍ରକ୍ରିୟାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଉଚ୍ଚ-ଦାୟିତ୍ୱପୂର୍ଣ୍ଣ ଲଜିଷ୍ଟିକ୍ କାର୍ଯ୍ୟ ମଧ୍ୟରୁ ଅନ୍ୟତମ ଅଟେ। ଏହି ଲୋକୋମୋଟିଭ୍ ୩,୦୦୦ ଏକର ଜମିରେ ବିସ୍ତାରିତ ବେଦା'ର ବିଶାଳ ପ୍ଲାଂଟରେ କଂଚାମାଲର ଆଭ୍ୟ'ରୀଣ ଗତିବିଧି ପାଇଁ ଉତ୍ସର୍ଗୀକୃତ, ଯାହାର ୩୬୧୫ ଏମଡବ୍ଲୁର କ୍ରମାଗତ କ୍ଷମତା ସହିତ ୧.୮ ଏମଟିପିଏ ସ୍ମେଲଟର ଏବଂ ପାୱାର ପ୍ଲାଂଟ ରହିଛି।

ସମ୍ପ୍ରସାରଣ ଘୋଷଣା କରି, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, 'ଆମର ପ୍ରଥମ ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଦଳ ଦକ୍ଷତା, ସଠିକତା ଏବଂ ନେତୃତ୍ୱ କୌଣସି ଲିଙ୍ଗକୁ ଜାଣନ୍ତି ନାହିଁ ବୋଲି ପ୍ରମାଣ କରି ନୂତନ କିର୍ତିମାନ ସୃଷ୍ଟି କରିଛନ୍ତି। ଏହି ସମ୍ପ୍ରସାରଣ ସହିତ, ଆମେ କାର୍ଯ୍ୟରେ ଅନ୍ତର୍ଭୁକ୍ତି ପ୍ରତି ଆମର ପ୍ରତିବଦ୍ଧତାକୁ ଦ୍ୱିଗୁଣିତ କରୁଛୁ, ଯେଉଁଠାରେ ମହିଳାମାନେ ଭାରତୀୟ ଶିଳ୍ପରେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମ ଭୂମିକା ଗ୍ରହଣ କରନ୍ତି। ଏହା କେବଳ ସଂଖ୍ୟା ବିଷୟରେ ନୁହେଁ ବରଂ ଆସନ୍ତାକାଲିର ଶିଳ୍ପ କର୍ମକ୍ଷେତ୍ରର ସଂସ୍କୃତିକୁ ଆକାର ଦେବା ବିଷୟରେ।

ଏହି ଘୋଷଣା ବେଦାନ୍ତ ଆଲୁମିନିୟମର ନୂତନ ଡିଜିଟାଲ୍ ଫିଲ୍ମ, 'ଅନ୍ ଦି ରାଇଟ୍ ଟ୍ରାକ୍' ର ଶୁଭାରମ୍ଭ ସହିତ ସମନ୍ୱିତ ହେଉଛି, ଯାହା ଏହି ଅଗ୍ରଣୀ ମହିଳା ଲୋକୋମୋଟିଭ୍ ଅପରେଟରଙ୍କ ପ୍ରେରଣାଦାୟକ ଯାତ୍ରାକୁ ପାଳନ କରେ। ବେଦାନ୍ତ ଆଲୁମିନିୟମର ଚାଲୁଥିବା ଅଭିଯାନର ଏକ ଅଂଶ ଅଟେ, ଏହି ଫିଲ୍ମଟି ଝାରସୁଗୁଡାରେ ବିଶାଳ ଇନ-ପ୍ଲାଂଟ ରେଳ ନେଟୱାର୍କକୁ ନେଭିଗେଟ୍ କରିବା ସମୟରେ ସେମାନଙ୍କର ଦୃଢ଼ ନିଷ୍ଠା ଏବଂ ଦଳଗତ କାର୍ଯ୍ୟକୁ ଦୃଶ୍ୟମାନ କରେ, ଯାହାକି ନବସୃଜନ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ଇନ୍ଧନ ଦିଏ।

# ରୁବିକନ ରିସର୍ଚ୍ଚ ଲିଃ ପକ୍ଷରୁ ଇନିସିଆଲ ପବ୍ଲିକ୍ ଅଫରିଂ ଆରମ୍ଭ

**ଭୁବନେଶ୍ୱର, ୯।୧୦ (ନି.ପ୍ର) :** ରୁବିକନ ରିସର୍ଚ୍ଚ ଲିମିଟେଡର ଇକ୍ୱିଟି ସେୟାରର ଇନିସିଆଲ ପବ୍ଲିକ୍ ଅଫରିଂ ୨୦୨୫ ଖୋଲିଛି । ଆଙ୍କର ନିବେଶକମାନେ ଗୋଟିଏ କାର୍ଯ୍ୟଦିବସ ପୂର୍ବରୁ ବିଡ୍ ଦାଖଲ କରିପାରିବେ । ଆସନ୍ତା ୧୩ ସୋମବାର ଦିନ ବିଡ୍ ଦାଖଲ ଶେଷ ହେବ।

ଏହି ଅଫରରେ ଇକ୍ୱିଟି ସେୟାର ପିଛା ଦାମ୍ ୪୬୧ ଟଙ୍କାରୁ ୪୮୫ ଟଙ୍କା ମଧ୍ୟରେ ରହିଛି । ନିବେଶକମାନେ ସର୍ବନିମ୍ନ ୩୦ଟି ଇକ୍ୱିଟି ସେୟାର ପାଇଁ ବିଡ୍ ଦାଖଲ କରିପାରିବେ ଏବଂ ସେଥିରେ ୩୦ଟି ଲେଖାଏଁ ଇକ୍ୱିଟି ସେୟାର ଯୋଡ଼ିପାରିବେ। କର୍ମଚାରୀମାନେ ଇକ୍ୱିଟି ସେୟାର ପିଛା ୪୬ ଟଙ୍କାର ରିହାତି ପାଇପାରିବେ। ସେମାନଙ୍କ ସବସ୍କ୍ରିପସନ ପାଇଁ ୧୭.୫୦ ନିୟୁତ ସେୟାର ସଂରକ୍ଷିତ ରହିବ।




ଏହି ଇନିସିଆଲ ଅଫରରେ କମ୍ପାନି ୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ନୂଆ ଇକ୍ୱିଟି ସେୟାର ଜାରି କରିବ ଏବଂ ଅଂଶଧନକାରୀମାନେ ଅଫର ଫର ସେଲରେ ୮୭୭.୫ କୋଟି ସେୟାର ବିକ୍ରି କରିବେ। କମ୍ପାନିର ପ୍ରତିଷ୍ଠାତା ଜେନେରାଲ ଆଟଲାଂଟିକ ସିଙ୍ଗାପୁର ଆରଆର ପିଟିଇ ଲିମିଟେଡ ପକ୍ଷରୁ ଅଫର ଫର ସେଲରେ ଇକ୍ୱିଟି ସେୟାର ବିକ୍ରି କରାଯିବ।

ଏହି ଅଫରରୁ ଯେଉଁ ପାଣ୍ଠି ସଂଗୃହୀତ ହେବ ତାହାକୁ କମ୍ପାନି ହାସଲ କରିଥିବା କିଛି ଋଣକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ପରିଶୋଧ କରିବା, ଅଧିଗ୍ରହଣ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଜରିଆରେ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ପାଇଁ ପାଣ୍ଠି ପ୍ରଦାନ କରିବା ଏବଂ ସାଧାରଣ କର୍ପୋରେଟ କାର୍ଯ୍ୟରେ ବ୍ୟବହାର କରିବା ପ୍ରସ୍ତାବ ରହିଛି। ଅଫର ଫର ସେଲରୁ ଯେଉଁ ପାଣ୍ଠି ସଂଗୃହୀତ ହେବ ତାହା ଜେନେରାଲ ଆଟଲାଂଟିକ ସିଙ୍ଗାପୁର ଆରଆର ପିଟିଇ ଲିମିଟେଡକୁ ପ୍ରଦାନ କରାଯିବ।

ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିୟମ ଅନୁସାରେ ଅଫରର ୭୫ ପ୍ରତିଶତ ପର୍ଯ୍ୟନ୍ତ ସେୟାରକୁ ଯୋଗ୍ୟ ସଂସ୍ଥାଗତ କ୍ରେତା (କ୍ୟୁଆଇବି)ଙ୍କ ପାଇଁ ରଖାଯିବ । ବୁକ ରନିଂ ଲିଡ ମ୍ୟାନେଜରଙ୍କ ସହ ଆଲୋଚନା କରି କ୍ୟୁଆଇବି ଭାଗର ୬୦ ପ୍ରତିଶତ ପର୍ଯ୍ୟନ୍ତ ସେୟାରକୁ ଆଙ୍କର ନିବେଶକଙ୍କ ପାଇଁ ଆବଂଟନ କରାଯିବ । ସେଥିରୁ ଏକ ତୃତୀୟାଂଶ ସେୟାରକୁ ଘରୋଇ ମ୍ୟୁଚୁଆଲ ଫଣ୍ଡମାନଙ୍କୁ ଆବଂଟନ କରାଯିବ।

# ଜିଓଭାରତ - ଭାରତର ପ୍ରଥମ 'ସେଫ୍ଟି ଫାଷ୍ଟ' ମୋବାଇଲ୍ ଫୋନ୍

**ନୂଆଦିଲ୍ଲୀ, ୯।୧୦ :** ଲୋକପ୍ରିୟ ଜିଓଭାରତ ସିରିଜ୍ ମୋବାଇଲ୍ ଫୋନ୍ ଏକ ନୂତନ ସେଫ୍ଟି ସିଲ୍କ ଫିଚର ସହିତ ବଜାରକୁ ଆସିବାକୁ ପ୍ରସ୍ତୁତ। ରିଲାଏନ୍ସ ଜିଓ ଇଣ୍ଡିଆ ମୋବାଇଲ୍ କଂଗ୍ରେସ ୨୦୨୫ ରେ ଏହି ଶକ୍ତିଶାଳୀ ମୋବାଇଲ୍ ଫୋନ୍ ର ବୈଶିଷ୍ଟ୍ୟଗୁଡ଼ିକ ଉନ୍ମୋଚନ କରିଛି। ଫୋନର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଏହା ଆପଣଙ୍କ ପ୍ରିୟଜନଙ୍କୁ ଠକେଇ ଏବଂ ଠକେଇ ଉଦ୍ୟମରୁ ରକ୍ଷା କରିବା ସହିତ ଆପଣଙ୍କୁ ସର୍ବଦା ସଂଯୁକ୍ତ ରଖିବ। ଏହାକୁ ବିଶେଷ ଭାବରେ ପିଲା, ମହିଳା ଏବଂ ବୟସ୍କଙ୍କ ସୁରକ୍ଷା ଓ ସଂଯୋଗ ପାଇଁ ଏକ ସ୍ମାର୍ଟ ସମାଧାନ ଭାବରେ ଡିଜାଇନ୍ କରାଯାଇଛି। ଦେଶର ସବୁଠାରୁ ସୁଲଭ ଫୋନ୍ ମଧ୍ୟରୁ ଅନ୍ୟତମ, ଜିଓଭାରତ ଫୋନର ମୂଲ୍ୟ ମାତ୍ର ୭୯୯ ଟଙ୍କା ରହିଛି।




ଇଣ୍ଟରନେଟ୍ ଏବଂ ସୋସିଆଲ ମିଡିଆ ଯୁଗରେ, ପିଲା, ମହିଳା ଏବଂ ବୟସ୍କଙ୍କ କ୍ଷେତ୍ରରେ ଠକେଇ ବ୍ୟାପକ ହୋଇଛି। ପରିବାରମାନେ ସେମାନଙ୍କ ସ୍ଥାନ ବା ଲୋକେସନ ବିଷୟରେ ସର୍ବଦା ଚିନ୍ତିତ ଅଛନ୍ତି। ଜିଓଭାରତ ଫୋନର ସୁରକ୍ଷା ଫିଚର ବା ବୈଶିଷ୍ଟ୍ୟଗୁଡ଼ିକ ଏହି ଚିନ୍ତାକୁ ଦୂର କରୁଛି। ଜିଓଭାରତ ଆପଣଙ୍କ ପ୍ରିୟଜନଙ୍କ ସ୍ଥାନ ବା ଲୋକେସନ୍ ବିଷୟରେ ସଠିକ୍ ସୂଚନା ପ୍ରଦାନ କରିବାର କ୍ଷମତା ରଖିଛି, ସେମାନେ ଯେଉଁଠାରେ ଥାଆନ୍ତୁ ନା କାହିଁକି। ଏହି ଫୋନ୍ ବ୍ୟବହାର କରିବା ମଧ୍ୟ ବହୁତ ସରଳ, ଯାହା ବୟସ୍କମାନଙ୍କ ପାଇଁ ଏହାକୁ ବ୍ୟବହାର କରିବା ସହଜ କରିଥାଏ। ଫୋନ୍ ବ୍ୟବହାର ପରିଚାଳନା କରିବା ମଧ୍ୟ ସହଜ। ଜିଓ ଆପଣଙ୍କ ପ୍ରିୟଜନଙ୍କୁ ଅଜଣା ବ୍ୟକ୍ତିମାନଙ୍କ ଦ୍ୱାରା ଠକେଇ ଉଦ୍ୟମ କରାଯାଉଛି କି ନାହିଁ ତାହା ମଧ୍ୟ ନିୟନ୍ତ୍ରଣ କରିପାରିବ।

# ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ପକ୍ଷରୁ ସମ୍ବଲପୁରରେ ନୂତନ ୟୁନିଟ୍ କାର୍ଯ୍ୟକ୍ଷମ

**ଭୁବନେଶ୍ୱର, ୯।୧୦ (ନି.ପ୍ର) :** ୨୩ ବିଲିୟନ ଆମେରିକୀୟ ଡଲାରର ବିବିଧ-ଜେଏସଡବ୍ଲୁ ଗ୍ରୁପ୍‌ର ଏକ ଅଂଶ, ଜେଏସଡବ୍ଲୁ ସିମେଣ୍ଟ, ଏହାର ସହାୟକ ଶିବା ସିମେଣ୍ଟ୍ ମାଧ୍ୟମରେ, ଓଡ଼ିଶାର ସମ୍ବଲପୁରରେ ଏକ ନୂତନ ଅତ୍ୟାଧୁନିକ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ କାର୍ଯ୍ୟକ୍ଷମ କରିଛି। କମ୍ପାନୀର ରଣନୀତି ଅନୁଯାୟୀ, ପୂର୍ବ ଭାରତରେ ଏହାର ବଜାର ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ଏହି ଅଞ୍ଚଳରେ ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ କମ୍ପାନୀର ଅଧିକାଂଶ ମାଲିକାନା ଥିବା ସହାୟକ ଶିବା ସିମେଣ୍ଟ୍ ଦ୍ୱାରା ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡ୍ (ବିପିଏସଏଲ) ସହିତ ଏକ ବାଣିଜ୍ୟିକ ଚୁକ୍ତି ଅଧୀନରେ ଆର୍ଥିକ ସହାୟତା ଏବଂ ତଦାରଖ ସ୍ୱାକ୍ଷର କରାଯାଇଛି। ଯାହା ଫଳରେ ଶିବ ସିମେଣ୍ଟ୍ ଉତ୍ପାଦନ କ୍ଷମତା ୧.୦ ଏମଟିପିଏ ସହିତ, ଜେଏସଡବ୍ଲୁ ସିମେଣ୍ଟ ମୋଟ ସ୍ଥାପିତ କ୍ଷମତା ୨୧.୬ ଏମଟିପିଏରେ ପହଞ୍ଚିଛି।

JSW Cement

ଏହି ଅବସରରେ, ଜେଏସଡବ୍ଲୁ ସିମେଣ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିଲେଶ ନାର୍ୱେକର କହିଛନ୍ତି, 'ଦେଶର ପୂର୍ବାଞ୍ଚଳ ଆଗାମୀ ବର୍ଷଗୁଡ଼ିକରେ ଦ୍ରୁତ ଅଭିବୃଦ୍ଧି ପାଇଁ ପ୍ରସ୍ତୁତ। ରାଜ୍ୟରେ ଉତ୍ପାଦନ ଏବଂ ଭିତ୍ତିଭୂମି କ୍ଷେତ୍ରର ଦ୍ରୁତ ପ୍ରସାର ସହିତ, ଓଡ଼ିଶା ଏହି ଅଞ୍ଚଳର ଶିଳ୍ପ ଏବଂ ଅର୍ଥନୈତିକ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ତେଣୁ, ସମ୍ବଲପୁରରେ ଏହି ନୂତନ ଅତ୍ୟାଧୁନିକ ସୁବିଧା ଜେଏସଡବ୍ଲୁ ସିମେଣ୍ଟ ପାଇଁ ଏକ ରଣନୈତିକ ପଦକ୍ଷେପ ଏବଂ ବଜାରରେ ଆମର ସ୍ଥିତିକୁ ବିସ୍ତାର ଓ ସୁଦୃଢ଼ କରିବା ପାଇଁ ଆମର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସଦୃଶ ହେବ। ଏହି ବିଶ୍ୱସ୍ତରୀୟ ସୁବିଧା ଜେଏସଡବ୍ଲୁ ସିମେଣ୍ଟର ପରିବେଶ ଅନୁକୂଳ ପଦକ୍ଷେପକୁ ଆହୁରି ମଜବୁତ ଏବଂ ବିସ୍ତାର କରିବ।

ଶିବା ସିମେଣ୍ଟର ଉତ୍ପାଦନ ସୁବିଧା ତିନୋଟି ଭାରତୀୟ ରାଜ୍ୟ - ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ଭୌଗୋଳିକ ସୀମାରେ ରଣନୈତିକ ଭାବରେ ଅବସ୍ଥିତ - ଯେଉଁଠାରୁ ଉତ୍ପାଦନ ପାଇଁ ଆବଶ୍ୟକ କଞ୍ଚାମାଲ ସହଜରେ ଉପଲବ୍ଧ ହୋଇପାରୁଛି।

ଜେଏସଡବ୍ଲୁ ସିମେଣ୍ଟ ଏହାର ସମଗ୍ର ଭାରତରେ ଉପସ୍ଥିତିକୁ ବିସ୍ତାର କରିବା ଦିଗରେ ୪୧.୮୫ ଏମଟିପିଏ ଗ୍ରାଇଣ୍ଡିଂ କ୍ଷମତା ଏବଂ ୧୩.୦୪ ଏମଟିପିଏ କ୍ଲିଙ୍କର୍ କ୍ଷମତାରେ ପହଞ୍ଚିବା ପାଇଁ ଅନୁମୋଦିତ ସମ୍ପ୍ରସାରଣ କାର୍ଯ୍ୟକ୍ରମରେ ସ୍ଥିର ଭାବରେ ଅଗ୍ରଗତି କରୁଛି। ରାଜସ୍ଥାନର ନାଗୌର ସମନ୍ୱିତ ୟୁନିଟ୍, ଯାହା ୩.୩୦ ଏମଟିପିଏ କ୍ଲିଙ୍କର୍ କ୍ଷମତା ଏବଂ ୩.୫ ଏମଟିପିଏ ଗ୍ରାଇଣ୍ଡିଂ କ୍ଷମତା ନେଇ ଗଠିତ, ଯୋଜନା ଅନୁଯାୟୀ କାର୍ଯ୍ୟ ଆରମ୍ଭ କରିବ ବୋଲି ଆଶା କରାଯାଉଛି।

# ସେଲ୍ ର ୫୨ କର୍ମଚାରୀଙ୍କୁ ସାବାସ ଯୋଜନା ଅଧୀନରେ ପୁରସ୍କୃତ

**ରାଉରକେଲା, ୯।୧୦ (ନି.ପ୍ର):** ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସମାଗମ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ରକ୍ଷଣାବେକ୍ଷଣ (ଯାନ୍ତ୍ରିକ) ବିଭାଗର ୫୨ ଜଣ କର୍ମଚାରୀଙ୍କୁ ସେମାନଙ୍କର ଅନୁକରଣୀୟ ଏବଂ ଅଭିନବ ଅବଦାନ ପାଇଁ 'ସେଲ୍ ଶାବାସ' ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମେକାନିକାଲ ବିଭାଗର ସିଜିଏମ ଡି. କେ. ପାଲ ଅଧ୍ୟକ୍ଷତା କରିବା ସହିତ ସିଏମଏମ (କ୍ରେନ୍ ଏବଂ ଆରସିଏମ), ଏଫଏମ ଆଣ୍ଡ ଟିଏମ, ଏମଏସ (ଏସ), ଡିଜାଇନ୍, ଶପ୍ସ ଣ୍ଟଆରଏସ (ଏମ), ଏସ ଆଣ୍ଡ ଏଫ ସପ, ମେକାନିକାଲ ସପ୍, ଫାଉଣ୍ଡ୍ରିଜ୍ ଏବଂ ପିସି (ଏସ) ବିଭାଗ ଗୁଡିକର ୫୨ ଜଣ କର୍ମଚାରୀଙ୍କୁ ଶାବାସ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# କ୍ୟାମ୍ପସ୍ ଆକ୍ଟିଭ୍‌ୱେୟର ଜୋତାର ନୂତନ 'ୟୁ ଗୋ, ଗାର୍ଲ' ଅଭିଯାନ

**ଭୁବନେଶ୍ୱର, ୯।୧୦ (ନି.ପ୍ର) :** ଭାରତର ଅଗ୍ରଣୀ କ୍ରୀଡା ଏବଂ ଆଥଲେଜର୍ ଫୁଟୱେୟର ବ୍ରାଣ୍ଡ ମଧ୍ୟରୁ ଗୋଟିଏ, କ୍ୟାମ୍ପସ ଆକ୍ଟିଭ୍‌ୱେୟର, ଆଜି ଜାତୀୟ ପୁରସ୍କାର ବିଜେତା ଅଭିନେତ୍ରୀ କ୍ରିତି ସାନନ୍ ଙ୍କ ନେତୃତ୍ୱରେ ଏହାର ୟୁ ଗୋ, ଗାର୍ଲ ! ଅଭିଯାନର ଦ୍ୱିତୀୟ ସଂସ୍କରଣ ଉନ୍ମୋଚନ କରିଛି। ପ୍ରଥମ ଅଧ୍ୟାୟ ଯାହା ମହିଳାମାନଙ୍କୁ ନିଜସ୍ୱ ନୀତିରେ ଫ୍ୟାଶନ୍ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲା, ଏହି ବର୍ଷର ୟୁ ଗୋ, ଗାର୍ଲ ! ଅଭିଯାନ ଆଉ ଗୋଟିଏ ପାଦ ଆଗକୁ ଯାଇ ମହିଳାମାନଙ୍କୁ ଲେବଲ୍ ର ସଂଶୟ ରୁ ଆଗକୁ ବଢି ନିଜ ପସନ୍ଦ ଅନୁସାରେ ଆଗକୁ ବଢିବାକୁ ପ୍ରେରଣା ଦେଇଛି ।




ଅଭିଯାନ ଚଳଚ୍ଚିତ୍ରଟି ପ୍ରତ୍ୟେକ ମହିଳା ଜାଣିଥିବା କିଛି ଜିନିଷକୁ କଏଦ କରେ - ଲେବଲ୍ ଦ୍ୱାରା ଘେରି ରହିବାର ସେହି ନୀରବ, ପରିଚିତ ବୋଝ, ଏବଂ ଏହାଠାରୁ ଉପରକୁ ଉଠିବାର ପସନ୍ଦ। କ୍ରିତି ଏକ ଚମତ୍କାର ଲବିରେ ପାଦ ଦିଅନ୍ତି, କିନ୍ତୁ ତାଙ୍କ ଚାରିପାଖରେ ଏପରି ଲେବଲ୍ ଅଛି ଯାହା ପରିଚିତ ଷ୍ଟେରିଓଟାଇପ୍ ଗୁଡ଼ିକୁ ପ୍ରତିଧ୍ୱନିତ କରେ: ଅତ୍ୟଧିକ ମହତ୍ୱାକାଂକ୍ଷୀ, ଅତ୍ୟଧିକ ସାହସୀ, ଡ୍ରାମା କୁଇନ୍। ଚଳଚ୍ଚିତ୍ରରେ ସେମାନେ ଉଠିଥାନ୍ତି, ପାଖକୁ ଯାଆନ୍ତି, ତାଙ୍କୁ ଅଟକାଇବାକୁ ଚେଷ୍ଟା କରନ୍ତି। ତଥାପି, ସେ ପ୍ରକ୍ରିୟାକୁ ଉପଭୋଗ କରି ନିଜ ଗତିରେ ଆଗକୁ ବଢ଼ି ଚାଲିଥାନ୍ତି। ଯେତେବେଳେ ସେ ଶେଷରେ ଆଗକୁ ପାଦ ଦିଅନ୍ତି, ସେ ହସି ହସି ତାଙ୍କର ଷ୍ଟାଇଲିସ୍ କ୍ୟାମ୍ପସ୍ ଜୋତାକୁ ଇଙ୍ଗିତ କରି କୁହନ୍ତି, 'ବହୁତ ସୁନ୍ଦର ଜୋତା, ବନ୍ଧୁ!'। ଫିଲ୍ମଟି ଏକ ବାକ୍ୟ ସହିତ ଶେଷ ହୁଏ ଯାହା ଅଭିଯାନର ଆତ୍ମା ଏବଂ କ୍ୟାମ୍ପସ୍‌ର ମୂଳ ବାର୍ତ୍ତା ଉଭୟକୁ କଏଦ କରେ।

# ସିଟ୍ରୋନ ପକ୍ଷରୁ ନୂଆ ଏୟାରକ୍ରସ୍ ଏକ୍ସ ଉନ୍ମୋଚିତ

**ଭୁବନେଶ୍ୱର, ୯।୧୦ (ନି.ପ୍ର) :** ସିଟ୍ରୋନ ଇଣ୍ଡିଆ ନୂଆ ସିଟ୍ରୋନ ଏୟାରକ୍ରସ ଏକ୍ସର ଶୁଭାରମ୍ଭ ସହିତ ଏହାର ଏକ୍ସ-ସିରିଜ ପୋର୍ଟଫୋଲିଓର ବିସ୍ତାର କରିଛି, ଯାହା ବ୍ରାଣ୍ଡର ସିଟ୍ରୋନ ୨.୦ 'ସିଫ୍ଟ ଇନ୍‌ଟୁ ଦ ନ୍ୟୁ' ରଣନୈତିକ ଯୋଜନାକୁ ଆଗକୁ ବଢାଉଛି। ଏହା ୮.୨୯ ଲକ୍ଷ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ। ଏହାର ଲୋକପ୍ରିୟ ଏସୟୁଭିର ଏକ ନୂତନ ସଂସ୍କରଣ, ନୂଆ ଏୟାରକ୍ରସ ଏକ୍ସକୁ ଷ୍ଟାଇଲ, ଆରାମ ଓ ଉଦ୍ଭାବନ ଚାହୁଁଥିବା ଆଧୁନିକ ଭାରତୀୟ ପରିବାରଗୁଡିକ ପାଇଁ ଡିଜାଇନ କରାଯାଇଛି। ଏହାର ସର୍ବୋତମ ଶ୍ରେଣୀର ହ୍ୱିଲବେସ ସହିତ ଏହା ନିଜ ଶ୍ରେଣୀରେ ଅନ୍ୟତମ ପ୍ରଶସ୍ତ କ୍ୟାବିନ ପ୍ରଦାନ କରୁଛି। ଏଥିରେ ଲମ୍ବା ପାରିବାରିକ ଯାତ୍ରାଗୁଡିକ ପାଇଁ ୱାଇଡ ସୋଲ୍ଡର ରୁମ, ଫ୍ଲେକ୍ସିବୁଲ ୭-ସିଟର ଓ ୫ ସିଟର ଲେଆଉଟ ଏବଂ ୫୧୧ ଲିଟର ପର୍ଯ୍ୟନ୍ତ ଏକ ପ୍ରଶସ୍ତ ବୁଟ୍ ସ୍ପେଶ ରହିଛି।



ନୂଆ ଏୟାରକ୍ରସ ଏକ୍ସ ଏକ ବିସ୍ତୃତ ଶୃଙ୍ଖଳାର ଫିଚରଗୁଡିକର ଶୁଭାରମ୍ଭ କରିଛି ଯେପରିକି ପ୍ରକ୍ସି-ସେନ୍ସ ପାସିଭ ଏଂଟ୍ରି ଓ ପୁସ୍ ଷ୍ଟାର୍ଟ - ଟକ୍ଲେସ ସୁବିଧା, କ୍ରୁଜ କଂଟ୍ରୋଲ ଓ ସ୍ପିଡ ଲିମିଟର, ଅଟୋ ଆଇଆରଭିଏମ ଓ ଏଲଇଡି ପ୍ରୋଜେକ୍ଟର ଫଗ ଲ୍ୟାମ୍ପ, ଟ୍ରୋପିକୁଲ ଭେଂଟିଲେଟେଡ ସିଟ, ସାଟେଲାଇଟ ଭ୍ୟୁ ସହ ହାଲୋ ୩୬୦° କ୍ୟାମେରା, ପ୍ରିମିୟମ କ୍ୟାବିନ ଅନୁଭୂତି- ସଫ୍ଟ-ଟଚ ଡ୍ୟାଶବୋର୍ଡ, ଆକର୍ଷଣୀୟ ଗୋଲ୍ଡ ଆକ୍‌ସେଂଟ, ଆମ୍ବିଏଂଟ ଲାଇଟିଂ, ଲେଦରେଟ ସିଟ। ନୂଆ ଏୟାରକ୍ରସ ଏକ୍ସରେ ଏକ ଅନ୍ତର୍ନିହିତକାରୀ, ବହୁଭାଷୀୟ ସିଟ୍ରୋନ ଆସିଷ୍ଟାଂଟ 'କାରା' ରହିଛି ଯାହା ଏସୟୁଭିକୁ ଏକ ପ୍ରକୃତ ଟ୍ରାଭେଲ ପାର୍ଟନରରେ ପରିଣତ କରୁଛି। ଏହାବ୍ୟତୀତ ସିଟ୍ରୋନ ଆଡ୍‌ଭାନ୍ସଡ କର୍ଟ ସସ୍‌ପେନ୍‌ଶନ ସହ ସେଗମେଂଟ-ଅଗ୍ରଣୀ ରାଇଡ୍ କର୍ଟ, ଉତମ କ୍ରାଶ ସୁରକ୍ଷା ପାଇଁ ହାଇ-ଷ୍ଟ୍ରେନ୍ଥ ବଡି ଷ୍ଟ୍ରକ୍ଚର, ୬ଟି ଏୟାରବ୍ୟାଗ, ଇଏସପି, ହିଲ ହୋଲ୍ଡ, ଏବିଏସ ସହ ଇବିଡି, ରିୟର ପାର୍କିଙ୍ଗ ସେନ୍ସର (ବିଭିନ୍ନ ଭାରିଆଂଟରେ ଆଡଭାନ୍ସଡ ସେଫ୍ଟି ସୁଟ୍ ଷ୍ଟାଣ୍ଡାର୍ଡ) ସହ ୪୦ରୁ ଅଧିକ ଆକ୍ଟିଭ ଓ ପାସିଭ ସେଫ୍ଟି ଫିଚର ସାମିଲ ରହିଛି।

ଏହି ଶୁଭାରମ୍ଭ ସମ୍ପର୍କରେ ଷ୍ଟେଲାନ୍‌ଟିସ ଇଣ୍ଡିଆର ଅଟୋମୋଟିଭ ବ୍ରାଣ୍ଡର ବିଜ୍‌ନେସ୍ ମୁଖ୍ୟ ଓ ନିର୍ଦ୍ଦେଶକ କୁମାର ପ୍ରିୟେଶ କହିଛନ୍ତି, 'ନୂଆ ଏୟାରକ୍ରସ ଏକ୍ସ ହେଉଛି ଏକ ଏସୟୁଭି ଯାହାକୁ ଭାରତୀୟ ପରିବାରଗୁଡିକର ସ୍ପେଶ, କର୍ଟ, ସେଫ୍ଟି ଓ ସ୍ମାର୍ଟ ଇନୋଭେଶନ ଭଳି ବାସ୍ତବ ଆବଶ୍ୟକତାଗୁଡିକ ଉପରେ ଡିଜାଇନ କରାଯାଇଛି। କାରାର ଶୁଭାରମ୍ଭ ସହିତ ଆମେ ଦୈନନ୍ଦିନ ଯାତାୟତକୁ ଅଧିକ ଅନ୍ତର୍ନିହିତକାରୀ ଓ ବ୍ୟକ୍ତିଗତ କରିଛୁ।

# ସେବି - ଏନଏସଇ ପକ୍ଷରୁ ବିଶ୍ୱ ନିବେଶକ ସପ୍ତାହ ଅନୁଷ୍ଠିତ

**ଭୁବନେଶ୍ୱର, ୯।୧୦ (ନି.ପ୍ର) :** ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେ ବୋର୍ଡ ଅଫ ଇଣ୍ଡିଆ (ସେବି) ଅଧ୍ୟକ୍ଷ ତୁହିନ କାନ୍ତ ପାଣ୍ଡେ ନ୍ୟାସନାଲ ଷ୍ଟକ ଏକ୍ସଚେ (ଏନଏସଇ) ଠାରେ ବିଶ୍ୱ ନିବେଶକ ସପ୍ତାହ (ଡବ୍ଲୁଆଇଡବ୍ଲୁ) ୨୦୨୫ର ଶୁଭାରମ୍ଭ କରିଛନ୍ତି। ଅକ୍ଟୋବର ୬ ରୁ ୧୨ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଏହି ସପ୍ତାହ ନିବେଶକ ଶିକ୍ଷା ଓ ସୁରକ୍ଷା ପାଇଁ ଉତ୍ସର୍ଗୀକୃତ। ଏହି କାର୍ଯ୍ୟକ୍ରମରେ ସେବି ଏନଏସଇର ମିଳିତ ନିବେଶକ ସଚେତନତା ଅଭିଯାନ ଉନ୍ମୋଚନ କରାଯାଇଛି। ଏହି ଅଭିଯାନ ଟେଲିଭିଜନ, ପ୍ରିଂଟ ଏବଂ ଡିଜିଟାଲ ମିଡିଆ ମାଧ୍ୟମରେ ନିବେଶକମାନଙ୍କୁ ନିରାପଦ ନିବେଶ ବିଷୟରେ ଶିକ୍ଷା ଦେବ ଏବଂ ଛଦ୍ମବେଶ, ନକଲି ଆପ ଓ ନିଶ୍ଚିତ ରିଟର୍ଣ୍ଣର ପ୍ରତିଶ୍ରୁତି ଭଳି ବିପଦ ସଙ୍କେତଗୁଡ଼ିକ ଉପରେ ଆଲୋକପାତ କରିବ। ଏହି ଅବସରରେ ସେବି ଅଧ୍ୟକ୍ଷ ଶ୍ରୀ ପାଣ୍ଡେ ନିବେଶକଙ୍କ ଜ୍ଞାନର ମହତ୍ୱ ଉପରେ ଜୋର ଦେଇ କହିଛନ୍ତି ଯେ, 'ଆମର ଦାୟିତ୍ୱ ହେଉଛି ନିବେଶକମାନଙ୍କୁ ମୌଳିକ ଜ୍ଞାନ ସହିତ ସଶକ୍ତ କରିବା ଯାହା ପ୍ରତାରଣା ଓ ଠକେଇ ବିରୁଦ୍ଧରେ ସେମାନଙ୍କର ପ୍ରଥମ ସୁରକ୍ଷା ରେଖା ହେବ।




ଏନଏସଇ ମଧ୍ୟ ଅନେକ ନୂଆ ପଦକ୍ଷେପ ଘୋଷଣା କରିଛି, ଯେଉଁଥିରେ ଏକ ଆର୍ଥିକ ଶିକ୍ଷା ଖେଳ, 'ସ୍କାମବୁଶ' ନାମକ ଏକ ଭାବ ବିନିମୟ ଭିତିକ ପ୍ରତାରଣା ଚିହ୍ନଟ ଖେଳ, ଏବଂ ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ଏକ ରାପ ଗୀତ ଅନ୍ତର୍ଭୁକ୍ତ ରହିଛି। ଏସମ୍ପର୍କରେ ଏନଏସଇ ଅଧ୍ୟକ୍ଷ ଶ୍ରୀନିବାସ ଇଟେ କହିଛନ୍ତି, 'ବିଶ୍ୱ ନିବେଶକ ସପ୍ତାହ ହେଉଛି ଡିଜିଟାଲ ପରିବର୍ତନର ଯୁଗରେ ନିବେଶକ ମାନଙ୍କୁ ସୁରକ୍ଷା ଦେବା ପାଇଁ ଏକ ବିଶ୍ୱବ୍ୟାପୀ ଆହ୍ୱାନ। ଏନଏସଇରେ, ଆମେ କେବଳ ସେବିର ଅଭିଯାନ ଏବଂ ପଦକ୍ଷେପଗୁଡ଼ିକୁ ସମର୍ଥନ କରୁନାହୁଁ ବରଂ ସଚେତନତା ଏବଂ ଶିକ୍ଷାଗତ ବିଷୟବସ୍ତୁକୁ ପାରସ୍ପରିକ, ଆକର୍ଷଣୀୟ ଅଭିଜ୍ଞତାରେ ପରିଣତ କରି ଶିକ୍ଷା ପାଇଁ ସ୍ୱତନ୍ତ୍ର ପଦ୍ଧତି ସହିତ ନବସୃଜନ କରିବାକୁ ଗର୍ବିତ। ଏନଏସଇ ଅଧ୍ୟକ୍ଷ ଶ୍ରୀନିବାସ ଇଟେ ଏବଂ ଏମଡି ତଥା ସିଇଓ ଆଶିଷ କୁମାର ଚୌହାନ ଉଦଘାଟନରେ ଉପସ୍ଥିତ ଥିଲେ ଏବଂ ନିରନ୍ତର ଆର୍ଥିକ ସାକ୍ଷରତା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ।

# ଗ୍ରାହକଙ୍କ ପାଇଁ ସୁରକ୍ଷା ମାର୍ଗଦର୍ଶିକା

**ଭୁବନେଶ୍ୱର, ୯।୧୦ (ନି.ପ୍ର) :** ପାର୍ବଣ ସମୟ ଠକମାନଙ୍କ ପାଇଁ ବଡ଼ ସୁଯୋଗ ସୃଷ୍ଟି କରିଥାଏ। ତେଣୁ ଆପଣଙ୍କର ଋତୁକାଳୀନ କିଣାକିଣି ସମୟରେ ମାର୍ଗ ଯୋଜନା କରନ୍ତୁ, ବିଶ୍ୱସ୍ତ ରାସ୍ତା ବ୍ୟବହାର କରନ୍ତୁ ଏବଂ ଆପଣଙ୍କର ମୂଲ୍ୟବାନ ଜିନିଷଗୁଡ଼ିକୁ ସୁରକ୍ଷିତ ଭାବରେ ରଖନ୍ତୁ। ଏଠାରେ ଏକ ବ୍ୟବହାରିକ, ବିଶେଷଜ୍ଞ-ଶୈଳୀର ଚେକଲିଷ୍ଟ ଅଛି ଯାହା ସାର୍ବଜନୀନ ସୁରକ୍ଷା ସର୍ବୋତମ ଅଭ୍ୟାସଗୁଡ଼ିକୁ ମିଶ୍ରଣ କରେ। ଏହା ସହିତ ଆମାଜନ ଭଳି କମ୍ପାନୀଗୁଡ଼ିକ ପ୍ରତିରକ୍ଷାକୁ ଆହୁରି ସୁଦୃଢ଼ କରୁଛନ୍ତି ଯଦ୍ୱାରା ଗ୍ରାହକମାନେ ସୁରକ୍ଷିତ ଭାବରେ କାରବାର କରିପାରିବେ। ଏସମ୍ପର୍କରେ ଆମାଜନ ଇଣ୍ଡିଆର ଭାଇସ ପ୍ରେସିଡେଂଟ ଲିଗାଲ୍ ରାକେଶ ବକ୍ସି କହିଛନ୍ତି, 'ଦେୟ ଦେବା ପୂର୍ବରୁ ୱେବସାଇଟ୍ ଯାଂଚ କରିବା, ମଲ୍ଟିଫ୍ୟାକ୍ଟର ପ୍ରମାଣୀକରଣ ଚାଲୁ କରିବା, ବ୍ୟାଙ୍କ ଷ୍ଟେଟମେଂଟ ଯାଂଚ କରିବା ଏବଂ କିଛି ସନ୍ଦେହଜନକ ରିପୋର୍ଟ କରିବା ଭଳି କିଛି ଅଭ୍ୟାସ ବିପଦକୁ ବହୁ ମାତ୍ରାରେ ହ୍ରାସ କରେ। ଆମେ ପରଦା ପଛରେ ଆମର ଭୂମିକା ନିର୍ବାହ କରୁଛୁ। ଆମାଜନ ଭଳି କମ୍ପାନୀଗୁଡ଼ିକ ସୁରକ୍ଷିତ ଇମେଲ୍ ସିଗନାଲ, ସାର୍ବଜନୀନ-ଶିକ୍ଷା ସହଭାଗୀତା, ଏବଂ ସ୍କେଲରେ କ୍ରେତାମାନଙ୍କୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟ କରୁଥିବା ଉତ୍ସର୍ଗୀକୃତ ତଦନ୍ତକାରୀ ଏବଂ ମେସିନ୍ ଲର୍ଣ୍ଣିଂ ବିଶେଷଜ୍ଞମାନଙ୍କ ପାଇଁ ନିବେଶ କରୁଛନ୍ତି। କୌଣସି ପ୍ରମାଣପତ୍ର କିମ୍ବା ଦେୟ ବିବରଣୀ ପ୍ରବେଶ କରିବା ପୂର୍ବରୁ, ୟୁଆରଏଲ ଯାଂଚ କରନ୍ତୁ।

ଯଦି ଆପଣ ଏକ ଅର୍ଡର କିମ୍ବା ଆକାଉଂଟ ବିଷୟରେ ଏକ ବାର୍ତା ପାଆନ୍ତି, ତେବେ ଲିଙ୍କ୍ କ୍ଲିକ୍ କରନ୍ତୁ ନାହିଁ । କାରବାର ପାଇଁ ସାର୍ବଜନୀନ ୱାଇ-ଫାଇ ଏଡ଼ାନ୍ତୁ, ବିକ୍ରେତା ଏବଂ ରିଭ୍ୟୁ ଯାଂଚ କରନ୍ତୁ। ଅମାଜନ୍ ମଧ୍ୟରେ, ସାମାଜିକ ପ୍ଲାଟଫର୍ମରେ ପ୍ରସାରିତ ତୃତୀୟ-ପକ୍ଷ ଲିଙ୍କ୍ ପରିବର୍ତେ - ଅଫିସିଆଲ୍ ଆପ୍ ଅଭିଜ୍ଞତା ବ୍ୟବହାର କରନ୍ତୁ ।

# ଡେଲ୍ ପ୍ରୋ ଏସେନ୍ସିଆଲ ଲାପ୍‌ଟପ ଶୁଭାରମ୍ଭ

**ଭୁବନେଶ୍ୱର, ୯।୧୦ (ନି.ପ୍ର) :** ଡେଲ ଟେକ୍ନୋଲୋଜି ପକ୍ଷରୁ ଭାରତରେ ଦୁଇଟି ନୂଆ ଡେଲ ପ୍ରୋ ଲାପଟପ ଯଥା ଡେଲ ପ୍ରୋ ୧୪ ଏସେନ୍ସିଆଲ ଓ ଡେଲ୍ ପ୍ରୋ ୧୫ ଏସେନ୍ସିଆଲର ଶୁଭାରମ୍ଭ ଘୋଷଣା କରାଯାଇଛି । କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟ (ଏସଏମବି)ଗୁଡିକର ଆବଶ୍ୟକତା ପୂରଣ କରିବା ପାଇଁ ଡିଜାଇନ ହୋଇଥିବା ଏହି ଲାପଟପଗୁଡିକ ସୁଲଭ ମୂଲ୍ୟରେ ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା, ସ୍ଥାୟିତ୍ୱ ଓ ଦୀର୍ଘସ୍ଥାୟୀ ବ୍ୟାଟେରୀ ଲାଇଫ ପ୍ରଦାନ କରୁଛନ୍ତି। ୩୧,୯୯୯ ଟଙ୍କା ମୂଲ୍ୟରୁ ଆରମ୍ଭ ହେଉଥିବା ନୂଆ ପ୍ରୋ ଏସେନ୍ସିଆଲ ପୋର୍ଟଫୋଲିଓ ହେଉଛି ଏକ ଏଂଟ୍ରି-ଲେଭେଲ ବିଜ୍‌ନେସ୍ ପିସି ରେ ଯାହା ଏସଏମବିଗୁଡିକ ପାଇଁ ବ୍ୟାପକ ସ୍ତରରେ ଆଧୁନିକ ଟେକ୍ନୋଲୋଜି ଆଣିଛି। ଏହି ଲାପଟପ ଡେଲ ମ୍ୟାନେଜମେଂଟ ପୋର୍ଟାଲର ବ୍ୟବହାର କରି କ୍ଲାଉଡ-ଆଧାରିତ ଫ୍ଲିଟ ମ୍ୟାନେଜମେଂଟ ଓ ଆପ୍ଲିକେଶନ ପବ୍ଲିଶିଙ୍ଗ ପ୍ରଦାନ କରୁଛି।



ହାର୍ଡୱେୟାର-ଲେଭେଲ ଏନ୍‌କ୍ରିପଶନ, ଫିଙ୍ଗରପ୍ରିଂଟ ରିଡର ଓ ଲକ୍ ସ୍ଲଟ ଭଳି ଫିଚର ବ୍ୟବସାୟଗୁଡିକ ପାଇଁ ସୁରକ୍ଷିତ ପରଚାଳନା ନିଶ୍ଚିତ କରୁଛନ୍ତି । ସେହିପରି ମିଲିଟାରୀ-ଗ୍ରେଡ ଟେଷ୍ଟିଙ୍ଗ ଦୈନନ୍ଦିନ ବ୍ୟବହାର ପାଇଁ ଅତିରିକ୍ତ ନିର୍ଭରଯୋଗ୍ୟତା ପ୍ରଦାନ କରୁଛି। ନୂଆ ଡେଲ ପ୍ରୋ ୧୪ ଏସେନ୍ସିଆଲ (ଏଏମଡି), ଡେଲ ପ୍ରୋ ୧୪ ଏସେନ୍ସିଆଲ (ଇଂଟେଲ) ଓ ଡେଲ୍ ପ୍ରୋ ୧୫ ଏସେନ୍ସିଆଲ (ଏଏମଡି) ଏବଂ ଡେଲ୍ ପ୍ରୋ ୧୫ ଏସେନ୍ସିଆଲ (ଇଂଟେଲ) ବ୍ୟବସାୟ ଉପଭୋକ୍ତାଙ୍କ କ୍ରୟ ପାଇଁ ୩୧,୯୯୯ ଟଙ୍କାର ଏକ ପ୍ରାରମ୍ଭିକ ପ୍ରମୋସନାଲ ମୂଲ୍ୟରେ ଉପଲବ୍ଧ ହେଉଛି। ଡେଲ୍ ପ୍ରୋ ୧୫ ଏସେନ୍ସିଆଲ(ଇଂଟେଲ) ବିଳମ୍ବିତ ତାରିଖରେ ଲଂଚ କରାଯିବ।

ଏହି ଶୁଭାରମ୍ଭ ସମ୍ପର୍କରେ ଡେଲ ଟେକ୍ନୋଲୋଜିସ ଇଣ୍ଡିଆର କ୍ଲାଏଂଟ ସଲ୍ୟୁଶନ୍ସ ଗ୍ରୁପର ବରିଷ୍ଠ ନିର୍ଦ୍ଦେଶକ ଓ ସାଧାରଣ ପରିଚାଳକ ଇନ୍ଦ୍ରଜିତ ବେଲଗୁଣ୍ଡି କହିଛନ୍ତି, ' ଭାରତରେ ଏସଏମବିଗୁଡିକ ଦ୍ରୁତ ବେଗରେ ବିକଶିତ ଏକ ଦୁନିଆର ସାମ୍ନା କରୁଛନ୍ତି ଏବଂ ସଠିକ ଟେକ୍ନୋଲୋଜି ଏକ ପ୍ରକୃତ ଗେମ୍ ଚେର ହୋଇପାରିବ। ଆମର ନୂଆ ଡେଲ ପ୍ରୋ ୧୪ ଏସେନ୍ସିଆଲ ଓ ପ୍ରୋ ୧୫ ଏସେନ୍ସିଆଲ ଲାପଟପଗୁଡିକ ସହ ଆମେ ସୁଲଭ, ବ୍ୟବସାୟ-ଅନୁକୂଳ ସମାଧାନ ପ୍ରଦାନ କରୁଛୁ ଯାହାକୁ ସୁରକ୍ଷିତ ଓ ସରଳ ଆଇଟି ପରିଚାଳନା ସହ ଏମଏମବିଗୁଡିକୁ ସଶକ୍ତ କରିବା ପାଇଁ ଡିଜାଇନ କରାଯାଇଛି। ଏହି ଅଫରିଙ୍ଗ ସହିତ ଆମେ ପ୍ରତ୍ୟେକ ମୂଲ୍ୟ ବର୍ଗରେ ଚମତ୍କାର ମୂଲ୍ୟ ପ୍ରଦାନ କରୁଛୁ, ଯାହା ଆମର ଗ୍ରାହକ ଓ ସହଯୋଗୀମାନେ ଯେପରି ସେମାନଙ୍କ ଆବଶ୍ୟକତା ପାଇଁ ସର୍ବୋତମ ସମାଧାନ ପାଇଁ ପହଂଚ ପାଇପାରିବେ ତାହା ନିଶ୍ଚିତ କରିଥାଏ।

# ଟିପିଏନ୍‌ଓଡ଼ିଏଲ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ବ୍ୟାଟେରୀ ଚାଳିତ ଗାଡି ପ୍ରଦାନ

**ଭୁବନେଶ୍ୱର, ୯।୧୦ (ନି.ପ୍ର) :** ସାମାଜିକ ଦାୟିତ୍ୱବୋଧତା କ୍ଷେତ୍ରରେ ଆଉ ଏକ ଉଲ୍ଲେଖନୀୟ ଅଧ୍ୟାୟ ଯୋଡିଛି ଯଶଯଶ ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନିର୍ଦ୍ଦେଷ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନ୍‌ଓଡିଏଲ)। ଟିପିଏନ୍‌ଓଡିଏଲ ପକ୍ଷରୁ ଟାଟା ପାୱାର ପେ ଅଟେନସନ' ପ୍ରୋଗ୍ରାମ ଅଧୀନରେ ଦିବ୍ୟାଙ୍ଗମାନଙ୍କୁ ୬ଟି ବ୍ୟାଟେରୀ ଚାଳିତ ତିନି ଚକିଆ ଗାଡି ପ୍ରଦାନ କରାଯାଇଛି । ଯାହାକି ସେମାନଙ୍କ ନିତି ଦିନିଆ ଜୀବନ ଯାପନ ଶୈଳୀକୁ ସରଳ କରିବା ସହ ସେମାନଙ୍କ ପାଇଁ ଆତ୍ମନିର୍ଭରଶୀଳ ହେବାର ପନ୍ଥା ମଧ୍ୟ ସୃଷ୍ଟି କରିଛି। ବ୍ୟାଟେରୀ ଚାଳିତ ତିନି ଚକିଆ ଯାନରେ ସାମଗ୍ରୀ ନେବା ଆଣିବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଫଳ ସ୍ୱରୂପ ଦିବ୍ୟାଙ୍ଗମାନେ ବିଭିନ୍ନ ସଂସ୍ଥାରେ ଡେଲିଭରି ବୟ ଭାବେ କାର୍ଯ୍ୟ କରିବା ସହ ଆତ୍ମନିର୍ଭରଶୀଳ ହେବାର ପନ୍ଥା ପାଇ ପାରିବେ। ଟିପିଏନ୍‌ଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଜାନନ କାଲେଙ୍କ ପୌରହିତ୍ୟରେ କର୍ପୋରେଟ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗମାନଙ୍କୁ ବ୍ୟାଟେରୀ ଚାଳିତ ତିନି ଚକିଆ ଗାଡି ପ୍ରଦାନ କରାଯାଇଥିଲ।। ଏହି କାର୍ଯ୍ୟକ୍ରମରେ ଟପିଏନ୍‌ଓଡ଼ିଏଲ ବାଣିଜ୍ୟିକ ମୁଖ୍ୟ ଜୟଦୀପ ରୟ, ପରିଚାଳନା ମୁଖ୍ୟ ନୀଲେଶ ପୋଟଫଡେ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ଚୁକ୍ତି ଓ ମାଗ୍ରୀ ପରିଚାଳନା ମୁଖ୍ୟ ପରିଶ ଶର୍ମାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



# ଓ.ପି. ଜିନ୍ଦଲ ସ୍ମାରକୀ ମେଧା ବୃତ୍ତି ପାଇଁ ଆବେଦନ ଆହ୍ୱାନ

ଅନୁଗୁଳ,୯।୧୦(ନି.ପ୍ର.): ଜିନ୍ଦଲ ଷ୍ଟିଲର ପ୍ରତିଷ୍ଠାତା ଶ୍ରୀ ଓମ୍ ପ୍ରକାଶ ଜିନ୍ଦଲଙ୍କ ସ୍ମୃତିରେ ଜିନ୍ଦଲ ଫାଉଣ୍ଡେସନ ତରଫରୁ ଆର୍ଥିକ ଅନଗ୍ରସର ବର୍ଗର ମେଧାବୀ ଛାତ୍ରଛାତ୍ରୀମାନଙ୍କ ପାଇଁ - ଓପି ଜିନ୍ଦଲ ଷ୍ଟାର ଏବଂ ଓପି ଜିନ୍ଦଲ ଜୁଏଲ ନାମରେ ଦୁଇଟି ମେଧା ବୃତ୍ତି ପାଇଁ ଆବେଦନ ଆହ୍ୱାନ କରାଯାଉଛି । ଚଳିତ ବର୍ଷ ୧୦ମ ଶ୍ରେଣୀ ପାସ କରି +୨ ପ୍ରଥମ ବର୍ଷ (ବିଜ୍ଞାନ)ରେ ଅଧ୍ୟୟନ କରୁଥିବା ୭୭ଜଣ ଛାତ୍ର ଛାତ୍ରୀଙ୍କୁ ଓପି ଜିନ୍ଦଲ ଷ୍ଟାର ମେଧା ବୃତ୍ତି ପ୍ରଦାନ କରାଯିବ । ସେହିପରି +୨ (ବିଜ୍ଞାନ) ପାସ କରି ଇଂଜିନିୟରିଂ କିମ୍ବା ମେଡିକାଲ ଏବଂ ଆଇନ ଭଳି ସ୍ନାତକ ପାଠ୍ୟକ୍ରମରେ ଦେଶର ଯେ କୌଣସି ଅନୁଷ୍ଠାନରେ ଅଧ୍ୟୟନରତ ଥିବା ପ୍ରଥମ ବର୍ଷର ୩୧ ଜଣ ଛାତ୍ର ଛାତ୍ରୀଙ୍କୁ ଓ ପି ଜିନ୍ଦଲ ଜୁଏଲ ମେଧା ବୃତ୍ତି ପ୍ରଦାନ କରାଯିବ ।ଏଥି ନିମନ୍ତେ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ନିର୍ଦ୍ଧାରିତ ସର୍ତ୍ତ ପୂରଣ କରୁଥିବା ଛାତ୍ର ଛାତ୍ରୀଙ୍କୁ ଯୋଗ୍ୟତା ଆଧାରରେ ସେମାନଙ୍କ ଉଚ୍ଚ ଶିକ୍ଷା ନିମନ୍ତେ ମେଧାବୃତ୍ତି ପ୍ରଦାନ କରାଯିବ । ଓ.ପି ଜିନ୍ଦଲ ଷ୍ଟାର- ଓ.ପି ଜିନ୍ଦଲ ଷ୍ଟାର ମେଧା ବୃତ୍ତି ନିମନ୍ତେ ପ୍ରାର୍ଥୀ / ପ୍ରାର୍ଥିନୀ ଅନୁଗୁଳ ଜିଲ୍ଲାର ବଆଁରପାଳ କିମ୍ବା ଛେଣ୍ଡିପଦା ବ୍ଲକର ସ୍ଥାୟୀ ବାସିନ୍ଦା ହୋଇଥିବା ସହ ସରକାରୀ / ବେସରକାରୀ ସ୍କୁଲ କିମ୍ବା କଲେଜରେ +୨ (ବିଜ୍ଞାନ) ରେ ନାମ ଲେଖାଇଥିବେ। ଏଥି ନିମନ୍ତେ ଆବେଦନକାରୀ ଅଭିଭାବକ (ପିତା/ମାତା)ଙ୍କର ସମସ୍ତ ସୂତ୍ରରୁ ବାର୍ଷିକ ଆୟ ୨ ଲକ୍ଷ ଟଙ୍କାରୁ ଅଧିକ ହୋଇ ନଥିବ ଏବଂ ଆବେଦନକାରୀ ଅନ୍ୟ କୌଣସି ସୂତ୍ରରୁ ବୃତ୍ତି ପାଉନଥିବା ଆବଶ୍ୟକ। ଆବେଦନକାରୀ ଦଶମ ପରୀକ୍ଷାରେ ୭୫ % ନମ୍ବର ବା ତା ଠାରୁ ଅଧିକ ନମ୍ବର ରଖିଥିଲେ ଆବେଦନ କରିପାରିବେ ।ଓପି ଜିନ୍ଦଲ ଜୁଏଲସେହିପରି ଓପି ଜିନ୍ଦଲ ଜୁଏଲ ମେଧା ବୃତ୍ତି ନିମନ୍ତେ ପ୍ରାର୍ଥୀ / ପ୍ରାର୍ଥିନୀ ଅନୁଗୁଳ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ସହ ସେ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷା (JEE/NEET/CLAT) କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଯୋଗ୍ୟତା ହାସଲ କରିଥିବେ ଏବଂ ଆବେଦନକାରୀ ଅଭିଭାବକ (ପିତା/ମାତା)ଙ୍କର ସମସ୍ତ ସୂତ୍ରରୁ ବାର୍ଷିକ ଆୟ ୨ ଲକ୍ଷ ଟଙ୍କାରୁ ଅଧିକ ହୋଇ ନଥିବ ଏବଂ ଆବେଦନକାରୀ ଅନ୍ୟ କୌଣସି ସୂତ୍ରରୁ ବୃତ୍ତି ପାଉନଥିବା ଆବଶ୍ୟକ । ଆବେଦନକାରୀ +୨ ବାର୍ଷିକ ପରୀକ୍ଷାର ୬୫% ବା ତାଠାରୁ ଅଧିକ ନମ୍ବର ରଖିଥିଲେ ଆବେଦନ କରି ପାରିବେ । ଆବେଦନକାରୀ ଗୁଗୁଲ ଫର୍ମ ଲିଙ୍କ ରେ ଆବେଦନ କରିବେ (https://forms.gle/pNhGMErSpvjF8vfw9 ) ଏବଂ ଆବେଦନ ଫର୍ମ ପୂରଣ କରି ସବୁ ଦଲିଲର ନକଲ ୭ ନଭେମ୍ବର ୨୦୨୫ ସୁଦ୍ଧା ଔସଭୟବକ୍ଷ ଘସସ୍ୱକ୍ଷବ ଉ୫ଜ ଅଫିସରେ ଦାଖଲ କରିବେ । ଏହି ବୃତ୍ତି ହାସଲ କରିବା କ୍ଷେତ୍ରରେ ଦିବ୍ୟାଙ୍ଗ ପ୍ରାର୍ଥୀ / ପ୍ରାର୍ଥିନୀ ଏବଂ ଅନାଥ ପ୍ରାର୍ଥୀ / ପ୍ରାର୍ଥିନୀ ଙ୍କୁ ଅଗ୍ରାଧିକାର ପ୍ରଦାନ କରାଯିବ ବୋଲି ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ପ୍ରକାଶ କରାଯାଇଅଛି ଏବଂ ଏଥି ନିମନ୍ତେ ଇଛୁକ ପ୍ରାର୍ଥୀ /ପ୍ରାର୍ଥିନୀ ଅଧିକ ବିବରଣୀ ନିମନ୍ତେ ଜିନ୍ଦଲ ସିଏସଆର ବିଭାଗର ଅଧିକାରୀ ଶ୍ରୀ ତାପସ ମହାନ୍ତିଙ୍କୁ ମୋବାଇଲ ନମ୍ବର ୯୭୭୭୪୩୮୮୯ ରେ ଯୋଗାଯୋଗ କରି ପାରିବେ ।

# ରାଉରକେଲା ରେଳ ଷ୍ଟେସନରୁ 'ପିଏଲ୍ଏଫ୍ଆଇ'ର ୨ ସଦସ୍ୟ ଗିରଫ

ସୁନ୍ଦରଗଡ/ବନ୍ଧମୁଣ୍ଡା,୯।୧୦(ନି.ପ୍ର.): ରାଉଲକେଲା ରେଳ ଷ୍ଟେସନରୁ ଆଜି ପିପୁଲ୍ସ ଲିବେରେସନ୍ ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଲ୍ଏଫ୍ଆଇ'ର ଦୁଇଜଣ ସଦସ୍ୟ ଗିରଫ ହୋଇଛନ୍ତି। ରାଉଲକେଲା ଆରପିଏଫ୍ ଦ୍ୱାର ମାଓବାଦୀ ସଂଗଠନର ଏହି ଦୁଇ ସଦସ୍ୟ ଗିରଫ ହୋଇଛନ୍ତି। ଗିରଫ ପିଏଲ୍.ଏଫ୍.ଆଇ ସଦସ୍ୟମାନେ ଝାଡ଼ଖଣ୍ଡ ଲାତେହାର ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ଦୁଇଜଣ ପି.ଏଲ.ଏଫ.ଆଇ ସଦସ୍ୟ ଟ୍ରେନ ମାଧ୍ୟମରେ ଧାନବାଦରୁ ଝାରସୁଗଡା ପଟେ ଯାଉ ଥିବା ବେଳେ ସକାଳ ପ୍ରାୟ ୯ଟା ବେଳେ ଆରପିଏଫ ସେମାନଙ୍କୁ ଟ୍ରେନ କୋଚ୍‌ରୁ ଓହ୍ଲାଇ ରାଉଲକେଲା ଆରପିଏଫ ଥାନାରେ ରଖିଛି।




ଦୁଇଜଣ ପି.ଏଲ.ଏଫ.ଆଇ ସଦସ୍ୟ ଟ୍ରେନ ମାଧ୍ୟମରେ ଧାନବାଦରୁ ଝାରସୁଗଡା ପଟେ ଯାଉ ଥିବା ବେଳେ ସକାଳ ପ୍ରାୟ ୯ଟା ବେଳେ ଆରପିଏଫ ସେମାନଙ୍କୁ ଟ୍ରେନ କୋଚ୍‌ରୁ ଓହ୍ଲାଇ ରାଉଲକେଲା ଆରପିଏଫ ଥାନାରେ ରଖିଛି। ରାଉରକେଲା ପୁଲିସର ଏକ ଟିମ୍ ରାଉଲକେଲା ଆରପିଏଫ ଥାନାକୁ ପହଞ୍ଚି ଗିରଫ ପି.ଏଲ.ଏଫ.ଆଇ ସଦସ୍ୟମାନଙ୍କୁ ଜେରା କରିଥିବା ସୂଚନା ମିଳିଛି। ରାଉରକେଲା ପୁଲିସର ଏକ ଟିମ୍ ରାଉଲକେଲା ଆରପିଏଫ ଥାନାକୁ ପହଞ୍ଚି ଗିରଫ ପି.ଏଲ.ଏଫ.ଆଇ ସଦସ୍ୟମାନଙ୍କୁ ଜେରା କରିଥିବା ସୂଚନା ମିଳିଛି। ଦୁଇ ପି.ଏଲ.ଏଫ.ଆଇ ସଦସ୍ୟମାନେ ଗତ ୫ ତାରିଖ ରାତିରେ ଝାଡ଼ଖଣ୍ଡର ଲାତେହାର ଜିଲ୍ଲାର ଚାନ୍ଦୱା ଥାନା ଅଧିନସ୍ଥ ଟୋରି ରେଳବାଇ ଷ୍ଟେସନରେ ଥିବା କୋଇଲା ସାଇଡିଂରେ ଗୁଳି ଚଳାଇ ଥିଲେ। ଏହା ପର ଠାରୁ ଦୁଇଜଣ ଯାକ ଫେରାର ଥିଲେ। ମାତ୍ର ଆଜି ସକାଳେ ଧାନବାଦ ଏସପି ପ୍ରଭାତ କୁମାରଙ୍କ ଦ୍ୱାରା ଦିଆ ଯାଇଥିବା ସୂଚନା କ୍ରମେ ଦୁଇଜଣ ଯାକ ପି.ଏଲ.ଏଫ.ଆଇକୁ ଆରପିଏଫ ଟ୍ରେନରୁ ଉଦ୍ଧାର କରିଛି। ବର୍ତ୍ତମାନ ଉଭୟଙ୍କୁ ଆରପିଏଫ ହେପାଜତରେ ରଖା ଯାଇଅଛି।

# ଉପର ପଡ଼ିଆରେ ହେବ ଐତିହାସିକ ବାଲିଯାତ୍ରା : ହାଇକୋର୍ଟ

କଟକ,୯।୧୦(ନି.ପ୍ର.): : ଉପର ପଡିଆରେ ହେବ ଐତିହାସିକ ବାଲିଯାତ୍ରା। ଉପର ପଡିଆରେ ବାଲିଯାତ୍ରା ହେବାକୁ ନେଇ ମିଳିଲା ଅନୁମତି। ଉପର ପଡିଆରେ ବାଲିଯାତ୍ରାକୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ପୂର୍ବରୁ କେବଳ ତଳ ପଡିଆରେ ବାଲିଯାତ୍ରା କରିବାକୁ ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତିର ପୁନର୍ବିଚାର ପାଇଁ ପ୍ରଶାସନକୁ କରାଯାଇଥିଲା ଅନୁରୋଧ। ସବୁ ମହଲରୁ ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ଆଜି ହାଇକୋର୍ଟ ଉପର ପଡିଆରେ ବାଲିଯାତ୍ରା କରିବାକୁ ଅନୁମତି ଦେଇଛନ୍ତି।



ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଉପର ପଡ଼ିଆରେ ବାଲିଯାତ୍ରା ଆୟୋଜନ କରିବାରେ କୌଣସି ପ୍ରତିବନ୍ଧକ ନାହିଁ। ପ୍ରଶାସନ ଚାହିଁଲେ ଉପର ପଡ଼ିଆରେ ମଧ୍ୟ ବାଲିଯାତ୍ରା ଆୟୋଜନ କରିପାରିବ ବୋଲି କୋର୍ଟ ସ୍ପଷ୍ଟ ମତ ଦେଇଛନ୍ତି ।କୋର୍ଟ କେବେ ମଧ୍ୟ ଉପର ପଡ଼ିଆରେ ବାଲିଯାତ୍ରା ନ କରିବାକୁ ନିର୍ଦ୍ଦେଶ ଦେଇନଥିଲେ। ତତ୍କାଳୀନ ଡିସିପିଙ୍କ ଦ୍ୱାରା ଦାଖଲ ହୋଇଥିବା ସତ୍ୟପାଠ ଅନୁସାରେ, ଉପର ପଡ଼ିଆରେ ବାଲିଯାତ୍ରା ହେଲେ କିଛି ସମସ୍ୟା ହୋଇପାରେ ବୋଲି ଉଲ୍ଲେଖ ଥିଲା। କଟକ ଜିଲ୍ଲାପାଳ କୋର୍ଟକୁ ଅବଗତ କରାଇଛନ୍ତି ଯେ, ଉପର ପଡ଼ିଆରେ ଉଠା ଦୋକାନୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ତେବେ ଲୋକଙ୍କ ଭାବାବେଗ ଓ ପରମ୍ପରାକୁ ଦେଖି ନିଷ୍ପତ୍ତି ଗ୍ରହଣ କଲେ ହାଇକୋର୍ଟ।

# ଲେଭଲ୍ କ୍ରସିଂରେ ଅସାବଧାନତାପୂର୍ଣ୍ଣ ଗାଡିଚାଳନା ନେଇ ରେଳବାଇର ସହଯୋଗ ଆହ୍ୱାନ

ଭୁବନେଶ୍ୱର,୯।୧୦(ନି.ପ୍ର.): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଲେଭଲ୍ କ୍ରସିଂ (ଏଲ୍ସି) ଗେଟ୍ ଉଲ୍ଲଂଘନ ଏବଂ ସଡକ ଯାନ ଦ୍ୱାରା ଗେଟ୍ ଭାଙ୍ଗିବା ଘଟଣା ବୃଦ୍ଧି ଘଟଣା ସମ୍ବନ୍ଧରେ ଗମ୍ଭୀର ଚିନ୍ତା ପ୍ରକାଶ କରିଛି, ଯାହା କେବଳ ଜୀବନକୁ ବିପଦରେ ପକାଏନାହିଁ ବରଂ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ଟ୍ରେନ ସେବାରେ ବାଧା ଏବଂ ବିଳମ୍ବ ସୃଷ୍ଟି କରୁଛି ।

ଅନେକ କ୍ଷେତ୍ରରେ, ଫାଟକ ବନ୍ଦ ହେବା ପରେ କିମ୍ବା ବନ୍ଦ ହେଉଥିବା ସମୟରେ ମଧ୍ୟ ସଡକ ବ୍ୟବହାରକାରୀମାନେ ଜୋରଜବରଦସ୍ତି ଏଲ୍ସି ଗେଟ୍ ପାର କରିବାକୁ ଚେଷ୍ଟା କରନ୍ତି, ଯାହା ଫଳରେ ବୁମ୍ ବାରିୟର ଏବଂ ସିଗନାଲ ବିଫଳତା କ୍ଷତି ହୁଏ ଓ ଏହି ଦାୟିତ୍ୱହୀନ ଆଚରଣ ଟ୍ରେନ ଚଳାଚଳର ସମୟାନୁବର୍ତ୍ତିତାକୁ କ୍ଷତି ପହଞ୍ଚାଉଥିବାବେଳେ ଟ୍ରେନ ପରିଚାଳନାରେ ବାଧା ଏବଂ ଧନ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ ।୨୦୨୪ ମସିହାରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନରେ ଲେଭଲ କ୍ରସିଂ ଗେଟ୍ ଭାଙ୍ଗିବାର ମୋଟ ୧୧୩ଟି ଘଟଣା ରିପୋର୍ଟ କରାଯାଇଥିଲା ଯାହା ମଧ୍ୟରୁ ୯୨ ଜଣଙ୍କୁ ଗିରଫ କରାଯାଇଥିଲା।

୨୦୨୪ ମସିହାରେ (୮ ଅକ୍ଟୋବର ପର୍ଯ୍ୟନ୍ତ), ୮୮ଟି ଏପରି ଘଟଣା ରିପୋର୍ଟ କରାଯାଇଥିଲା ଏବଂ ୭୨ ଜଣଙ୍କୁ ଗିରଫ କରାଯାଇଥିଲା ।ସେହିପରି, ୨୦୨୫ ମସିହାରେ (୮ ଅକ୍ଟୋବର ପର୍ଯ୍ୟନ୍ତ), ୬୪ଟି ଲେଭଲ କ୍ରସିଂ ଗେଟ୍ ଭାଙ୍ଗିବା ଘଟଣା ରେକର୍ଡ କରାଯାଇଛି ଯେଉଁଥିରେ ଏପର୍ଯ୍ୟନ୍ତ ୪୭ ଜଣଙ୍କୁ ଗିରଫ କରାଯାଇଛି ।ଚଳିତ ବର୍ଷ (୨୦୨୫)ରେ, ବିଭିନ୍ନ ଅଞ୍ଚଳରେ ଏଲ୍ସି ଗେଟ୍



ଭାଙ୍ଗିବା ଘଟଣା । ଭୁବନେଶ୍ୱର ଅଞ୍ଚଳରେ ୧୧ଟି ଘଟଣା, ବ୍ରହ୍ମପୁର ଅଞ୍ଚଳରେ ୮ଟି ଘଟଣା, ପୁରୀ, ଭଦ୍ରକ ଏବଂ ଯାଜପୁର କେଉଁଝରେ ରୋଡ୍ ଅଞ୍ଚଳରେ ପ୍ରତ୍ୟକ ୭ଟି ଘଟଣା, କଟକ ଅଞ୍ଚଳରେ ୬ଟି ଘଟଣା, ପଲାସା ଏବଂ ଖୋର୍ଦ୍ଧା ରୋଡ୍ ଅଞ୍ଚଳରେ ପ୍ରତ୍ୟକ ୫ଟି ଘଟଣା ରିପୋର୍ଟ କରାଯାଇଅଛି।

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ନିରାପତ୍ତା ବିଭାଗ ଏବଂ ରେଳବାଇ ସୁରକ୍ଷା ବଳ (ଆରପିଏଫ) କର୍ମଚାରୀଙ୍କ ଦ୍ୱାରା ପରିଚାଳିତ କ୍ରମାଗତ ସଚେତନତା ଅଭିଯାନ ଏବଂ ଲେଭଲ୍ କ୍ରସିଂରେ ସଡକ ବ୍ୟବହାରକାରୀଙ୍କ ନିରନ୍ତର ପରାମର୍ଶ ପରେ ମଧ୍ୟ ନିୟମ ଉଲ୍ଲଂଘନକାରୀଙ୍କ ଦ୍ୱାରା ଏପରି ଘଟଣା ଜାରି ରହିଛି।

ଖୋର୍ଦ୍ଧା ରୋଡ଼ ରେଳ ପ୍ରଶାସନ ପୁଣି ଥରେ ଜନସାଧାରଣଙ୍କୁ ଲେଭଲ୍ କ୍ରସିଂ ନିକଟକୁ ଯିବା ସମୟରେ ସତର୍କତା ଅବଲମ୍ବନ କରିବା ସହ ରେଳବାଇକୁ ସହଯୋଗ କରିବାକୁ ଅନୁରୋଧ କରୁଛି ଓ ଟ୍ରେନ ଏବଂ ସଡକ ଯାନବାହାନ ଉଭୟର ନିରାପଦ ଏବଂ ସୁଗମ ଚଳାଚଳ ସୁନିଶ୍ଚିତ କରିବା ପାଇଁ ଜନସାଧାରଣଙ୍କ ସମର୍ଥନ ଅତ୍ୟନ୍ତ ଜରୁରୀ।

ଗତିଶୀଳ ଟ୍ରେନ ବ୍ରେକ୍ ଲଗାଇବା ପରେ ମଧ୍ୟ ତୁରନ୍ତ ଅଟକି ରହିପାରିନଥାଏ କାରଣ ଏହାର ଗତି ଏବଂ ଲୋଡ୍ ଉପରେ ନିର୍ଭର କରି ଏକ ନିର୍ଦ୍ଦିଷ୍ଟ ଦୂରତା ଅଟକିବା ଆବଶ୍ୟକ ହୋଇଥାଏ ଓ ତେଣୁ, ବନ୍ଦଥିବା କିମ୍ବା ବନ୍ଦ କରାଯାଉଥିବା ଲେଭଲ୍ କ୍ରସିଂ ଗେଟ୍ ଅତିକ୍ରମ କରିବାର ଯେକୌଣସି ପ୍ରୟାସ ବିପର୍ଯ୍ୟୟକୁ ନିମନ୍ତ୍ରଣ କରିଥାଏ ।ଏପରି ବେପରୁଆ କାର୍ଯ୍ୟ କେବଳ ଉଲ୍ଲଂଘନକାରୀ ଏବଂ ଯାତ୍ରୀଙ୍କ ଜୀବନକୁ ବିପଦରେ ପକାଇନଥାଏ ବରଂ ରେଳ ସମ୍ପତ୍ତିକୁ କ୍ଷତି ପହଞ୍ଚାଇଥାଏ ଯାହାଦ୍ୱାରା ଟ୍ରେନ ଚଳାଚଳରେ ବିଳମ୍ବ କରିଥାଏ ଓ ଯାତ୍ରୀ ଏବଂ ପଣ୍ୟବାହୀ ଟ୍ରେନଗୁଡ଼ିକର ସମୟାନୁବର୍ତ୍ତିତାକୁ ପ୍ରଭାବିତ କରିଥାଏ। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ରେଳ ଆଇନର ବ୍ୟବସ୍ଥା ଅନୁଯାୟୀ ଅପରାଧୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଓ ଜନସାଧାରଣଙ୍କୁ ସୁରକ୍ଷା ବିଷୟରେ ଶିକ୍ଷା ଦେବା ପାଇଁ ସମ୍ବେଦନଶୀଳ ଲେଭଲ୍ କ୍ରସିଂ ଗେଟ୍ ରେ ନିରନ୍ତର ସଚେତନତା ଅଭିଯାନ ଏବଂ ପରାମର୍ଶ କାର୍ଯ୍ୟକ୍ରମ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ ଆୟୋଜନ କରାଯାଉଛି ଓ ରେଳ ସୁରକ୍ଷା ବଳ (ଜଚର) ଏବଂ ସ୍ଥାନୀୟ ପ୍ରଶାସନ ଏହିପରି ଉଲ୍ଲଂଘନକୁ ବନ୍ଦ କରାଇବା ଏବଂ ସୁଗମ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସମନ୍ୱୟ ସହ କାର୍ଯ୍ୟ କରୁଛନ୍ତି । ପୂର୍ବତଟ ରେଳପଥ ପୁଣି ଥରେ ସମସ୍ତ ନାଗରିକଙ୍କୁ ରେଳ ସୁରକ୍ଷା ନିୟମ ପାଳନ କରିବାକୁ, ଲେଭଲ୍ କ୍ରସିଂରେ ଦାୟିତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ଏବଂ ନିରାପଦ, ସମୟାନୁବର୍ତ୍ତୀ ଏବଂ ଦକ୍ଷ ଟ୍ରେନ ସେବା ବଜାୟ ରଖିବାରେ ସାହାଯ୍ୟ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରୁଛି ।

# ସୋଆ ଛାତ୍ରଛାତ୍ରୀଙ୍କ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ୨୦୨୫ ଅନୁଷ୍ଠିତ

ଭୁବନେଶ୍ୱର,୯।୧୦(ନି.ପ୍ର.): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଅଧିନସ୍ଥ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବେ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ୨୦୨୫ ଆୟୋଜିତ ହୋଇଯାଇଛି। ନିକଟରେ ବିଭିନ୍ନ ଦିବସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋଆର ବିଭିନ୍ନ ଶିକ୍ଷାନୁଷ୍ଠାନର ଅଣ୍ଡରଗ୍ରାଜୁଏଟ୍, ପୋଷ୍ଟ ଗ୍ରାଜୁଏଟ୍ , ଡିଏମ୍ ଏବଂ ଏମ୍‌ସିଏଚ୍ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ସେପ୍ଟେମ୍ବର ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ବୁଧବାର ଶେଷ ହୋଇଥିବା ବେଳେ ପ୍ରାୟ ୪୦୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଡିଗ୍ରୀ ଗ୍ରହଣ କରିଥିବା ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସୂଚନା ଦେଇଛନ୍ତି।

ବୁଧବାର ସୋଆ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନଆଇଏଲ୍)ରୁ ଆଇନ୍ ପାଠ୍ୟକ୍ରମରେ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର କ୍ୟାମ୍ପସ୍‌ରେ ଆୟୋଜିତ ଗ୍ରାଜୁଏସନ୍ କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ। ଏହି ଅବସରରେ ସୋଆର କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ, ଏସ୍‌ଏନ୍‌ଆଇଏଲ୍‌ର ଡିନ୍ ପ୍ରଫେସର ଏସ୍. ଏ. କେ. ଆଜାଦ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ସିନିୟର ପ୍ରଫେସର ପ୍ରବୀର ପଟ୍ଟନାୟକ ଏବଂ ସିନିୟର ପ୍ରଫେସର ମଧୁସୁଦନ ଦାସଙ୍କ ସମେତ ବିଭାଗୀୟ ମୁଖ୍ୟ ଏବଂ ଫ୍ୟାକଲ୍ଟି ସଦସ୍ୟମାନେ ଉପସ୍ଥିତ ଥିଲେ।

ପୂର୍ବରୁ ସୋଆ କୃଷି ମହାବିଦ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ଏହି ଅବସରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି.କେ. ରାଉଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସୋଆ କୁଳପତି, ଉପକୁଳପତି ପ୍ରଫେସର (ଡାକ୍ତର) ନୀତା ମହାନ୍ତି, କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ ଏବଂ ଛାତ୍ର ମଙ୍ଗଳ ଡିନ୍‌ଙ୍କ ସମେତ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏବଂ ବିଭାଗୀୟ ମୁଖ୍ୟ ଓ ଫ୍ୟାକଲ୍ଟି ସଦସ୍ୟମାନେ ଉପସ୍ଥିତ ଥିଲେ।

# 'କୋଲଡ୍ରିଫ' କଫ୍ ସିରପ୍ ନିର୍ମାତା କମ୍ପାନୀର ଲାଇସେନ୍ସ ରଦ୍ଦ

ନୂଆଦିଲ୍ଲୀ: ପିଲାଙ୍କ ପ୍ରାଣ ନାଶକ 'କୋଲଡ୍ରିଫ୍' କଫ୍ ସିରପ୍ ଯୋଗୁଁ ଅତି କମରେ ୨୨ ଜଣ ଶିଶୁଙ୍କ ମୃତ୍ୟୁ ପରେ ଶ୍ରୀସାନ୍ ଫାର୍ମାସିଟିକାଲ୍ସ କମ୍ପାନୀ ବିରୁଦ୍ଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଶ୍ରୀସାନ୍ ଫାର୍ମାସିଟିକାଲ୍ସ କମ୍ପାନୀର ଲାଇସେନ୍ସ ରଦ୍ଦ କରିଛନ୍ତି ତାମିଲନାଡୁ ସରକାର । ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମା ସୁବ୍ରମଣ୍ୟମ୍ ଗୁରୁବାର ଘୋଷଣା କରିଛନ୍ତି । ଏହା ପୂର୍ବରୁ କମ୍ପାନୀର ମାଲିକ ଜି. ରଙ୍ଗନାଥନଙ୍କୁ ଗିରଫ କରାଯାଇଛି । ତାମିଲନାଡୁ ସ୍ୱାସ୍ଥ୍ୟ ମନ୍ତ୍ରୀ ମା ସୁବ୍ରମଣ୍ୟମ୍ କହିଛନ୍ତି ଯେ କୋଲଡ୍ରିଫ୍ କଫ୍ ସିରପ୍ ପ୍ରସ୍ତୁତ କରୁଥିବା କମ୍ପାନୀ ଶ୍ରୀସାନ୍ ଫାର୍ମାସିଟିକାଲର ଲାଇସେନ୍ସ ସ୍ଥାୟୀ ଭାବରେ ବାତିଲ କରାଯିବ । ତଦନ୍ତ ଚାଲିଥିବାରୁ ଶ୍ରୀସାନ୍ କମ୍ପାନୀର ଲାଇସେନ୍ସ ବର୍ତ୍ତମାନ ଅସ୍ଥାୟୀ ଭାବରେ ସ୍ଥଗିତ ରଖାଯାଇଛି । ପୋଲିସ ଟିମ୍ କାଞ୍ଚିପୁରମର ସୁଙ୍ଗୁଭାରଚନ୍ଦ୍ରମ୍‌ରେ ଥିବା କମ୍ପାନୀର ଉତ୍ପାଦନ ପ୍ଲାଣ୍ଟ ମଧ୍ୟ ଯାଞ୍ଚ କରିବ । ବର୍ତ୍ତମାନ, ତାମିଲନାଡୁ, କେରଳ, ମଧ୍ୟ ପ୍ରଦେଶ, ପଞ୍ଜାବ ଏବଂ ଅରୁଣାଚଳ ପ୍ରଦେଶ ସମେତ ଅନେକ ରାଜ୍ୟ କୋଲଡ୍ରିଫ୍ କଫ୍ ସିରପ୍ ବିକ୍ରୟ ଉପରେ ନିଷେଧ କରିଛନ୍ତି । ତେଲେଙ୍ଗାନା, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ର ଭଳି ଅନ୍ୟାନ୍ୟ ରାଜ୍ୟ ମଧ୍ୟ ସତର୍କତା ଜାରି କରିଛନ୍ତି । ମଧ୍ୟପ୍ରଦେଶ ପୋଲିସ 'କୋଲଡ୍ରିଫ୍' କଫ୍ ସିରପ୍ ମାମଲାରେ ସ୍ଥାନୀୟ ପୋଲିସ ସହାୟତାରେ ଶ୍ରୀସାନ୍ ଫାର୍ମାସିଟିକାଲ୍ସର ମାଲିକ ଏସ. ରଙ୍ଗନାଥନଙ୍କୁ ଗିରଫ କରିଛି । ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ମଧ୍ୟପ୍ରଦେଶର ଛିନ୍ଦୱାଡା ଜିଲ୍ଲାକୁ ନିଆଯିବ । ମଧ୍ୟପ୍ରଦେଶରେ 'କୋଲଡ୍ରିଫ୍' କଫ୍ ସିରପ୍ ସେବନ ଯୋଗୁଁ ସର୍ବାଧିକ ଶିଶୁ ମୃତ୍ୟୁ ମାମଲା ସାମ୍ନାକୁ ଆସିଛି । ରଙ୍ଗନାଥନଙ୍କ ବିରୁଦ୍ଧରେ ଔଷଧରେ ଅପମିଶ୍ରଣ ଏବଂ ଡ୍ରଗ୍ସ ଓ କସମେଟିକ୍ସ ଆଇନର ଉଲ୍ଲଂଘନ ଅଭିଯୋଗ ଆସିଛି।

# ନୂଆପଡ଼ାରେ ୨.୫୩ ଲକ୍ଷ ମତଦାତା

ନୂଆପଡ଼ା,୯।୧୦(ନି.ପ୍ର.): ଉପନିର୍ବାଚନକୁ ମାସେ ବାକି ଥିବାବେଳେ ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । ଗୁରୁବାର ସମସ୍ତ ରାଜନୈତିକ ଦଳଙ୍କ ଉପସ୍ଥିତିରେ ଜିଲ୍ଲାପାଳ ମତଦାତାଙ୍କ ତାଲିକା ଘୋଷଣା କରିଛନ୍ତି । ନୂଆପଡ଼ାରେ ମୋଟ୍ ଭୋଟର ୨ ଲକ୍ଷ ୫୩ ହଜାର ୬୨୪ ଜଣ ମତଦାତା ରହିଛନ୍ତି । ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୨୪ ହଜାର ୧୦୮ ଜଣ ପୁରୁଷ, ୧ ଲକ୍ଷ ୨୯ ହଜାର ୪୯୫ ମହିଳା, ୧୭୮୬ ଜଣ ବରିଷ୍ଠ ନାଗରିକ, ୯୪୨୯ ଯୁବ ଭୋଟର ଏବଂ ୩୯୮୮ ଭିନ୍ନକ୍ଷମ ମତଦାତା ରହିଛନ୍ତି । ବିଜେଡ଼ି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ୭୧ ନମ୍ବର ଆସନ ନୂଆପଡ଼ା ଖାଲି ରହିଛି। ଆସନ୍ତା ନଭେମ୍ବର ୧୧ ତାରିଖରେ ନୂଆପଡ଼ା ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ । ନଭେମ୍ବର ୧୪ ତାରିଖରେ ମତ ଗଣନା କରାଯାଇ ଫଳାଫଳ ପ୍ରକାଶ ପାଇବ । ଅକ୍ଟୋବର ୧୩ ଉପନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ । ଅକ୍ଟୋବର ୨୦ରେ ଆଶାୟୀ ପ୍ରାର୍ଥୀମାନଙ୍କ ପାଇଁ ନାମାଙ୍କନ ଦାଖଲ କରିବାର ଶେଷ ଦିନ ରହିବ । ଅକ୍ଟୋବର ୨୨ ତାରିଖରେ ନାମାଙ୍କନ ଯାଞ୍ଚ କରାଯିବ । ଅକ୍ଟୋବର ୨୪ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାର ଶେଷ ତାରିଖ ରହିବ ।

# ୧୪ରୁ ଆଶାକର୍ମୀ ସଂଘର କାର୍ଯ୍ୟ ବନ୍ଦ ଓ ଅନଶନ

ନବରଙ୍ଗପୁର,୯/୧୦(ନିପ୍ର): ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡିଶା ରାଜ୍ୟ ଆଶା କର୍ମୀ ସଂଘ, ନବରଙ୍ଗପୁର ଜିଲା ତରଫରୁ କାର୍ଯ୍ୟ ବନ୍ଦ କରିବା ଓ ଜିଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବାକୁ ନିଷ୍ପତ୍ତି ନେଇଛି। ଗୋଟିଏ ମାସରୁ ଅଧିକ ସମୟ ହୋଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ପୁଣି ଥରେ ଆନ୍ଦୋଳନ କୁ ଓଲ୍ଲାଇବାକୁ ସଂଘ ନିଷ୍ପତି ନେଇଥିବା ପ୍ରକାଶ କରିଛନ୍ତି । ଆସନ୍ତା ତା ୧୪ ତାରିଖ ରୁ ପୁଲିସ ପଡିଆ ଠାରୁ ଏକଶୋଭା ଯାତ୍ରା ବାହାରି ଜିଲାପାଳଙ୍କ ବାସଗୃହ କାର୍ଯ୍ୟାଳୟ ଘେରାଉ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏବଂ ତା ୧୫ ତାରିଖରୁ ଜିଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରାଯିବ ବୋଲି ପ୍ରକାଶ କରିଛନ୍ତି କ୍ଷ ପ୍ରକାଶ ଥାଉ କିଗତ ତା ୩୦.୦୮.୨୦୨୫ ରିଖରେ ଘଟିଥିବା ଉମରକୋଟ ବ୍ଲକ୍, ବଡବାସିନି ଗ୍ରାମର ଆଶାକର୍ମୀ ଦମୟନ୍ତି ଭତରାଙ୍କ ଉମରକୋଟ ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼ାକ୍ତର ସାଗରିକା ସ୍ୱାଇଁଙ୍କ ଅବହେଳା ଯୋଗୁଁ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟକୁ ରେଫେର ହୋଇ ନବରଙ୍ଗପୁର ଆସୁଥିବା ସମୟରେ ଡାବୁଗାଁ ରାସ୍ତା ପାଖରେ ଗର୍ଭରେ ଥିବା ଛୁଆ ଓ ମାଙ୍କରମୃତ୍ୟୁ ହୋଇଥିଲା । ଏହାକୁ ନେଇ ୦୧.୦୯.୨୦୨୫ରିଖ ସମୋବାର ଦିନ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ର ଛକରେ ଦମୟନ୍ତୀଭତରାଙ୍କ ଶବକୁ ରଖି ଆନ୍ଦୋଳନ କରାଯାଇଥିଲା ।ସେହି ସମୟରେ ମ୍ୟୁନିସିପାଲିଟିରେ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅତିରିକ୍ତ ତହସିଲଦାର ଆସି ଲିଖିତ ଆକାରରେ ୦୮.୦୯.୨୦୨୫ରିଖ ସୁଧା କାର୍ଯ୍ୟାନୁଷ୍ଠାନ କରିବା ପାଇଁପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରତିଶ୍ରୁତି ମୁତାବକ



କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଇଥିବାରୁ ଗତ ୦୩.୦୯. ୨୦୨୫ରିଖରେ ଆଶାକର୍ମୀ ସଂଘ ତରଫରୁ ନବରଙ୍ଗପୁର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୁଣି ତା୧୨.୦୯.୨୦୨୫ରିଖରେ ଜିଲାମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରି ପାଞ୍ଚ ଦଫା ଦାବୀ ପତ୍ର ପ୍ରଦାନ କରାଯାଇଥିଲା ଓ ଆସନ୍ତା ୦୫.୧୦.୨୦୨୫ରିଖ ସୁଧା କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ କାର୍ଯ୍ୟବନ୍ଦ ଆନ୍ଦୋଳନକରିବାକୁ ମୌଖିକ ଭାବେ କୁହା ଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଜିଲା ପ୍ରଶାସନ ତରଫରୁ କିମ୍ବା ରାଜ୍ୟ ସରକାରଙ୍କ ତରଫରୁ ଡ଼ାକ୍ତର ସାଗରିକା ସ୍ୱାଇଁଙ୍କ ଉପରେ କୌଣସି ପ୍ରକାର ପଦକ୍ଷେପ ନିଆଯାଇ ନାହିଁ କ୍ଷ ସେହି ଡ଼ାକ୍ତର ଙ୍କୁ ନିଲମ୍ବନ କରି ତୁରନ୍ତ ଗିରଫ କରାଯାଉ କ୍ଷ ନବରଙ୍ଗପୁର ଜିଲାର ଆଶାକର୍ମୀମାନଙ୍କୁ ଡାକ୍ତର ଖାନାରେ ଦୁର୍ବ୍ୟବହାର କରାଯାଉଛି ତାହା ବନ୍ଦ କରାଯାଉ ।ନବରଙ୍ଗପୁର ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶାକର୍ମୀଙ୍କ ପାଇଁ ବିଶ୍ରାମ ଗୃହତିଆରି କରାଯାଉ ।ନବରଙ୍ଗପୁର ଜିଲାର ସମସ୍ତ ଆଶାକର୍ମୀଙ୍କ ପ୍ରାପ୍ୟ ୧ ତାରିଖରୁ ୧୦ ତାରିଖ ମଧ୍ୟରେଦିଆଯାଉ ।ନବରଙ୍ଗପୁର ଜିଲାର ଆଶାକର୍ମୀମାନଙ୍କୁ ଲେବର ରୁମକୁ ଯିବାକୁ ମନା କରାଯାଉଛି, ଲେବର ରୁମକୁଯିବାକୁ ଅନୁମତି ଦିଆଯାଉ କାରଣ ଆଶା ଫର୍ମ ଫିଲାପରେ ସୁବିଧା ହେବ। ଆଶାକର୍ମୀ ମାନଙ୍କୁ ସରକାରୀକର୍ମଚାରୀ ରୁପେ ଘୋଷଣା କରାଯାଉ, ଯେ ପର୍ଯ୍ୟନ୍ତ କରାଯାଇ ନାହିଁ ସେ ପର୍ଯ୍ୟନ୍ତ ୨୪ ହଜାର ଟଙ୍କା ବେତନଦିଆଯାଉ ।ଆଶାକର୍ମୀ ମାନଙ୍କୁ ଦୁର୍ଘଟଣା ଜନିତ ମୃତ୍ୟୁ ହେଲେ ଦଶ ଲକ୍ଷ ଓ ସ୍ୱାଭବିକ ମୃତ୍ୟୁ ହେଲେ ପାଞ୍ଚ ଲକ୍ଷଟଙ୍କା ଦିଆଯାଉ। ଆଶାକର୍ମୀ ମାନଙ୍କୁ ଅବସର କାଳିନ ସହାୟତା ରାଶି ପାଞ୍ଚ ଲକ୍ଷ ଟଙ୍କା ଓ 'ମାସିକ ପେନସନବାବଦକୁ ପାଞ୍ଚ ହଜାର ଟଙ୍କା ଦିଆଯାଉ। ଏମିତି ଆଠ ଦଫା ଦାବି ନେଇ ରାଜରାସ୍ତା କୁ ଓଲ୍ଲାଇ ବାକୁ ଆଶା ସଂଘ ନିଷ୍ପତି ନେଇଛି । ଯେତେ ଦିନ ପର୍ଯ୍ୟନ୍ତ ସମାଧାନ ହୋଇ ନାହିଁ ସେତିକି ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ସୂଚନା ଦେଇଛି । ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକରେ ଏଥିରେ ଭାରତୀୟ ମଜଦୁର ସଂଘ ଜିଲା ସଭାପତି ବାଙ୍କ ବିହାରୀ ବିଷୋୟୀ, ଉପଦେଷ୍ଟା ପରମେଶ୍ୱର ବିଷୋୟୀ,ଆଶା କର୍ମୀ ସଂଘ ଜିଲା ସଭାନେତ୍ରୀ କବିତା ସ୍ୱାଇଁ,ସମ୍ପାଦିକା ଗୀତାଞ୍ଜଳି ହରିଜନ ଙ୍କର ସମେତ ଜିଲ୍ଲା ଓ ବ୍ଲକ କର୍ମକର୍ତ୍ତା। ଓ ଅନେକ ଆଶା କର୍ମୀ ମାନେ ଉପସ୍ଥିତ ଥିଲେ ।

# ଓଭରବ୍ରିଜ ନିର୍ମାଣ ପାଇଁ ଦାବି

ଜଳେଶ୍ୱର,୯/୧୦(ନିପ୍ର): ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପବିତ୍ର ଜୟନ୍ତୀର ଶୁଭ ଅବସରରେ ଜଳେଶ୍ୱର ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ତରଫରୁ ଏକ ନିଆରା ପ୍ରୟାସ କରା ଯାଇଛି । ଜଳେଶ୍ୱର ରେଳ ଷ୍ଟେସନ ଉତ୍ତର କେବିନ ନିକଟରେ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଜଳେଶ୍ୱର ବାସୀଙ୍କ ଦୀର୍ଘ ଦିନର ଦାବୀକୁ ଆଜି ମଞ୍ଚ ପକ୍ଷରୁ ରେଳ ଫାଟକ ନିକଟରେ ଗୋପବନ୍ଧୁଙ୍କ ଫୋଟଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ଦସ୍ତଖତ ଅଭିଯାନ ଜରିଆରେ ଜୋରଦାର ଭାବେ ଉପସ୍ଥାପନ କରାଯାଇ ଅଛି । ପ୍ରକାଶ ଥାଉକି ଏହି ରେଳ ଫାଟକ ଦେଇ ଯାତାୟତ କରୁଥିବା ଜଳେଶ୍ୱର ବ୍ଲକର ୧୧ଟି ପଞ୍ଚାୟତ,ଜଳେଶ୍ୱର ମ୍ୟୁନିସିପାଲଟିର ୨ଟି ୱାର୍ଡ, ଭୋଗରାଇ, ବାଲିଆପାଳ ଓ ବସ୍ତା ବ୍ଲକର ହଜାରହଜାର ଲୋକ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି । ରେଳ ଫାଟକ ବହୁ ସମୟ ବନ୍ଦ ରହିବା ଫଳରେ କୃଷକ, ବ୍ୟବସାୟୀମାନେ ନୈନିକ ବଜାରରେ କ୍ରୟ- ବିକ୍ରୟ କରିବା, ସାଧାରଣ ଲୋକେ ବ୍ଲକ-ତହସିଲ- ମ୍ୟୁନିସିପାଲଟି ଅଫିସକୁ ଯିବା, ଯାତ୍ରୀମାନେ ବସ - ଟ୍ରେନ ଧରିବା ପାଇଁ ଯିବା, ଛାତ୍ରଛାତ୍ରୀମାନେ ସ୍କୁଲ- କଲେଜକୁ ଯିବା - ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଆଜି ଏହି ଫାଟକ ନିକଟରେ ଦସ୍ତଖତ ଅଭିଯାନ ପରିପ୍ରେକ୍ଷୀରେ ସଭାପତି ଡକ୍ଟର ରମାକାନ୍ତ ଭଞ୍ଜଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସଭାରେ ସମ୍ପାଦକ ଡକ୍ଟର ଲଳିତ ରଞ୍ଜନ ସେନାପତି , କାର୍ଯ୍ୟକାରୀ ସଭାପତି ଭାସ୍କର ମିଶ୍ର, ଉପସଭାପତି କପିଳେଶ୍ୱର ମହନ୍ତି,ସହ ସମ୍ପାଦକ ଶ୍ରୀମନ୍ତ କୁମାର ଘୋଷ,ବରିଷ୍ଠ ସଦସ୍ୟ ଦିଲ୍ଲିପ କୁମାର ଗିରି,ସିତାଂଶୁ ସେନାପତି, ସିଦ୍ଧ ?ଶ୍ୱର ତ୍ରିପାଠୀ, ଅପର୍ଣ୍ଣା ଚୌଧୁରୀ,ସୁନିଲ କୁମାର ନାୟକ, ସୁଧୀର କୁମାର ମହାନ୍ତି, ଜ୍ୟୋତିଷ ଚନ୍ଦ୍ର କର,ଡ.ପ୍ରଭାସ ଚନ୍ଦ୍ର ଗିରି,ଡ.ନିଶିକାନ୍ତ ଗିରି,କାଳିଚରଣ ପୃଷ୍ଟି,ଦୁର୍ଯ୍ୟୋଧନ ପୃଷ୍ଟି, ସୁନିଲ ଗିରି, ଗିରିଧାରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଗୋପବନ୍ଧୁଙ୍କ ପୂଣ୍ୟ ଜୟନ୍ତୀ ତିଥିରେ ଗୋପବନ୍ଧୁଙ୍କ ସେବା ଓ ତ୍ୟାଗକୁ ପ୍ରତ୍ୟେକେ ନିଜ ଜୀବନର ବ୍ରତ ରୂପେ ପାଳନ କରିବା ପାଇଁ ବାର୍ତ୍ତା ପ୍ରଦାନ କରିଥିଲେ।

# ପୋଖରୀରୁ ମାନସିକ ବିକାରଗ୍ରସ୍ତ ନାବାଳକର ମୃତଦେହ ଉଦ୍ଧାର

ନିଆଳି,୯/୧୦(ନିପ୍ର): ନିଆଳି ଥାନା ଅଧିନସ୍ତ ଷଢାଶଂ ପଂଚାୟତ କରାଙ୍ଗ ଗ୍ରାମର ଯୁଗଳ କିଶୋର ସାସେନୀଙ୍କ ନା ବାଳକ ପୁଅ ଶୁଭମ ସାସେନୀ (୧୭) ଚାରି ଦିନ ତଳେ ନିଖୋଜ ଥିବା ନେଇ ବାପା ନିଆଳି ଥାନା ରେ ଅଭିଯୋଗ କରିଥିଲେ। ୯ ତାରିଖ ଗୁରୁବାର ଦିନ ଘର ପାଖ ପୋଖରୀରୁ ମୃତ ଦେହ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ବାପାଙ୍କ ଅଭିଯୋଗ ଆଧାରରେ ନିଆଳି ଥାନା ପୋଲିସ ୪୭୯/୨୫ ରେ ମାମଲା ରୁଜୁ କରିଥିଲା। ଏବେ ପୋଖରୀ ରୁ ଶବ ମିଳିବା ଓ ବ୍ୟବଛେଦ ରିପୋର୍ଟ ଆସିବା ପରେ ଘଟଣା ର ସତ୍ୟା ସତ୍ୟ ଜଣାପଡିବ ବୋଲି ନିଆଳି ଥାନା ଆଇ ଆଇ ସି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ